୬ କ୍ରିକେଟରରୁ ଅଭିନେତା ସାଜିବେ ରାହୁଲ ଦ୍ରାବିଡ଼ !



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୨୦୬ ● ୨୩ ଅଗଷ୍ଟ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-206 ● 23rd August 2024, Friday ● Bhubaneswar
Licensed to post without pre-payment of postage No- BN-60/22-24

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଖର୍ଚ୍ଚ ଦାବି ପାରିତ

# ଡିସେମ୍ବର ସୁଦ୍ଧା ସବୁ ଶିକ୍ଷାନୁଷ୍ଠାନକୁ ଜମିପଟ୍ଟା

**ଭୁବନେଶ୍ୱର, ୨୨।୮**
**ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନକୁ ଜମିପଟ୍ଟା ପ୍ରଦାନ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବିଧାନସଭାରେ ଘୋଷଣା କରିଛନ୍ତି। ଗୁରୁବାର ଗୃହରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସର୍ବମୋଟ୍ ୧୭୬୮, ୫୪, ୩୮, ୦୦୦ ଟଙ୍କାର ଖର୍ଚ୍ଚ ଦାବି ବିଭାଗୀୟ ମନ୍ତ୍ରୀ ଶ୍ରୀ ପୂଜାରୀ ଆଗତ କରିଥିଲେ। ବିରୋଧୀ ଦଳର ପ୍ରତିବାଦ ଓ କକ୍ଷତ୍ୟାଗ ପରେ କେବଳ ଶାସକ ଦଳ ବିଜେପିର ବିଧାୟକମାନେ ଖର୍ଚ୍ଚ ଦାବି ଆଲୋଚନାରେ ଭାଗ ନେଇଥିଲେ।



ଆଲୋଚନାର ଉତ୍ତର ଦେଇ ରାଜସ୍ୱ ମନ୍ତ୍ରୀ କହିଥିଲେ ଯେ, ବିଗତ ୨୪ବର୍ଷରେ ବିଜେଡ଼ି ସରକାର ସମୟରେ ଅନେକ ଶିକ୍ଷାନୁଷ୍ଠାନ ଜମିପଟ୍ଟା ପାଇନାହାନ୍ତି। ଅନ୍ୟ ଜମିରେ ଶିକ୍ଷାନୁଷ୍ଠାନ ଚାଲିଛି। ମାତ୍ର ମୋହନ ମାଝୀ ସରକାର ଗ୍ରହଣ କରିଥିବା ନିଷ୍ପତ୍ତି ଅନୁସାରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ନାମରେ ଜମି ପଟ୍ଟା ପ୍ରଦାନ କରାଯିବ। ପ୍ରାଥମିକ ସ୍କୁଲଠାରୁ ଆରମ୍ଭ କରି ଏଆଇଆଇଏମ୍ଏସ୍ ଭଳି ଜାତୀୟସ୍ତରୀୟ ଅନୁଷ୍ଠାନ ଗୁଡିକୁ ଆବଶ୍ୟକତା ଅନୁସାରେ ଜମି ପଟ୍ଟା ପ୍ରଦାନ କରାଯିବ। ସେହିପରି ରାଜ୍ୟରେ ସମସ୍ତ ଭୂମିହୀନ ଓ ଘରଡିହ ହୀନ ଗରିବ ଲୋକମାନଙ୍କୁ ୪ ଡିସିମିଲି ଲେଖାଏଁ ଜମି ଆସନ୍ତା ୫ବର୍ଷ ମଧ୍ୟରେ ଯୋଗାଇ ଦିଆଯିବ। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପାଇଁ ସରକାରଙ୍କ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେବ। ସହରାଞ୍ଚଳରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ବିଗତ ସରକାର ଜମିର ମାଲିକାନା ଅଧିକାର ଦେବାକୁ ଘୋଷଣା କରି ଯେଉଁ ପଟ୍ଟା ବା କାଗଜ ଦେଇଥିଲେ ତାହା ଡୁପଲିକେଟ୍ ବୋଲି ବ୍ୟାଙ୍କ ଅଧିକାରୀ ଏବଂ ବିଡିଏ ଓ ଅନ୍ୟାନ୍ୟ ସଂସ୍ଥାର ଅଧିକାରୀମାନେ କହି ଗରିବ ଲୋକମାନଙ୍କୁ ଫେରାଇ *(ପୃଷ୍ଠା ୭ରେ)*

# ସାରା ଦେଶରେ ଡାକ୍ତରଙ୍କ ସୁରକ୍ଷା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୨।୮**

କୋଲକାତା ହରର ପରେ ସାରା ଦେଶରେ ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କ ସୁରକ୍ଷା ପାଇଁ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ଆନ୍ଦୋଳନରୁ ଫେରି ଡ୍ୟୁଟି କରିବାକୁ ଚାହୁଁଥିବା ମେଡିକାଲ କର୍ମଚାରୀ ଓ ଡାକ୍ତରଙ୍କୁ ସବୁ ପ୍ରକାରର ସୁରକ୍ଷା ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ଗୃହ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୁପ୍ରିମକୋର୍ଟ କୋଲକାତା ହରର ଶୁଣାଣି ବେଳେ କହିଛନ୍ତି ଯେ ଡାକ୍ତରଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏନେଇ କେନ୍ଦ୍ର ଗୃହ ସଚିବ ଓ ସ୍ୱାସ୍ଥ୍ୟ ସଚିବ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ। ଗୃହ ସଚିବ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ସଚିବ ଏବଂ ଡିଜିପିଙ୍କ ସହ ଡାକ୍ତରଙ୍କ ବୈଠକ ଡାକନ୍ତୁ। ସପ୍ତାହକ ମଧ୍ୟରେ ବୈଠକ ଡାକି ସରକାରୀ ହସ୍ପିଟାଲରେ ମେଡିକାଲ କର୍ମଚାରୀଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରନ୍ତୁ।

ବୈଠକର ଦୁଇ ସପ୍ତାହ ମଧ୍ୟରେ ରାଜ୍ୟଗୁଡ଼ିକ ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କ ସୁରକ୍ଷା ପାଇଁ ଆବଶ୍ୟକ ବନ୍ଦୋବସ୍ତ କରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୫ରେ ହେବ ବୋଲି ଦିନ ଧାର୍ଯ୍ୟ ହୋଇଛି।




କୋଲକାତା ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ଉପରେ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା। ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଡାକ୍ତରମାନଙ୍କୁ କାର୍ଯ୍ୟକୁ ଫେରିଯିବାକୁ ଆହ୍ୱାନ କରିଥିଲେ।

ଆଇନ ତା ବାଟରେ କାର୍ଯ୍ୟ କରୁଛି। ଡାକ୍ତରମାନେ ସେମାନଙ୍କ କାର୍ଯ୍ୟ ଜାରି ରଖିବା ଉଚିତ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏଥିସହ ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆନ୍ଦୋଳନରେ ଥିବା ଡାକ୍ତରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ଆଶ୍ୱାସନା ଦେଇଛନ୍ତି ସୁପ୍ରିମକୋର୍ଟ।

ଆରଜି କର ହସ୍ପିଟାଲରେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟାକୁ ନେଇ ହଜାର ହଜାର ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ସୁରକ୍ଷା ଦାବି କରି ରାଜରାସ୍ତାକୁ ଓହ୍ଲାଇଥିଲେ। ତେବେ ସୁପ୍ରିମକୋର୍ଟଙ୍କ ସୁରକ୍ଷା ନିର୍ଦ୍ଦେଶ ପରେ କିଛି ସ୍ଥାନରେ ୧୧ ଦିନ ଧରି ଚାଲିଥିବା ଆନ୍ଦୋଳନ ପ୍ରତ୍ୟାହୃତ ହେବା ଆରମ୍ଭ ହୋଇଛି।

## ୫ ଲକ୍ଷ ଘୋଷିତ ନକ୍ସଲ କମାଣ୍ଡରର ଆତ୍ମସମର୍ପଣ

**ମାଲକାନଗିରି, ୨୨।୮**
**ନ୍ୟୁଜ୍ ବ୍ୟୁରୋ**

ଛତିଶଗଡ ପୁଲିସ ନିକଟରେ ଆଉ ଜଣେ ହାର୍ଡକୋର ନକ୍ସଲ ଆତ୍ମସମର୍ପଣ କରିଛି । ଧମତରି ଜିଲ୍ଲା ଏସପି ଅଞ୍ଜନେୟ ବୈଷ୍ଣଙ୍କ ସମ୍ମୁଖରେ ସଂଗଠନର ଡେପୁଟି କମାଣ୍ଡର ଅଜୟ ଆତ୍ମସମର୍ପଣ କରିଛି। କାଙ୍କେର ଜିଲ୍ଲା ବାସିନ୍ଦା ଅଜୟକୁ ୨୬ ବର୍ଷ ହୋଇଥିବା ବେଳେ ୨୦୧୦ରେ ବାଲ ସଂଘମ ସଦସ୍ୟ ରୂପେ କାମ କରୁଥିଲା। ୨୦୧୭ରେ ଖଲ୍ଲାରୀ ଗ୍ରାମର ଜଣେ ଗ୍ରାମବାସୀକୁ ହତ୍ୟା କରି ଚର୍ଚ୍ଚାକୁ ଆସିଥିଲା। ୨୦୧୮ ମସିହାରେ ପୁଲିସ ଉପରେ ଆକ୍ରମଣ ଓ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ବୋମା ଖଞ୍ଜିଥିଲା। ୨୦୨୦ରେ ମେଚକା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିବା ଘଟଣାରେ ସାମିଲ ଥିଲା। ୨୦୨୧ରେ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଚିକିଟି ମଦ ମୃତ୍ୟୁ : ଆରଡିସି ସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୨।୮**
**ନ୍ୟୁଜ୍ ବ୍ୟୁରୋ**

ଚିକିଟି ମଦ ମୃତ୍ୟୁ ଘଟଣାରେ ଆରଡିସି ସ୍ତରୀୟ ତଦନ୍ତ ପାଇଁ ଗୁରୁବାର ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଗତ ୨ ଦିନ ଧରି ଚିକିଟି ମଦ ମୃତ୍ୟୁ ପ୍ରସଙ୍ଗକୁ ନେଇ ବିଧାନସଭାରେ ବିରୋଧୀ ଦଳ ହଟ୍ଟଗୋଳ ଜାରି ରଖିଛନ୍ତି । ବୁଧବାର ମୁଖ୍ୟ ବିରୋଧୀ ଦଳ ବିଜେଡି ଏହି ମଦ ମୃତ୍ୟୁ ଘଟଣାରେ ଆରଡିସିସ୍ତରୀୟ ତଦନ୍ତ ପାଇଁ ଦାବି କରିଥିଲା।

ଗୁରୁବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଚିକିଟି ମଦ ମୃତ୍ୟୁ ପ୍ରସଙ୍ଗରେ ବିରୋଧୀ ଗୃହରେ ହଟ୍ଟଗୋଳ କରିବା ଯୋଗୁ ଗୃହ ଚାଲିପାରି ନଥିଲା। ବାଚସ୍ପତି ୪ଟା ଯାଏଁ ଗୃହକୁ ମୁଲତବୀ ରଖିଥିଲେ । ଏସବୁ ଭିତରେ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଚିକିଟି ମଦ ମୃତ୍ୟୁ



ଘଟଣାରେ ଆରଡିସି ସ୍ତରୀୟ ତଦନ୍ତ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

ମନ୍ତ୍ରୀ ଆହୁରି କହିଛନ୍ତି, ଦୁଇଦିନ ଭିତରେ ତଦନ୍ତ ଆରମ୍ଭ ହେବ। ତଦନ୍ତର ରିପୋର୍ଟ ଦୁଇ ମାସ ମଧ୍ୟରେ ଆସିବ। ଏହି ରିପୋର୍ଟ ଆସିବା ପରେ ସଂପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାର ଏହି ଘଟଣାକୁ ନେଇ କଠୋର ଅଛନ୍ତି । କଠୋରତାର ସହକାରେ ନିଷ୍ପତ୍ତି ନେଉଛନ୍ତି। ଗତ ୨୦ ତାରିଖଠାରୁ ରାଜ୍ୟରେ ବିଭିନ୍ନ ସ୍ଥାନରେ ରେଡ କରାଯାଉଛି । ୨୧୭ଟି ବେଆଇନ ମଦ ଭାଟି ଚିହ୍ନଟ କରାଯାଇଛି । ସେଗୁଡ଼ିକ ମଧ୍ୟ ରେଡ କରାଯିବ। ବେଆଇନ ମଦ ଭାଟିକୁ ବୁଲଡୋଜର ସାହାଯ୍ୟରେ ଉଡ଼ାଇ ଦିଆଯିବ। ଆସନ୍ତା ବର୍ଷେ ଭିତରେ ବେଆଇନ ମଦ କାରବାର ବନ୍ଦ କରିଦିଆଯିବ। ଆମେ ରାଜ୍ୟବାସୀଙ୍କୁ ଏହି ଆଶ୍ୱାସନା ଦେଉଛୁ ବୋଲି ମନ୍ତ୍ରୀ କହିଛନ୍ତି।

ଚିକିଟି ଘଟଣାରେ କାର୍ଯ୍ୟରେ ଅବହେଳା ପାଇଁ ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କୁ ଅନ୍ୟତ୍ର ବଦଳି ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ବ୍ରହ୍ମପୁର ଅବକାରୀ ଇନ୍ସପେକ୍ଟର ରମେଶ ଚନ୍ଦ୍ର ମହାନ୍ତି ଓ ଏସ୍ଆଇ ପ୍ରସନ୍ନ କୁମାର ଜାଲିଙ୍କୁ ନିଲମ୍ବିତ କରାଯାଇଛି ବୋଲି ଆଇନ ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଏବେ ମିଳିବନି ମହଙ୍ଗା ମାଡ଼ରୁ ଆଶ୍ୱସ୍ତି : ଚେତାବନୀ ଦେଲା ଆରବିଆଇ

**ନୂଆଦିଲ୍ଲୀ, ୨୨।୮**

ଅର୍ଥ ମନ୍ତ୍ରଣାଳୟ ଏହାର ମାସିକ ଅର୍ଥନୈତିକ ସମୀକ୍ଷାରେ କହିଛି ଯେ ଦରଦାମ ହ୍ରାସ ପାଉଛି । କିନ୍ତୁ ଆଗାମୀ ଦିନରେ ଖାଦ୍ୟ ସାମଗ୍ରୀ ଦରଦାମ ହ୍ରାସ ପାଇବାର କୌଣସି ସମ୍ଭାବନା ନାହିଁ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ କହିଛି । ଘରୋଇ ବଜାରରେ ମହଙ୍ଗା ବଢିବାରେ ଲାଗିଛି । ତେଣୁ ଖାଦ୍ୟ ସାମଗ୍ରୀ ମୂଲ୍ୟ ଉପରେ ଚାପର ସମ୍ଭାବ୍ୟ ପ୍ରଭାବକୁ ଧ୍ୟାନରେ ରଖି ମୁଦ୍ରାନୀତିକୁ ସତର୍କ ରହିବାକୁ ପଡିବ।

୬-୮ ଅଗଷ୍ଟ ୨୦୨୪ ରେ ଅନୁଷ୍ଠିତ ମୁଦ୍ରା ନୀତି କମିଟି ବୈଠକ ପୂର୍ବରୁ ଆରବିଆଇ ମିନିଟ ପ୍ରକାଶ କରିଛି। ଏଥିରୁ ମିଳିଥିବା ସୂଚନା ଅନୁଯାୟୀ ଜୁଲାଇରେ ଖାଦ୍ୟ ସାମଗ୍ରୀ ମୂଲ୍ୟରେ ବୃଦ୍ଧି ଘଟିଛି । ମୂଳ ପ୍ରଭାବ ହେତୁ, ଦ୍ୱିତୀୟ ତ୍ରୈମାସରେ ସିପିଆଇ



ଦରଦାମ ହ୍ରାସ ପାଇପାରେ। କିନ୍ତୁ ତୃତୀୟ ତ୍ରୈମାସରେ ଦରଦାମ ବୃଦ୍ଧି ପାଇପାରେ। ଅସମାନ ପାଗ ଯୋଗୁଁ ଖାଦ୍ୟ ଦରଦାମ ପ୍ରଭାବିତ ହେବାର ଆଶଙ୍କା ଅଛି। ବୈଶ୍ୱିକ ଅଶାନ୍ତି ଯୋଗୁଁ ଅଶୋଧିତ ତୈଳ ଦର ହ୍ରାସ ପାଉଛି । ମୋବାଇଲ ରିଚାର୍ଜ ବୃଦ୍ଧି ମୂଳ ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି କରିପାରେ। ଘରୋଇ ମୁଦ୍ରାସ୍ଫୀତି ଆଶାଠୁ ଅଧିକ ବୃଦ୍ଧି ଘଟିଛି ଏବଂ ଗ୍ରାହକଙ୍କ ଆତ୍ମବିଶ୍ୱାସ ହ୍ରାସ ପାଇଛି।

ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି ଯେ ଜୁଲାଇରେ ଏବଂ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସରେ ହେଡଲାଇନ ମୁଦ୍ରାସ୍ଫୀତି କମ ରହିପାରେ। କିନ୍ତୁ ଖାଦ୍ୟ ଦରଦାମ ହ୍ରାସ ପାଇବା ଭଳି ମନେ ହେଉନାହିଁ । ଘରୋଇ ଦରଦାମର ବୃଦ୍ଧି ସମ୍ଭାବନା ରହିଛି, ତେଣୁ ମୁଦ୍ରା ନୀତି ଅତ୍ୟନ୍ତ ସତର୍କ *(ପୃଷ୍ଠା ୭ରେ)*

## ଶୃଙ୍ଖଳା ରକ୍ଷା ପାଇଁ ବାଚସ୍ପତିଙ୍କ ନିବେଦନ ସତ୍ତ୍ୱେ
# ବିରୋଧୀଙ୍କ ହଟଗୋଳ ନାରାବାଜିରେ କମ୍ପିଲା ଗୃହ

**ଭୁବନେଶ୍ୱର, ୨୨।୮ : ନ୍ୟୁଜ୍ ବ୍ୟୁରୋ**

ବାଚସ୍ପତି ସୁରମା ପାଢୀଙ୍କ ନିବେଦନ ସତ୍ତ୍ୱେ ବିରୋଧୀ ଦଳର ବିଧାୟକମାନଙ୍କ ତୁମୁଳ ହଟ୍ଟଗୋଳ, ଗୃହର ମଧ୍ୟ ଭାଗରେ ବାଚସ୍ପତିଙ୍କ ପୋଡିୟମ ସମ୍ମୁଖରେ ଉଚ୍ଚସ୍ୱରରେ ନାରାବାଜି ଚଳାଇବା ଏବଂ ପୋଡିୟମ ଉପରକୁ ଚଢିବା ପାଇଁ ଉଦ୍ୟମ ଜାରି ରଖିବା ଦ୍ୱାରା ଗୁରୁବାର ବିଧାନସଭାରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରଥମାର୍ଦ୍ଧ ବୈଠକରେ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟ ଭାଗକୁ ଆସି ସରକାର ବିରୋଧୀ ନାରାବାଜି କରିବାକୁ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ଯେଉଁଥିପାଇଁ ଗୃହକୁ ତିନିଥରରେ ଅପରାହ୍ନ ୪ଟା ଯାଏଁ ମୁଲତବୀ ଘୋଷଣା କରାଯାଇଥିଲା। ଅନୁରୂପ ଭାବେ ଦ୍ୱିତୀୟାର୍ଦ୍ଧ ବୈଠକରେ ମୁଖ୍ୟବିରୋଧୀ ଦଳ ବିଜେଡ଼ି ବିଧାୟକମାନେ ବାଚସ୍ପତିଙ୍କ ପୋଡିୟମ ସମ୍ମୁଖକୁ ଆସି ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ନାରାବାଜି କରିଥିଲେ ଏବଂ ପୋଡିୟମ୍ ଉପରକୁ ଚଢିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ବାଚସ୍ପତି ସେମାନଙ୍କୁ ଗୃହରେ ଶୃଙ୍ଖଳାରକ୍ଷା ପାଇଁ ବାରମ୍ବାର ନିବେଦନ କରିଥିଲେ ମଧ୍ୟ *(ପୃଷ୍ଠା ୭ରେ)*

# ହୃଦୟ କୁମାର ଦାସଙ୍କୁ 'ସିବିଡିଟି ସାର୍ଟିଫିକେଟ ଅଫ୍ ଏକ୍ସିଲେନ୍ସ' ପୁରସ୍କାର ପ୍ରଦାନ

**ନୂଆଦିଲ୍ଲୀ, ୨୨।୮**

୧୬୫ତମ ଆୟକର ଦିବସ ଅବସରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବିଜ୍ଞାନଭବନଠାରେ ଆୟକର ଅଧିକାରୀମାନଙ୍କୁ ବିଭିନ୍ନ ପୁରସ୍କାର ପ୍ରଦାନ କରିଛନ୍ତି। ଭୁବନେଶ୍ୱରର ଡେପୁଟି ଡାଇରେକ୍ଟର ଆଇଆରଏସ୍ ହୃଦୟ କୁମାର ଦାସଙ୍କୁ ଓଡ଼ିଶା ତଥା ଦେଶରେ ଇନ୍‌ଭେଷ୍ଟିଗେସନ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ 'ସିବିଡିଟି ସାର୍ଟିଫିକେଟ୍ ଅଫ୍ ଏକ୍ସିଲେନ୍ସ' ପ୍ରଦାନ କରିଛନ୍ତି। ସେ ବହୁ ବିତର୍କିତ, ବହୁ ଚର୍ଚ୍ଚିତ ତଥା ସମ୍ବେଦନଶୀଳ ରେଡ୍ ପରିଚାଳନା ନିର୍ଦ୍ଦେଶକ ଥିଲେ। ଯାହା ଫଳରେ ଆୟକର ୩୫୧.୮ କୋଟି ଟଙ୍କା ନଗଦ ଜବତ କରାଯାଇଥିଲା। ଏହା ଭାରତରେ ଇତିହାସ ସଦୃଶ। ଟିମ୍ ଯୋଜନା, ଗୁପ୍ତଚର ସଂଗ୍ରହ, ରେଡ୍ କାର୍ଯ୍ୟକାରିତା, ୪ଦିନ ମଧ୍ୟରେ ୩୫୧.୮ କୋଟି ନଗଦ



ଗଣନା କରିବା ଠାରୁ ଆରମ୍ଭ କରି ସର୍ଚ୍ଚ କାର୍ଯ୍ୟରେ ଅଂଶ ଗ୍ରହଣ କରିଥିବା ସମସ୍ତ ଅଧିକାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିଥିଲେ ଶ୍ରୀ ଦାସ।

ଏହି ଇନ୍‌ଭେଷ୍ଟିଗେସନରେ ଆୟକର ବିଭାଗର ୨୦୦ରୁ ଅଧିକ ଅଧିକାରୀ, ୫୦ଟି ସାମରିକ ବାହିନୀ, ୬୦ଟି ରାଜ୍ୟ ପୋଲିସ୍ ବାହିନୀ, ୭୦ରୁ ଅଧିକ ଗାଡି, ୨୫ଟି କ୍ୟାସ କାଉଣ୍ଟିଂ ମେସିନ୍, ୭୦ ବ୍ୟାଙ୍କ ଅଧିକାରୀ ସହଯୋଗ କରିଥିଲେ। ଏହା ଏକ ବଡ ରେଡ୍ ଯାହାକି ସମସ୍ତ କାର୍ଯ୍ୟ ଶେଷ ହେବା ପାଇଁ *(ପୃଷ୍ଠା ୭ରେ)*

## ମୁଖ୍ୟ ବିଚାରପତିଙ୍କ କଡା ଟିପ୍ପଣୀ
### କାମଧନ୍ଦା ଛାଡି ଆମେ ବି ସୁପ୍ରିମକୋର୍ଟ ବାହାରେ ବସିବୁ କି?

**କୋଲକାତା, ୨୨।୮**

ପଶ୍ଚିମବଙ୍ଗର ରାଜଧାନୀ କୋଲକାତାରେ ଡାକ୍ତରୀଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାକୁ ନେଇ ସାରା ଦେଶ ଚକିତ ହୋଇଯାଇଛି। ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତିଙ୍କ ନେତୃତ୍ୱରେ ଏକ ବେଞ୍ଚ ଶୁଣାଣି କରୁଛନ୍ତି । ଏହି ସମୟ ମଧ୍ୟରେ କୋର୍ଟ ଡାକ୍ତରମାନଙ୍କୁ କାମକୁ ଫେରିବା ପାଇଁ ନିବେଦନ କରିଥିଲେ ଏବଂ ଡାକ୍ତରଖାନାରେ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରାଯିବ ବୋଲି ମଧ୍ୟ କହିଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୫ରେ ହେବ। ଗୁରୁବାର ଶୁଣାଣି ସମୟରେ ପଶ୍ଚିମବଙ୍ଗ ସରକାରଙ୍କ ଓକିଲ କପିଲ ଶିବଲ ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କ ମଧ୍ୟରେ ଅନେକ ଯୁକ୍ତିତର୍କ ହୋଇଥିଲା । ସଲିସିଟର ଜେନେରାଲ କୋର୍ଟରେ କହିଥିଲେ ଯେ ପଶ୍ଚିମବଙ୍ଗର ଜଣେ *(ପୃଷ୍ଠା ୭ରେ)*



'ସମ୍ବାଦ କଳିକା'ର ପ୍ରାଣପ୍ରତିଷ୍ଠାତା, ଦିଗ୍‌ଦର୍ଶକ ତଥା ପଥପ୍ରଦର୍ଶକ ସ୍ୱର୍ଗତ ରବୀନ୍ଦ୍ର ନାଥ ରାୟଙ୍କ ତ୍ରୟୋଦଶ ଶ୍ରାର୍ଦ୍ଧବାର୍ଷିକୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି।
'ସମ୍ବାଦ କଳିକା' ପରିବାର

# ବିଜେଡ଼ିର ଛାପ ଥିବାରୁ ନିଜ ଦଳରେ ସମର୍ଥନ ଜୁଟେଇ ପାରୁନାହାନ୍ତି ମମତା ମହନ୍ତ

**ଭୁବନେଶ୍ୱର, ୨୨।୮ : (ଲକ୍ଷ୍ମୀ ଚାନ୍ଦ)**

କେନ୍ଦ୍ରୀୟ ହାଇକମାଣ୍ଡଙ୍କ ନିଷ୍ପତ୍ତି ସତ୍ତ୍ୱେ ବିଜେପି ପକ୍ଷରୁ ରାଜ୍ୟସଭା ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ମମତା ମହନ୍ତ ଏବେ ଅଡୁଆରେ ପଡିଛନ୍ତି। ଜଗନ୍ନାଥ ପ୍ରଧାନ ବିଜେପିର ଅନ୍ୟତମ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିବା ପରେ ମମତାଙ୍କ ପ୍ରତି ଯେ ଦଳ ଭିତରେ ସଂପୂର୍ଣ୍ଣ ସମର୍ଥନ ରହିଛି ତାହା ବିଶ୍ୱାସ କରିହେଉନାହିଁ। ଓଡ଼ିଶାରେ ଏବେ ବିଜେପି ପାଇଁ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସହିତ କେନ୍ଦ୍ରୀୟ ହାଇକମାଣ୍ଡଙ୍କ ଦ୍ୱାରା ସ୍ଥିରୀକୃତ ପ୍ରାର୍ଥୀଙ୍କ ସପକ୍ଷରେ ହ୍ୱିପ୍ ଜାରିର ଆଶଙ୍କାକୁ ରାଜନୈତିକ ପର୍ଯ୍ୟବେକ୍ଷକ ମହଲ ଏଡାଇ ଦେଇ ପାରିନାହାନ୍ତି।

ରାଜନୈତିକ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରୁ ଖୁବ୍ କମ୍ ସଂଖ୍ୟକ



ଭୋଟ୍ ବ୍ୟବଧାନରେ ହାରିଥିବା ଜଗନ୍ନାଥ ପ୍ରଧାନ ବିଜେପିର ଜଣେ ଟାଣୁଆ ନେତା। ବିଜେପିର ସମସ୍ତ 'ର୍‍ୟାଙ୍କ ଆଣ୍ଡ ଫାଇଲ୍'ରେ ତାଙ୍କର ଦବଦବା ରହିଛି। ବିଜେପି ସହ ତାଙ୍କର ଦୀର୍ଘ ଦିନର ସମ୍ପର୍କ। ବିଜେପିର କର୍ମୀ, ସଂଗଠକ, ନେତା, ବିଧାୟକ ତଥା ମନ୍ତ୍ରୀ ମହଲରେ ତାଙ୍କର ଯଥେଷ୍ଟ ପ୍ରଭାବ ରହିଛି। ଜଣେ ମନ୍ତ୍ରୀ ଓ ୯ଜଣ ବିଧାୟକ ତାଙ୍କ ନାମାଙ୍କନ ପତ୍ରରେ ଦସ୍ତଖତ କରିଥିବା ଘଟଣା ଏଥିର ସ୍ପଷ୍ଟ ପ୍ରମାଣିତ ହେଉଛି। ଯେଉଁ ବିଧାୟକମାନେ ଓ ମନ୍ତ୍ରୀ ଜଗନ୍ନାଥ ପ୍ରଧାନଙ୍କ ପ୍ରାର୍ଥୀପତ୍ର ନାମାଙ୍କନରେ ଦସ୍ତଖତ କରିଛନ୍ତି ସେମାନେ ଦସ୍ତଖତ କରିବା ପୂର୍ବରୁ ଖୁବ୍ ଭଲ ଭାବେ ଜାଣିଥିବେ ଯେ ମମତା ମହାନ୍ତ ବିଜେପି ହାଇକମାଣ୍ଡଙ୍କ ଦ୍ୱାରା ସ୍ଥିରୀକୃତ ପ୍ରାର୍ଥୀ ଅଟନ୍ତି। ସ୍ଥିରୀକୃତ ପ୍ରାର୍ଥୀଙ୍କ ବିରୁଦ୍ଧରେ ନାମାଙ୍କନପତ୍ର ଦାଖଲ କରିବା ଦଳୀୟ ନିଷ୍ପତ୍ତିର ଅବମାନନା ବୋଲି ଧରିନିଆଯିବ ବୋଲି କୁହାଯାଉଥିଲେ ହେଁ ଏହା କିନ୍ତୁ ଜଗନ୍ନାଥଙ୍କୁ ସମର୍ଥନ କରୁଥିବା ବିଧାୟକମାନଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ। ରାଜନୈତିକ ପଣ୍ଡିତମାନଙ୍କ ଯୁକ୍ତି ଅନୁଯାୟୀ ଯେହେତୁ ବିଜେପିର ପ୍ରାର୍ଥୀଙ୍କ ବିରୁଦ୍ଧରେ ଦଳ ଭିତରୁ ଜଣେ ପ୍ରାର୍ଥୀ ଠିଆ ହେବେ ବୋଲି ଦଳ ବିଧିବଦ୍ଧ ଭାବେ ମନା କରିନାହିଁ ସେହି କାରଣରୁ ଦଳ ଭିତରୁ ଜଣେ ଟାଣୁଆ ନେତା ଭାବରେ ପରିଗଣିତ ଜଗନ୍ନାଥ ନାମାଙ୍କନପତ୍ର ଦାଖଲ କରିବାରେ କୌଣସି ଅସୁବିଧା ନାହିଁ ବୋଲି ଧରି ନିଆଯାଇ ପାରେ। ସେମାନଙ୍କ କହିବା ଅନୁଯାୟୀ ଦଳର ସଂଖ୍ୟାଧିକ ବିଧାୟକ ଓ ମନ୍ତ୍ରୀମାନେ ଏହି ଘଟଣାରେ ସଂପୂର୍ଣ୍ଣ ନିରବତା ଅବଲମ୍ବନ କରୁଛନ୍ତି। ହୁଏତ ସେମାନେ ମମତାଙ୍କୁ ବିରୋଧ କରୁନାହାନ୍ତି କିନ୍ତୁ ସପକ୍ଷରେ ଅଛନ୍ତି ବୋଲି ନିଷ୍ପତ୍ତି ନେଇ ପାରୁନାହାନ୍ତି। କାରଣ ମମତା ବିଜେଡ଼ିରେ ଥିଲେ ଏବେ ବିଜେପିକୁ *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଅଗଷ୍ଟ, ଶୁକ୍ରବାର, ୨୦୨୪





# ବିଦେଶୀ ଛାତ୍ରଛାତ୍ରୀଙ୍କୁ ସ୍ନାତକ ଉପାଧି ପ୍ରଦାନ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପାଠ୍ୟକ୍ରମରେ ଅଧ୍ୟୟନ କରି ଶିକ୍ଷା ସମାପ୍ତ କରିଥିବା ୧୨ ଜଣ ବିଦେଶୀ ଛାତ୍ରଛାତ୍ରୀଙ୍କୁ ଏକ ବିଶେଷ କାର୍ଯ୍ୟକ୍ରମରେ ସ୍ନାତକ ଉପାଧି ପ୍ରଦାନ କରାଯାଇଛି। ୬ଟି ବିଭିନ୍ନ ଦେଶରୁ ସୋଆରେ ବିଟେକ୍, ଏମ୍‌ଟେକ୍, ବିବିଏ, ଏମ୍‌ବିଏ ଓ ବିବିଏଏଲଏଲ୍‌ବି ଶିକ୍ଷା ସମାପ୍ତ କରିଥିବା ବିଦେଶୀ ଛାତ୍ରଛାତ୍ରୀମାନଙ୍କୁ ସ୍ନାତକ ଉପାଧି ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରେ ୫ ଜଣ ଛାତ୍ରଛାତ୍ରୀ ଉଗାଣ୍ଡାର ହୋଇଥିବା ବେଳେ ୩ ଜଣ ନେପାଳ ଏବଂ ଭୁଟାନ, ଲେସୋଥୋ, ବୁରୁଣ୍ଡି ଓ ସୋମାଲିଆରୁ ଜଣେ ଜଣେ ଛାତ୍ରଛାତ୍ରୀ ଅଛନ୍ତି।

ସୋଆରେ ସ୍ନାତକ ଶିକ୍ଷା ସମାପ୍ତ କରିଥିବା ବିଦେଶୀ ଛାତ୍ରଛାତ୍ରୀଙ୍କର ଏହା ହେଉଛି ଦ୍ୱିତୀୟ ବ୍ୟାଚ୍। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉପାଧି ପ୍ରଦାନ କରିଥିଲେ।

ଏହି ଅବସରରେ ପ୍ରଫେସର ନନ୍ଦ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ନିଜ ବକ୍ତବ୍ୟରେ କହିଥିଲେ ଯେ ସୋଆ ସେମାନଙ୍କର ଶିକ୍ଷା ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ଏକ ମାଧ୍ୟମ ପ୍ରଦାନ କରିଛି। ସେମାନେ ଏଭଳି ଏକ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରିଛନ୍ତି ଯାହା ଚଳିତ ବର୍ଷ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ର୍‍ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ର୍‍ୟାଙ୍କିଙ୍ଗ୍‌ରେ ଦେଶରେ ୧୪ତମ ସ୍ଥାନ ହାସଲ କରିଥିବା ବେଳେ ସର୍ବାଙ୍ଗୀନ କ୍ଷେତ୍ରରେ ୨୪ତମ ଶିକ୍ଷାନୁଷ୍ଠାନର ମାନ୍ୟତା ହାସଲ କରିଛି ବୋଲି ପ୍ରଫେସର ନନ୍ଦ କହିଥିଲେ।

## ଅଧାରେ ରହିଲା ହରିଶଙ୍କର ଦର୍ଶନ : ପୋଲ ତଳକୁ ବାଇକ୍ ଖସି ଚାଲିଗଲା ଜୀବନ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ହନୁପାଲି ଗାଁ ନିକଟ ଏକ ପୋଲ ତଳକୁ ବାଇକ୍ ଖସିପଡ଼ି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ମୁତାବକ, ବୋଡେନ ଅଞ୍ଚଳର ୩ ଯୁବକ ଏକ ବାଇକ୍ ଯୋଗେ ହରିଶଙ୍କର ଦର୍ଶନ ପାଇଁ ଯାଉଥିଲେ। ହେଲେ ହନୁପାଲି ଗାଁ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଏକ ପୋଲ ତଳକୁ ଖସି ପଡିଥିଲା। ଫଳରେ ଜଣେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଛି। ଏନେଇ ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ବାଲେଶ୍ୱର ଜିଲ୍ଲାରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ବାଲେଶ୍ୱର, ନ୍ୟୁଜ୍**

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଇଂ ଅବନୀକାନ୍ତ ସାହୁ ଦୁଇ ଦିନିଆ ବାଲେଶ୍ୱର ଗସ୍ତ କରି ବାଲେଶ୍ୱର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ଜନହିତକର ଯୋଜନାର ସମୀକ୍ଷା କରିଛନ୍ତି। ବସ୍ତା, ରେମୁଣା ଏବଂ ସୋର ଅଂଚଳର ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ ସମୟରେ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟା ସଂଯୁକ୍ତା ସହଯୋଗ କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଓଡ଼ିଶା ରାଜ୍ୟ ଆୟୋଗ ଅଧ୍ୟକ୍ଷ ଇଂ ଅବନୀକାନ୍ତ ସାହୁ, ସଦସ୍ୟା ସଂଯୁକ୍ତା ମହାନ୍ତି, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଉପସ୍ଥିତ ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯୋଗାଣ ଅଧିକାରୀଙ୍କୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ସ୍ୱାଗତ କରିଥିଲେ। ପରେ ପରେ ବାଲେଶ୍ୱର




ଜିଲ୍ଲାର ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ ମାନଙ୍କରେ ଚାଲୁଥିବା ମଧ୍ୟାହ୍ନ ଭୋଜନ ସଂପର୍କରେ ଜିଲ୍ଲା ଶିକ୍ଷାଧିକାରୀ ମମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଜିଲ୍ଲାର ବିଭିନ୍ନ ଜନହିତକର ଯୋଜନାରେ ହିତାଧିକାରୀମାନଙ୍କୁ ମିଳୁଥିବା ସୁବିଧା ଏବଂ ଆପତ୍ତି ଅଭିଯୋଗର ଆଶୁ ସମାଧାନ ସଂପର୍କରେ ଅବଗତ କରିଥିବା ବେଳେ ଜିଲ୍ଲା ସାମାଜିକ ମଙ୍ଗଳ ଯୋଜନା ହିତାଧିକାରୀ ପାଇଥିବା ସାମଗ୍ରୀ ଏବଂ ଯୋଗାଣ ଅଧିକାରୀ ରେସନ୍ କାର୍ଡ଼ ସଂପର୍କିତ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକ, ଗ୍ରାମପଞ୍ଚାୟତ, ପୌରାଞ୍ଚଳ, ଏନ୍‌ଏସିର ହିତାଧିକାରୀଙ୍କ ରେସନ୍ କାର୍ଡ଼ ସଂପର୍କରେ ଯେ କୌଣସି ସମସ୍ୟାର ଆଶୁ ସମାଧାନ ନିମନ୍ତେ ଜିଲ୍ଲାରେ ଏକ ଟୋଲ ଫ୍ରି ନମ୍ବର ବ୍ୟବସ୍ଥା ଏବଂ ଏହି ପରିପ୍ରେକ୍ଷୀରେ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ସହିତ ସମନ୍ୱୟ ରକ୍ଷା ନିମନ୍ତେ ଓଡ଼ିଶା ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଥିଲେ। ଏହି ସମୀକ୍ଷା ବୈଠକରେ ମୁଖ୍ୟ ଖାଉଟି ଯୋଗାଣ ଅଧିକାରୀ ନିରଞ୍ଜନ ବେହେରା, ଅତିରିକ୍ତ ଉନ୍ନୟନ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ, ବି.ଡି.ଓ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀ ନାର୍ମେଦେଶ୍ୱରଙ୍କ ପୀଠରେ ରୁଦ୍ରାଭିଷେକ ଉଦ୍‌ଯାପିତ

**କଟକ, ନ୍ୟୁଜ୍‌ବ୍ୟୁରୋ**



ସିଡିଏ ସେକ୍ଟର ୧୦ସ୍ଥିତ ସୁବୋଧ କୃଷ୍ଣ ମିଶନର ସୁବୋଧ କୁଟୀର ଠାରେ ଡଃ ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଶ୍ରୀ ନାର୍ମେଦେଶ୍ୱରଙ୍କ ରୁଦ୍ରାଭିଷେକ ଶେଷ ଶ୍ରାବଣ ସୋମବାରରେ ସମାପନ ହୋଇଯାଇଛି। ଏଥିରେ ମିଶନର ରାଜ୍ୟ ଲୋକସମ୍ପର୍କ ପ୍ରମୁଖ ଉତ୍କଳ ଭୂଷଣ ରାଉତରାୟ, ଉପାଧ୍ୟକ୍ଷ ଶଶୀଭୂଷଣ ତ୍ରିପାଠୀ, ବିନୟ କୁମାର ନାୟକ, ଅଜିତ ମଣ୍ଡଳ, ବିଭୂତି ଭୂଷଣ ସାହୁଙ୍କ ସମେତ ବହୁ ଭକ୍ତ ଯୋଗଦେଇଥିଲେ।

## ଦାଦନ ଖଟିବାକୁ ଯାଇଥିଲେ, ଗାଁକୁ ଫେରିଲା ମୃତଦେହ



**କୋକସରା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଥମୁନି ଦାଦନ ଯନ୍ତ୍ରଣା। ବ୍ଲକର ଡେଙ୍ଗାଗୁଡ଼ା ଗ୍ରାମ ଗୌନ୍ତିଆପଡ଼ାର ସନୁ ଛତ୍ରିଆ (୫୬) ଦାଦନ ଖଟିବାକୁ ଗୋଆ ଯାଇଥିବାବେଳେ ରବିବାର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଠିକାସଂସ୍ଥା ସହଯୋଗରେ ତାଙ୍କ ମୃତଦେହ ଭିଟାମାଟିକୁ ଫେରିଛି। ସୂଚନାନୁଯାୟୀ ସନୁ ୩ ମାସ ତଳେ ଛତିଶଗଡ଼ର ନିଜ ସମ୍ପର୍କୀୟ ଶଳା ସହ ମିଶି ଗୋଆକୁ ଯାଇ ଏକ ଠିକାସଂସ୍ଥାରେ ଘର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ତେବେ ଶନିବାର ସେଠାରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ପଠାଇବା ପାଇଁ ପରିଜନ ଠିକାସଂସ୍ଥାକୁ ଅନୁରୋଧ ପରେ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗାଁରେ ପହଞ୍ଚିଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ବସ୍-ଟ୍ରକ୍ ଧକ୍କା : ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଆନ୍ଦପୁର ବେଲବାହାଳି ବାଇପାସ୍ ରାସ୍ତାରେ ଏକ ଲୁହାପଥର ବୋଝେଇ ଟ୍ରକ୍ ସହ ଏକ ଯାତ୍ରୀବାହୀ ବସ୍ ମଧ୍ୟରେ ଧକ୍କା ହେବା ଫଳରେ ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଏନେଇ ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ବସ୍‌ଟି ଭୁବନେଶ୍ୱରରୁ ଛେନାପଦି ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି।

## ରାକ୍ଷୀ ବାନ୍ଧି ଫେରୁଥିଲେ ଭାଇ, ଘରେ ପହଞ୍ଚିବା ପୂର୍ବରୁ ଦୁର୍ଘଟଣାରେ ମୃତ୍ୟୁ

**ହିନ୍ଦୋଳ, ନ୍ୟୁଜ୍‌ବ୍ୟୁରୋ**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ବାଉଁସପୋଖୋରି ପଞ୍ଚାୟତ ବରଡ଼ାପାଳ ଛକ ନିକଟରେ ଜଣେ ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ମୁନା ବେହେରା (୨୫)। ସେ ଦୁର୍ଘଟଣାର ଅଳ୍ପ କିଛି ଘଣ୍ଟା ପୂର୍ବରୁ ଭଉଣୀ ଠାରୁ ରାକ୍ଷୀ ପିନ୍ଧି ଫେରୁଥିଲେ। ସୂଚନା ଅନୁସାରେ ହିନ୍ଦୋଳ ଥାନା ଟାଙ୍ଗୀସାଳ ଗ୍ରାମ ଗୟା ବେହେରାଙ୍କ ଏକ ମାତ୍ର ପୁଅ ମୁନା ବେହେରା ନିଜ ଭଉଣୀ ଘର ବରଡ଼ାପାଳ ଗ୍ରାମକୁ ରାକ୍ଷୀ ପିନ୍ଧିବା ପାଇଁ ଆସିଥିଲେ। ନିଜ ଭଉଣୀ ଭାଇ ମୁନାକୁ ଅତି ଆଦରର ସହିତ ରାକ୍ଷୀ ପିନ୍ଧାଇ ଦେଇଥିଲେ। ଭାଇକୁ ରାକ୍ଷୀ ପିନ୍ଧାଇବା ପରେ ଆଜି ଆମ ଘରେ ରହି ଯାଅ ବୋଲି କହିଥିଲେ। ମାତ୍ର ମୁନାଙ୍କ ଏକ ଜରୁରୀ କାମ ଥିବାରୁ ସେ ଭଉଣୀ ଘରେ ଅଟକି ନଥିଲେ। ତେଣୁ ସେ ନିଜ ଘରକୁ ଫେରି ଆସୁଥିଲେ। ମାତ୍ର ଭଉଣୀ ଘରୁ ବାହାରି ଅଳ୍ପ ବାଟ ଆସିବା ବେଳେ ବରଡ଼ାପାଳ ଛକ ନିକଟରେ ସମ୍ମୁଖରୁ ଏକ ଭାରିଯାନ ଚାଲି ଆସିବାରୁ ଭାରସାମ୍ୟ ହରାଇ ମୁନା ବାଇକରୁ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ମୁନାଙ୍କର ଜୀବନ ଚାଲି ଯାଇଥିଲା। ସେ ୩ ମାସ ପୂର୍ବରୁ ବିବାହ କରିଥିଲେ। ମୁନାଙ୍କ ମୃତ୍ୟୁ ଖବର ଜଣା ପଡ଼ିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ବିଜ୍ଞାନ ଯୁଗରେ ଭୌତିକ କାଣ୍ଡ

# ଭୂତ ଲାଗିଥିବା ଆଶଙ୍କାରେ ୫ଛାତ୍ରୀଙ୍କୁ ଝଡ଼ାଫୁଙ୍କା

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମୋତେ କୁକୁଡ଼ା ଦେ, ମୋତେ ଅଣ୍ଡା ଦେ, ନଚେତ ମୁଁ ସମସ୍ତଙ୍କୁ ମୋଡ଼ି ଖାଇବି। ଏଭଳି ଚିତ୍କାର ଶୁଭୁଥିବା ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ୍‌ର କଦମଗୁଡା ସେବାଶ୍ରମରେ। ପ୍ରାୟ ୫ ଜଣ ଝିଅ ଅସ୍ୱାଭାବିକ ଅବସ୍ଥାରେ ରହିଥିଲେ। ସେହି ୫ ଜଣ ଝିଅଙ୍କୁ ସ୍କୁଲର ଅନ୍ୟ ଝିଅମାନେ ମାଡ଼ି ବସିଥିଲେ। ସମସ୍ତେ ଭୂତ ଲାଗିଥିବା କହୁଥିଲେ। ୫ ଜଣ ଝିଅ ଆୟତ୍ତରେ ନଥିଲେ। ସେମାନେ କେବଳ ଚିତ୍କାର କରି ହାତଗୋଡ଼କୁ ଛାଟୁଥିଲେ। ଏହି ଘଟଣାରେ ସେବାଶ୍ରମର ଅନ୍ୟ ଝିଅମାନେ ଭୟଭୀତ ହୋଇଥିଲେ ମଧ୍ୟ କିଛି ଝିଅ ସେମାନଙ୍କୁ କାବୁ କରି ରଖିଥିଲେ। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀ କିଛି ବୁଝିପାରୁନଥିଲେ। ପରେ ଗ୍ରାମବାସୀ ଆସି ତୁରନ୍ତ ଝଡ଼ାଫୁଙ୍କା କରିବାକୁ ପରାମର୍ଶ ଦେଇଥିଲେ। ଗୁଣିଆ ଆସିଲା ଧୂପ ଦେଇ ଝଡ଼ାଫୁଙ୍କା କଲା। କିଛି ସମୟ ପରେ ସମସ୍ତ ୫ ଜଣ ଛାତ୍ରୀ ସୁସ୍ଥ ହୋଇଥିଲେ। ଦୀର୍ଘ ସମୟ ଧରି ୫ ଜଣ ଛାତ୍ରୀ ନିଜର ଆୟତ୍ତରେ ନଥିବାରୁ ସେମାନେ ସୁସ୍ଥ ହେବା ପରେ ମଧ୍ୟ ଅସୁସ୍ଥ ଅନୁଭବ କରୁଥିଲେ। ତୁରନ୍ତ ସେମାନଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସମସ୍ତେ ସୁସ୍ଥ ଥିବା କହିଥିଲେ।



ଘଟଣାଟି ଏଭଳି ଥିଲା। ଜଣେ ଝିଅ ପରିଶ୍ରା କରିବା ପାଇଁ ସ୍କୁଲ ପାଖ ଜିଲପିବେଡ଼ା ଜମିକୁ ଯାଇଥିଲା। ପରିଶ୍ରା କରି ଆସିବା ପରେ ସେ ଶିକ୍ଷକଙ୍କୁ ନିଜର ଅସୁସ୍ଥତା ସଂପର୍କରେ କହିଥିଲା। ଝିଅଟି ନିଜକୁ ଆୟତ୍ତରେ ରଖିପାରୁନଥିଲା। କେବଳ ଛିଞ୍ଚାଡ଼ି ହେବାକୁ ଲାଗିଥିଲା। ଏହାପରେ ପରେ ଅନ୍ୟ ଚାରି ଜଣ ଝିଅ ମଧ୍ୟ ସେହି ଏକା ଢଙ୍ଗରେ ହାତଗୋଡ ଛିଞ୍ଚାଡି ହେଲେ। ସ୍କୁଲ କର୍ତ୍ତୃପକ୍ଷ କ'ଣ ହୋଇଛି ଭାବିବା ଆଗରୁ ସମସ୍ତ ଝିଅ ବିଦ୍ୟାଳୟରେ କଚାଡି ହେଉଥିଲେ। ତୁରନ୍ତ ସେମାନଙ୍କୁ କାବୁକରି କଣ ହୋଇଛି ପଚରାଯିବାରୁ ସେମାନେ ମୋତେ କୁକୁଡା ଦେ, ମୋତେ ଅଣ୍ଡା ଦେ, ମୁଁ ଜିଲିପିଗୁଡା ଜମିରୁ ଆସିଛି ବୋଲି କହୁଥିଲେ। ଏହା ପ୍ରଚାର ହେବା ପରେ ଗ୍ରାମବାସୀ ଆସି ଭୂତ ଲାଗିଥିବା କହିଥିଲେ।

ଗ୍ରାମବାସୀଙ୍କ କହିବା ହେଲା ଜିଲିପିଗୁଡା ଜମିରେ ଭୂତ ରହିଛି। ସେଠି ଯିଏ ବି ଯାଉଛି, ତାକୁ ଭୂତ ଲାଗୁଛି। ଛୋଟରୁ ବୁଢା ପର୍ଯ୍ୟନ୍ତ ଏଭଳି ପୂର୍ବରୁ ବହୁଥର ହୋଇଛନ୍ତି ବୋଲି ଗ୍ରାମବାସୀ କହିଥିଲେ। ଏପରିକି ଗର୍ଭବତୀ ମହିଳାମାନେ ମଧ୍ୟ ଏହି ଭୂତର ଶିକାର ହୋଇଥିଲେ ବୋଲି ଗ୍ରାମବାସୀ କହନ୍ତି। ଭୂତ ଭୟରେ ସ୍କୁଲକୁ ବନ୍ଦ କରିଦିଆଯାଇଛି। ପୂଜାର୍ଚ୍ଚନା ପରେ ପୁଣି ସ୍କୁଲ ଖୋଲିବ ବୋଲି ପ୍ରଧାନଶିକ୍ଷକ ପ୍ରକାଶ କରିଛନ୍ତି। ସମସ୍ତ ୬୬ ଜଣ ଛାତ୍ରୀଙ୍କୁ ବଡ଼ବେଲ ଛାତ୍ରାବାସରେ ସ୍ଥାନାନ୍ତର କରାଯାଇଛି। ଆଜିର ବିଜ୍ଞାନ ଯୁଗରେ ମଧ୍ୟ ଭୂତର ପ୍ରଭାବ ରହିଥିବା ଏଥିରୁ ଅନୁମାନ କରାଯାଏ।

## ବିଶିଷ୍ଟ ଆଦିବାସୀ ନେତା ତଥା ସମାଜସେବୀଙ୍କ ପରଲୋକ

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**


ଆନନ୍ଦପୁର ବ୍ଲକ କୋଳିମାଟି ପଞ୍ଚାୟତର କୁମଡ଼ ଗ୍ରାମରେ ପ୍ରତିଷ୍ଠିତ ରାଜନେତା ସମାଜସେବୀ ପ୍ରାକ୍ତନ ୱାର୍ଡ ସଭ୍ୟ ଓ ଆଦିବାସୀ ନେତା ପ୍ରମୋଦ କୁମାର ନାଏକଙ୍କ ଗାଁ ନିକଟ ବୈତରଣୀ କୂଳ ଘାଟରେ ମୃତ୍ୟୁ ହେଇ ଯାଇଥିବା ଆଶଙ୍କା କରି ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ନିକଟ ଉପଖଣ୍ଡ ସ୍ତରୀୟ ଘଷିପୁରା ସ୍ଥିତ ଆନନ୍ଦପୁରର ବଡ଼ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା ପରେ ସ୍ଥାନୀୟ ଗ୍ରାମବାସୀ ଓ ଅଞ୍ଚଳବାସୀଙ୍କ ସହଯୋଗରେ କୁମଡ଼ ଗ୍ରାମକୁ ଆଣି ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ବୈତରଣୀ କୂଳରେ ତାଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ତାଙ୍କର ଏକ ମାତ୍ର ପୁତ୍ର ରଞ୍ଜନ ନାଏକ ମୁଖାଗ୍ନି ଦେଇଥିବା ବେଳେ ଏହି ଖବର ପାଇ ବରିଷ୍ଠ ବିଜେପି ନେତା ଓ ଆଇନଜୀବୀ ବିଚିତ୍ର ଚକ୍ର ପହଞ୍ଚି ଶେଷ ଦର୍ଶନ କରି ଶୋଭାଯାତ୍ରାରେ ସାମିଲ ଥିଲେ। ଆଉ ସ୍ୱର୍ଗତ ନାଏକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଥିଲେ।

# ପରିବେଶ ସୁରକ୍ଷା ପାଇଁ ପ୍ରତି ପଞ୍ଚାୟତରେ ଗଠନ ହେବ କ୍ଲାଇମେଟ୍ କ୍ଲବ୍

**ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**

ପରିବେଶ ସୁରକ୍ଷା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ। ଏଥିପାଇଁ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ କ୍ଲାଇମେଟ୍ କ୍ଲବ୍ ଗଠନ କରାଯିବ। ପଞ୍ଚାୟତର ପରିବେଶ ସୁରକ୍ଷା ଦିଗରେ ଏହି କ୍ଲବ୍ କାମ କରିବ ବୋଲି ଘୋଷଣା କରିଛନ୍ତି ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ। ଆଠମଲ୍ଲିକ ବିଧାନସଭା କ୍ଷେତ୍ରର ଶରଧାପୁର ଗ୍ରାମ୍ୟ ଜଙ୍ଗଲରେ ଆୟୋଜିତ ପରିବେଶ ପଞ୍ଚାୟତରେ ପୌରୋହିତ୍ୟ କରି ବିଧାୟକ ଶ୍ରୀ ପ୍ରଧାନ ଏଥିପାଇଁ ନିଜସ୍ୱ ପାଣ୍ଠିରୁ ଅନୁଦାନ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଭଲ କାମ କରି ଆଠମଲ୍ଲିକ ସାରା ରାଜ୍ୟ ପାଇଁ ଏକ ଉଦାହରଣ ସୃଷ୍ଟି କରିବ ବୋଲି ସେ କହିଛନ୍ତି।

ବିଧାୟକ କହିଥିଲେ, ଆଠମଲ୍ଲିକରେ ଶିଳ୍ପ ଓ କଳକାରଖାନା ନ ଥିଲେ ମଧ୍ୟ ଜିଲ୍ଲାର ଅନ୍ୟ ଅଞ୍ଚଳ ପାଇଁ ଏଠାରେ ପ୍ରଦୂଷଣ ବଢୁଛି। ଜଙ୍ଗଲରେ ଖାଦ୍ୟ ନ ପାଇବାରୁ ହାତୀ ଜନବସତି ମୁହାଁ ହେଉଛନ୍ତି। ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଏପଟେ ଭୂତଳ ଜଳସ୍ତର ହ୍ରାସ ପାଉଛି। ଏହାର ମୁକାବିଲା ପାଇଁ ଜଙ୍ଗଲ ସୁରକ୍ଷା ସହ ନୂତନ ଜଙ୍ଗଲ ସୃଷ୍ଟି ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହା ବାଦ୍ ଆମ ଜୀବନଶୈଳୀ ବଦଳାଇବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଆଠମଲ୍ଲିକକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପ୍ଲାଷ୍ଟିକ୍ ବ୍ୟବହାର ରୋକିବା ଦିଗରେ ପଦକ୍ଷେପ



ନିଆଯିବ। ଆସନ୍ତା ୫ ବର୍ଷ ଭିତରେ ଅତି କମ୍‌ରେ ୫୦ ପ୍ରତିଶତ ଜମିକୁ ଜଳସେଚିତ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ସେହିପରି ପ୍ରତି ପଞ୍ଚାୟତରେ ଅଧିକ କମ୍ପୋଷ୍ଟ ପିଟ୍ କରି ଜୈବିକ ଚାଷ ଉପରେ ଫୋକସ୍ କରାଯିବ। ଏପଟେ ବିଭିନ୍ନ ନଦୀ ଓ ନାଳ କୂଳରେ ବ୍ୟାପକ ବୃକ୍ଷରୋପଣ କରାଯିବ। ଫଳରେ ମୃତ୍ତିକା କ୍ଷୟ କମିବା ସହ ନଦୀର ଗତିପଥ ବାରମ୍ବାର ବଦଳିବ ନାହିଁ। ଏଥିନେଇ ସେ ବନବିଭାଗ ସହ ଆଲୋଚନା କରି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବେ। ବିକାଶମୂଳକ କାମ ଓ ପରିବେଶ ସୁରକ୍ଷା ଭିତ?ରେ ସମନ୍ୱୟ ରକ୍ଷା ପାଇଁ ପ୍ରତି ପଞ୍ଚାୟତରେ ଏକ କ୍ଲାଇମେଟ୍ କ୍ଲବ୍ ରହିବ। ଏଥିରେ ଜନ ପ୍ରତିନିଧିଙ୍କ ସହ ଯୁବକ, ମହିଳା ଓ ବିଭିନ୍ନ ବର୍ଗର ଲୋକେ ରହିବେ। ସେମାନେ ପରିବେଶଜନିତ ସବୁ କାମର ହିସାବ ରଖିବା ସହ ପରିବେଶ ସୈନିକ ପରି କାମ କରିବେ। ଏଥିପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ବିଧାୟକ ଦୃଢ଼ତାର ସହ କହିଛନ୍ତି।

ଅନୁଗୁଳ ସରକାରୀ ସ୍ୱୟଂଶାସିତ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସର ପ୍ରଦୂଷଣ ପ୍ରସଙ୍ଗ କୌଣସି ନିର୍ଦ୍ଦିଷ୍ଟ ସୀମା ଭିତରେ ଆଉ ନାହିଁ ବୋଲି କହିଥିଲେ। ଏବେ ବନ୍ୟପ୍ରାଣୀଙ୍କର ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ହୋଇଛି। ଏହାକୁ ନଜରରେ ରଖି ଆମକୁ ପଦକ୍ଷେପ ନେବାକୁ ହେବ। ପରିବେଶବିତ୍ ପ୍ରସନ୍ନ ବେହେରା କହିଥିଲେ, ବିକାଶମୂଳକ କାମ ପାଇଁ ଆମେ ପରିବେଶ ନଷ୍ଟ କରିବାରୁ ଏହାର କୁଫଳ ଭୋଗିବାକୁ ପଡୁଛି। ଏପଟେ ଜଙ୍ଗଲ ପରିଚାଳନା ଓ ଜମି ସୁରକ୍ଷା ଦିଗରେ ଉପଯୁକ୍ତ ପଦକ୍ଷେପ ନିଆଯାଉନି। ଜଙ୍ଗଲରେ ଆମ୍ବ, ପଣସ, ଆମ୍ବ, ବେଲ, ବାଉଁଶ ଗଛ ନାହିଁ। ଏଥିପାଇଁ ହାତୀ ଜନବସତିମୁହାଁ ହେଉଥିବା ସେ କହିଛନ୍ତି। ଅନୁଗୁଳର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନବକିଶୋର ବିଶୋୟୀ କହିଥିଲେ, ସାରା ଅନୁଗୁଳକୁ ଅମ୍ଳଜାନ ଯୋଗାଉଥିବା ସାତକୋଶିଆ ଜଙ୍ଗଲ ଏବେ ବିପଦରେ। ଏହି ଜଙ୍ଗଲ କ୍ଷୟ ପାଇଁ ଅନୁଗୁଳ ଜିଲ୍ଲାର ପରିବେଶ ପ୍ରଭାବିତ ହେଉଥିବା ସେ କହିଥିଲେ। ସେହିପରି ପରିବେଶବିତ୍ ସୁଶୀଳ ପ୍ରଧାନ ଓ ବୀରେନ କୁମାର ପ୍ରଧାନ ପରିବେଶକୁ ବଞ୍ଚାଇବା ପାଇଁ ସାମୂହିକ ଉଦ୍ୟମ ଉପରେ ଗୁରୁତ୍ୱ ଦେଇଥିଲେ।

# କେନ୍ଦୁଝର ଜିଲ୍ଲା ପରିଷଦ ଅଧିବେଶନ



**କେନ୍ଦୁଝର, ନ୍ୟୁଜ୍**

ଷଷ୍ଠ ଜିଲ୍ଲା ପରିଷଦର ସପ୍ତମ ଅଧିବେଶନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁଙ୍କ ଅଧ୍ୟକ୍ଷତାରେ ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଫକୀର ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ମୁଖ୍ୟମନ୍ତ୍ରୀ ତଥା କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀଙ୍କ ପ୍ରତିନିଧି, ଜିଲ୍ଲାପାଳ ବିଶାଳ ସିଂହ, ବନଖଣ୍ଡ ଅଧିକାରୀ ଏଚଡ଼ି ଧନରାଜ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ଜିଲ୍ଲା ପରିଷଦର ସଦସ୍ୟ/ ସଦସ୍ୟା, ପଞ୍ଚାୟତ ସମିତି ଅଧ୍ୟକ୍ଷ/ ଅଧ୍ୟକ୍ଷା ଓ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ ସିଂହ ସମସ୍ତଙ୍କୁ ସ୍ୱାଗତ ଜଣାଇ ଅଧିବେଶନ ଆରମ୍ଭ କରିଥିଲେ। ପୂର୍ବ ବୈଠକର ବିବରଣୀ ଉପରେ ଅନୁପାଳନ ସମୀକ୍ଷା କରାଯିବା ପରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ ଓ ପରିବେଶ, ଖଣି ଓ ସଡ଼କ ପରିବହନ, ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ, ସମ୍ପୂର୍ଣ୍ଣ ପରିମଳ ଯୋଜନା ଓ ପୂର୍ତ୍ତ ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା।

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ବିନା ଅନୁମତିରେ ୫୦ ପାଉଁଶ ପାହାଡ଼ !

**ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ବର୍ଷେ ହେଲା ଝାରସୁଗୁଡ଼ା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଲୋ ଲ୍ୟାଣ୍ଡ ଫିଲିଂ ନାମରେ କୌଣସି ଖାଲୁଆ ଜମିରେ ପାଉଁଶ ପୋତିବାକୁ ଅନୁମତି ଦିଆଯାଇନାହିଁ। ଖୋଦ୍ ଏସ୍‌ପିସିବିର ଆଞ୍ଚଳିକ କାର୍ଯ୍ୟାଳୟର ଏହା ସୂଚନା ଅଥଚ ଏହି ଅବଧି ଭିତରେ ଝାରସୁଗୁଡ଼ା ସହର ଓ ଆଖପାଖ ପଞ୍ଚାୟତରେ ପ୍ରାୟ ୫୦ଟି ସ୍ଥାନରେ ପାଉଁଶର ପାହାଡ଼ ସୃଷ୍ଟି କରିଦିଆଗଲାଣି। ନିକଟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବେଦାନ୍ତ କାରଖାନାର ଯେଉଁ ହାତଗଣତି ୧୦-୧୨ଟି ଡମ୍ପିଂସ୍ଥଳର ଆକଳନ କରାଯାଇଥିଲା, ତା'ଠାରୁ ଢେରଗୁଣା ଅଧିକ ଡମ୍ପିଂ କରାଯାଇଛି।

ତେବେ ଏହିସବୁ ବେଆଇନ ପାଉଁଶ ଡମ୍ପିଂର ଆକଳନ କେବେ ହେବ ବୋଲି ପ୍ରଶ୍ନ ଉଠିଲାଣି। ଏହି କିଛିଦିନ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲାରେ ମାଳମାଳ ବେଆଇନ ପାଉଁଶ ଡମ୍ପିଂ ଘଟଣା ସାମ୍ନାକୁ ଆସିଛି। ସବୁଠି ପୁଣି ପାଉଁଶ ପୋତିବାର ସମାନ ତରିକା। ପ୍ରଥମେ ସରକାରୀ ଜମିରେ ଥିବା ମୋରମ୍ ଖୋଳି ବିକ୍ରି କରିଦିଆଯିବା ପରେ କେଉଁଠି ୫୦ ଫୁଟ୍ ତ କେଉଁଠି ଶହେ ଫୁଟ୍ ଉଚ୍ଚର ପାଉଁଶ ପାହାଡ଼ ତିଆରି କରିଦିଆଯାଉଛି। ଝାରସୁଗୁଡ଼ା ସହର ଉପକଣ୍ଠରେ ଥିବା ଲହଣ୍ଡାବୁଡ଼ର ହାତୀପଡ଼ାର ଟିପିଏସ୍‌ଏଲ୍ କାରଖାନା ନିକଟରେ ଏଭଳି ଏକ ନୂତନ ପାହାଡ଼ ତିଆରି କରାଯାଇଥିବା ଅଭିଯୋଗ ହୋଇଥିଲା। ସେଠାରେ ଥିବା ମୋରମ୍ ଖାଦାନକୁ କାଟି ପାଉଁଶ ଡମ୍ପିଂୟାର୍ଡ କରାଯାଇଥିବା ଦେଖିବାକୁ ମିଳିଥିଲା। ପ୍ରାୟ ୫ ଏକର ଜାଗାରେ ମୋରମ୍ ଖଣିରୁ ମୋରମ୍



ଅନ୍ୟତ୍ର ସ୍ଥାନାନ୍ତର କିମ୍ବା ବିକ୍ରି କରିଦିଆଯାଇଥିବା ବେଳେ ଏଠାରେ ପ୍ରାୟ ୫୦ ଫୁଟ୍ ଉଚ୍ଚର ପାଉଁଶ ପାହାଡ଼ ତିଆରି କରିଦିଆଯାଇଛି।

ପାଉଁଶ ନ ଉଡ଼ିବା ପାଇଁ ଓ ଲୋକଙ୍କ ନଜରକୁ ନ ଆସିବା ପାଇଁ ପାହାଡ଼ ଉପରେ ମୋରମ୍‌ର ଏକ ପତଳା ଆସ୍ତରଣ ବି ଦିଆଯାଇଥିଲା। କିନ୍ତୁ ଚଳିତ ବର୍ଷାରେ ଏହି ମୋରମ୍ ଆସ୍ତରଣ ଭାସିଯିବା ପରେ ପାଉଁଶ ପାହାଡ଼ ଜଳଜଳ ହୋଇ ଦେଖାଯାଉଛି। ଦ୍ୱିତୀୟରେ ବିଜୁ ଏକ୍ସପ୍ରେସ୍‌ରେ ପଞ୍ଚପଡ଼ା ନିକଟସ୍ଥ ଆର୍‌ଓବି କଡ଼ରେ ମଧ୍ୟ ରାସ୍ତା ତିଆରି ନାଁରେ ହଜାର ହଜାର ଟନ୍ ପାଉଁଶ ଢାଳି ଦିଆଯାଇଛି। ଏବେ ଚାଷ ସମୟ ହୋଇଥିବା ବେଳେ ଏହିସବୁ ପାଉଁଶ ଗଦାରୁ ପାଉଁଶ ଗୁଣ୍ଡ ବୋହି ଲୋକଙ୍କ ଜମିରେ ପଶୁଛି। କେବଳ ସେତିକି ନୁହେଁ, ରାସ୍ତା ତିଆରି ନାଁରେ ଠାଏଠାଏ ପାଉଁଶ ଗଦା କରିଦିଆଯାଇଥିବାରୁ ଉକ୍ତ ଅଞ୍ଚଳର ଲୋକମାନେ ଘରୁ ବାହାରି ପାରୁନଥିବା ଅଭିଯୋଗ କରିଛନ୍ତି। ପାଉଁଶ ଡମ୍ପିଂ ଘଟଣାରେ ୨ଟି ବିଭାଗର ସିଧାସଳଖ ସମ୍ପୃକ୍ତି ରହୁଛି। ପ୍ରଥମେ ଏହି ପାଉଁଶ ଡମ୍ପିଂ ପାଇଁ ବେଆଇନ ଭାବେ ମୋରମ୍ କାଟି ନିଆଯାଉଥିବା ବେଳେ ଖଣି ଓ ଇସ୍ପାତ ବିଭାଗ ନିରବଦ୍ରଷ୍ଟା ସାଜୁଛି। ଏ ଦିଗରେ ଖଣି ବିଭାଗ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ପ୍ରଥମେ ମୋରମ ଖୋଳି ୪୦-୫୦ ଫୁଟ୍‌ର ଗର୍ତ୍ତ କରିବା ପରେ ପାଉଁଶ ଡମ୍ପିଂ କରାଯାଉଛି। ଅନ୍ୟପଟେ ପାଉଁଶ ଡମ୍ପିଂ ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଶସ୍ୟଭିତ୍ତିକ ଜିନିଷର ମୂଲ୍ୟ ବଢ଼ିଛି

ଶସ୍ୟଭିତ୍ତିକ ଜିନିଷର ମୂଲ୍ୟ ବଢ଼ିଛି। ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଅଧିକ ଦାମ୍ ଦେଇ ଜିନିଷ କିଣିବାକୁ ପଡୁଛି। ତାହାର ପ୍ରଭାବରେ ଚଳିତ ବର୍ଷ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୫୫ ପ୍ରତିଶତ ରହିଛି। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଉପରେ ଦରଦାମର ଅଧିକ ଚାପ ରହିଛି। ଜାନୁୟାରିରେ ସ୍ଥିତି ଓଲଟା ଥିଲା। ଗ୍ରାମାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୪୭ ପ୍ରତିଶତ ଥିଲା ଯାହା ଫେବ୍ରୁୟାରିରେ ୭.୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ସେହି ସମୟରେ ସହରାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୭୬ ପ୍ରତିଶତରୁ ହ୍ରାସ ପାଇ ୭.୩୨ ପ୍ରତିଶତ ହୋଇଛି। ଏ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖାଦ୍ୟଶସ୍ୟ ଦାମ୍ ଅଧିକ ରହିଛି। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ବଢ଼ିବା ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ। ସହରାଞ୍ଚଳରେ ଲୋକମାନେ ମୁଖ୍ୟତଃ ପ୍ୟାକେଟ୍ ଖାଦ୍ୟ ଖାଇଥାଆନ୍ତି। ସେଠାରେ ଦର ବଢ଼ିଲେ ମାନୁଫାକ୍ଚରିଂ କ୍ଷେତ୍ର ଉପରେ ଚାପ ରହିଛି ବୋଲି ଧରିନିଆଯାଏ। ଉତ୍ପାଦନ ବଢ଼ିଲେ ସ୍ଥିତିରେ ସୁଧାର ହୋଇଥାଏ। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହିବାର ଅର୍ଥ ହେଉଛି କୃଷି କ୍ଷେତ୍ର ଉପରେ ଚାପ ରହିଛି। କୌଣସି ପର୍ବପର୍ବାଣି ନଥିବା ସତ୍ତ୍ୱେ ଗାଁରେ ଦରଦାମ୍ ବଢ଼ିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ସେହିପରି, ଓଡ଼ିଶା ଅର୍ଥନୈତିକ ସଂଘର ସଚିବ ଅମରେନ୍ଦ୍ର ଦାସ କହିଛନ୍ତି ଯେ ରାଜ୍ୟର ଗ୍ରାମାଞ୍ଚଳରେ କମ୍ ଫଳ ଓ ପନିପରିବା ଉତ୍ପାଦନ ହେଉଛି। ସେଥିପାଇଁ ଆମକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ମାତ୍ର ବାହାରେ ରହି କାମ କରୁଥିବା ଲୋକମାନେ ଟଙ୍କା ପଠାଉଥିବା ବେଳେ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଖାଦ୍ୟଶସ୍ୟ ମିଳୁଥିବାରୁ ଉପଯୋଗିତା ଅଧିକ ରହିଛି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଯୋଗାଣ ଶୃଙ୍ଖଳ ଅଧିକ ସୁଦୃଢ଼। ସେଥିପାଇଁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହୁଥିବା ସେ କହିଛନ୍ତି। ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ଦେଶରେ ସର୍ବାଧିକ ରହୁଛି। ଚଳିତ ବର୍ଷ ଜାତୀୟ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାର ମୁଦ୍ରାସ୍ଫୀତି ତା'ଠାରୁ ପ୍ରାୟ ୨.୫% ଅଧିକ ରହୁଛି। ଓଡ଼ିଶା ବ୍ୟତୀତ ତେଲେଙ୍ଗାନା (୬.୭୧%), ହରିୟାଣା (୬.୨୮%), ଆସାମ (୬.୦୨%), ଆନ୍ଧ୍ରପ୍ରଦେଶ (୫.୬୬%), ଗୁଜରାଟ (୫.୩୯%), ଝାଡ଼ଖଣ୍ଡ (୫.୮୫%) ଏବଂ କର୍ଣ୍ଣାଟକରେ (୫.୭୪%) ଖୁଚୁରା ମୁଦ୍ରାସ୍ଫୀତି ହାର ଅଧିକ ରହିଛି।

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୪୭



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଏହି ପ୍ରସ୍ତୁତିକୁ ଦେଖି ଲକ୍ଷ୍ମଣ ହସି ହସି କହିଲା 'ହେ ବଡଭାଇ ! ତୁମେ କେବେ ଶୁଣିଛକି ସୁନାର ହରିଣ ସବୁ ଏ ଦୁନିଆରେ ଅଛନ୍ତି ବୋଲି ? କୌଣସି ବେଦ, ବେଦାନ୍ତ ଭଳି ଶାସ୍ତ୍ରରେ ସୁନାର ହରିଣ ସବୁ ପୃଥିବୀ ପୃଷ୍ଠରେ ରହିଛନ୍ତି ବୋଲି ଉଲ୍ଲେଖ ହୋଇଥିବାର ତୁମ ଦୃଷ୍ଟି ପଥକୁ ଆସିଛି କି ? ବଡ ଭାଇ, ଏ ସବୁ ହେଉଛି ଅସୁରଙ୍କ ମାୟା। ତୁମେ ଏ ମାୟା ମୃଗ ପଛରେ ଅନୁଧାବନ କରନା। ଆଉ ମନେ ରଖ, ଯଦି ମୋ କଥା ନମାନି ଏ ମାୟା ରୂପ ଧାରୀ ସୁବର୍ଣ୍ଣ ମୃଗ ପଛରେ ଅନୁଧାବନ କରିବ, ତେବେ ଏହାର ବିପଜ୍ଜନକ ପରିଣାମ ଆମକୁ ହିଁ ଭୋଗ କରିବାକୁ ପଡିବ।' ସେଦିନ ଲକ୍ଷ୍ମଣର କଥା ନମାନି ମୁଁ ସେହି ସୁନାର ହରିଣ ପଛରେ ଅନୁଧାବନ କରି ଯେଉଁ ମହାବିପଦକୁ ବରଣ କଲି ତାହା ସମଗ୍ର ସଂସାରରେ ଗୋଟାଏ ଅକ୍ଷମଣୀୟ ଭୁଲ ହୋଇ ରହିଗଲା। ଲକ୍ଷ୍ମଣର କଥା ଗୋଟି ଗୋଟି ହୋଇ ସତ୍ୟରେ ପରିଣତ ହେଲା। ଯଦି ମୁଁ ସେଦିନ ଲକ୍ଷ୍ମଣର କଥା ମାନି ନେଇ ଥାନ୍ତି ତେବେ ଆଜି ଏପରିସ୍ଥିତିରେ ରଘୁବଂଶ କେବେ ହେଲେ ପଡି ନଥାନ୍ତା କିମ୍ବା ଏତେ ବଡ ରକ୍ତପାତର ନଦୀ ପୃଥିବୀରେ ପ୍ରବାହିତ ହୋଇ ନଥାନ୍ତା। ଏଥିପାଇଁ ଏକାକି ସମୟରେ ମୁଁ ବହୁବାର ଚିନ୍ତା କରି କରି ବିଚଳିତ ହୋଇ ଯାଉଛି। ସୁନାର ମୃଗ ପଛରେ ଧାଇଁବା ପରେ ରଘୁବଂଶର ପରିସ୍ଥିତି ଏହି ଅବସ୍ଥାରେ ପହଞ୍ଚିଯିବ ବୋଲି କ'ଣ ସେଦିନ ଜାଣିଥିଲି ? କେହି କ'ଣ ଜାଣିଶୁଣି ଏପରି ମହାଭୁଲ କରେ ? ଏହି କଥା ମୋ ହୃଦୟରେ ପ୍ରତିଦିନ ପ୍ରଶ୍ନ ଉତ୍ତୋଳିତ ହେଉଛି, କିନ୍ତୁ ଆଜି ପର୍ଯ୍ୟନ୍ତ ମୁଁ ଏହାର ଉତ୍ତର ପାଇ ପାରୁନି। ମନ କାନ୍ଦୁଛି, ହୃଦୟରୁ ନିରନ୍ତର ଅଶ୍ରୁ ଝରୁଛି। କିନ୍ତୁ ଉତ୍ତର ପାଇ ପାରୁନି ବାସ୍ତବରେ ସୁନାର ମୃଗ ବୋଲି କୌଣସି ଶାସ୍ତ୍ରରେ ଉଲ୍ଲେଖ ନାହିଁ। କେବେ ବି କେହି ସୁନାର ମୃଗ ଦେଖି ନାହାନ୍ତି, କିନ୍ତୁ ମୋର ଦୁର୍ଭାଗ୍ୟ ସେଦିନ, ସେ ମୃଗଟା ସୁନାର ବୋଲି ପ୍ରତୀୟମାନ ହେଉଥିଲା। ଆଉ ଯାହା ଘଟଣା ଘଟିଗଲା ତାହା ସର୍ବଜନ ବିଦିତ ହୋଇ ରହିଥିବ ଚିରଦିନ। କେତେ ଯେ ଭଲ୍ଲୁକ, ବାନର, ନିଶ୍ଚିହ୍ନ ହୋଇଗଲେ ତାହା ଅବର୍ଣ୍ଣନୀୟ। ଏତେ ଭୀଷଣ ରକ୍ତପାତ ଏତେ ହିଂସ୍ର ଆକ୍ରମଣ, ପ୍ରତି ଆକ୍ରମଣରେ ଶସ୍ୟ ଶ୍ୟାମଳ ଧରିତ୍ରୀଟା ହୋଇଗଲା ଗୋଟାଏ ଧ୍ୱଂସର ଉପତ୍ୟକା। ତାହା ଆଜି ବି ଯେତେବେଳେ ମନେ ପଡେ ଛାତିଟା ଫାଟିଯାଏ। ରଣ ଭୂମିରେ ଶହ ଶହ ଜୀବଙ୍କର ଶରୀରରୁ ଯେଉଁ ରକ୍ତ ବହି ଯାଉଥିବ ତାକୁ ଦେଖିଲେ ଦେହରୁ ମୋର ପ୍ରାଣ ଛାଡି ଯାଉଥିବା ଭଳି ଲାଗେ, କିନ୍ତୁ ନିରୂପାୟ। ମୋର ଏହି ଭୟାବହ ବିକଳତାକୁ ଦେଖି ଲକ୍ଷ୍ମଣ ମୋତେ ରଣଭୂମିର ବିସ୍ତୀର୍ଣ୍ଣତା ମଧ୍ୟକୁ ନଛାଡି, ନେଇ ଚାଲିଯାଏ ଯୁଦ୍ଧ ଶିବିର ମଧ୍ୟକୁ। ଯୁଆଡେ ଚାହିଁବେ ଖାଲି କଢ କୁଢ ଶବ। ଯେଉଁ ଦିନ ନିକୁମ୍ଭିଳା ବଟ ମୂଳରେ ମେଘନାଦ ଆମ ଦୁଇ ଭାଇଙ୍କୁ ବିନାଶ କରିବା ପାଇଁ ଯଜ୍ଞ କରୁଥିଲା ସେ ଦିନ ତା'ର ଯଜ୍ଞରେ ଲକ୍ଷ୍ମଣ ଓ ହନୁମାନ ଶକ୍ତ ଆକ୍ରମଣ କରିଥିବାରୁ ମେଘନାଦ ପ୍ରତିଶୋଧ ନେବା ପାଇଁ ଲକ୍ଷ୍ମଣ ଉପରେ ଯେଉଁ ମହାଶକ୍ତିକୁ ପ୍ରହାର କଲା, ସେଦିନର ସେହି ହୃଦୟ ବିଦାରକ ଘଟଣା ଆଜିବି ଗୋଟି ଗୋଟି ହୋଇ ମନେ ପଡୁଛି। ମେଘନାଦର ଶତ ସହସ୍ର ବଜ୍ରସମ ଶକ୍ତି ପ୍ରହାରରେ ଲକ୍ଷ୍ମଣ ମୂର୍ଚ୍ଛିତ ହୋଇ ମୃତବତ୍ ପଡିଛି ରଣ ଭୂମିରେ। ବକ୍ଷସ୍ଥଳରୁ ତା'ର ରକ୍ତ ଧାର ଧାର ହୋଇ ବହିଯାଉଛି। ହଠାତ୍ ମୁଁ ଅସ୍ତ୍ର ତ୍ୟାଗ କରିଦେଇ ଦଉଡି ଆସିଲି ଲକ୍ଷ୍ମଣ ନିକଟକୁ। ତାକୁ ଭୂମି ଉପରୁ ହଠାତ୍ ଉଠାଇ ନେଇ କୋଳରେ ଧରି କେତେ ଯେ ବିକଳ ହୋଇ କାନ୍ଦିଛି, କେତେ ଯେ ବିଳାପ କରିଛି, କେତେ ଯେ ରଣ ଭୂମିରେ ମଥା ପିଟି ନିଜ ଜୀବନକୁ ବିପନ୍ନ କରିଦେବି ବୋଲି ଶପଥ କରିଛି। ସେ କଥା ଗୁଡାକ ଆଜି ବି ମନେ ପଡି ଛାତି ଭିତରଟା ବିଦିର୍ଣ୍ଣ ହୋଇଯାଉଛି। ପୃଥିବୀରେ ଏପରି କେଉଁ ଲୋକ ଅଛି ତାକୁ ବର୍ଣ୍ଣନା କରିବ ? ପୃଥିବୀରେ ମୋତେ ସବୁ ମିଳିବ, କିନ୍ତୁ ଲକ୍ଷ୍ମଣ ପରି ଭାଇ ମୋତେ ମିଳିବ ନାହିଁ। ସେଦିନ ମୁଁ ଭାବି ନେଇଥିଲି, ଯଦି ଲକ୍ଷ୍ମଣର କିଛି ହୋଇଯାଏ ତେବେ ତା'ର ଶବକୁ ଧରି ମୁଁ ନିଜେ ସମୁଦ୍ରରେ ଆତ୍ମ ବିସର୍ଜନ କରିଦେବି। ସେହି ଲକ୍ଷ୍ମଣକୁ ଆଜି ବର୍ଜନ କରି ପୃଥିବୀରେ ମୁଁ ଜୀବନ ଧାରଣ କରିବି ? ନା, ନା ତାହା କଦାପି ହୋଇ ପାରିବ ନାହିଁ। ହୋଇପାରେ ମୁଁ ଅଧର୍ମୀ, ହୋଇ ପାରେ ମୁଁ ଅସତ୍ୟର ସୌଦାଗର, ହୋଇ ପାରେ ମୁଁ ନିର୍ଜନ ଅନନ୍ତ ନର୍କର ସହଯାତ୍ରୀ, କିନ୍ତୁ ଲକ୍ଷ୍ମଣକୁ ମୁଁ ତିଳେ ମାତ୍ର ମୋ ଆଖି ଆଗରୁ ଅନ୍ତର କରି ପାରିବିନି। ଏ ଦୁନିଆରେ ଏମିତି କେଉଁ ଭାଇ ଅଛି ଯିଏକି ଅସରନ୍ତି ଶାରିରୀକ ଯନ୍ତ୍ରଣା କ୍ଷୁଧା, ତୃଷାରେ ନିଜର ଜୀବନକୁ ବିପନ୍ନ କରି ମୋ ପରି ଗୋଟିଏ ଭାଇକୁ ମରଣ ମୁଖରୁ ରକ୍ଷା କରିବ ? ମୋ ରୋଗ ଶଯ୍ୟା ନିକଟରେ ବସି ମୋତେ ଔଷଧ ଦେଇଛି। କେତେ କେତେ ବିପଦରେ ପଡି ଆଖିରୁ ମୋର ଲୁହ ଧାର ବହି ଯାଉଥିବା ବେଳେ, ମୋ ଆଖିରୁ ଲୁହ ପୋଛି ଦେଇ ସାନ୍ତ୍ୱନା ଦେଇଛି। (କ୍ରମଶଃ)

# ଝୁଲଣ ପୂର୍ଣ୍ଣିମାର ମାହାତ୍ମ୍ୟ



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର,
ମୋ-୮୮୯୫୧୯୦୪୭୫

ବାର ମାସ ମଧ୍ୟରେ ଶ୍ରାବଣ ମାସର ମହତ୍ତ୍ୱ ପରିଲକ୍ଷିତ ହୋଇଥାଏ। ଶୈବ ଓ ବୈଷ୍ଣବ ମତବାଦରେ ବିଶ୍ୱାସ ରଖୁଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ ଏହି ମାସ ଅତ୍ୟନ୍ତ ପବିତ୍ର। ଶ୍ରାବଣ ମାସ ଏକ ପୁଣ୍ୟ ମାସ ଏହାର ମାହାତ୍ମ୍ୟ ବିଭିନ୍ନ ହିନ୍ଦୁ ଧର୍ମ ଗ୍ରନ୍ଥ ମାନଙ୍କରେ ଉଲ୍ଲେଖ ଅଛି। ଶ୍ରାବଣ ମାସ ପ୍ରତ୍ୟେକ ସୋମବାର ଦିନ କାଉଡିଆ ଶ୍ରଦ୍ଧାଳୁମାନେ ବିଭିନ୍ନ ପୁଣ୍ୟ ତୋୟା ଜଳାଶ୍ରୟରୁ ପବିତ୍ର ଜଳକୁ ସାଙ୍ଗରେ ଆଣି ଦେବ-ଦେବ ମହାଦେବ ଶିବ ଠାକୁରଙ୍କୁ ଜଳାଭିଷେକ କରିଥାନ୍ତି। ଶ୍ରାବଣ ମାସର ପୂର୍ଣ୍ଣିମା ଗହ୍ମାପୂର୍ଣ୍ଣିମା, ରାକ୍ଷୀପୂର୍ଣ୍ଣିମା, ଶ୍ରାବଣପୂର୍ଣ୍ଣିମା, ବଳଭଦ୍ର ଜନ୍ମ ଓ ସର୍ବୋପରି ଝୁଲଣ ପୂର୍ଣ୍ଣିମା ନାମରେ ଖ୍ୟାତ। ଝୁଲଣ ପୂର୍ଣ୍ଣିମା ବୈଷ୍ଣବୀୟ ପରମ୍ପରାର ଏକ ଚରମ ନିଦର୍ଶନ। ବୈଷ୍ଣବୀୟ ଭାବ ଧାରା ଓ ଦର୍ଶନକୁ ଆଧାର କରି ଗଢି ଉଠିଥିବା ମନ୍ଦିର, ମଠ ଓ ଧାର୍ମିକ ଅନୁଷ୍ଠାନ ମାନଙ୍କରେ ଏହି ଅବସରରେ ପାଳିତ ହୁଏ ଝୁଲଣ ଉତ୍ସବ। ଶ୍ରାବଣ ଶୁକ୍ଳ ପକ୍ଷ ଦଶମୀ ଠାରୁ ଭାଦ୍ରବ ପ୍ରତିପଦ ପର୍ଯ୍ୟନ୍ତ ୭ଦିନ ବ୍ୟାପି ଭାବ, ଭକ୍ତି, ପ୍ରେମର ହର୍ଷ ଉଲ୍ଲାସ ମଧ୍ୟରେ ପାଳିତ ହୁଏ ଝୁଲଣ ଉତ୍ସବ। ପୁରପଲ୍ଲୀ ଠାରୁ ଆରମ୍ଭ କରି ମର୍ତ୍ତ୍ୟ ବୈକୁଣ୍ଠ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ମଧ ଆୟୋଜିତ ହୁଏ ଝୁଲଣ ଉତ୍ସବ। ଝୁଲଣ ଯାତ୍ରାର ଆଧ୍ୟାତ୍ମିକ ବିଚାରଧାରା ମଧ୍ୟରେ ଥିବା ବିଭିନ୍ନ ମଠ ଓ ମନ୍ଦିର ମାନଙ୍କରେ ରାଇ ଦାମୋଦରଙ୍କର ଝୁଲଣ ଉତ୍ସବ ପାଳନ କରାଯାଏ। ଗୌଡିୟ ବୈଷ୍ଣବ ପରମ୍ପରାର ପ୍ରଭାବ କ୍ରମେ ପୁରୀ ଓ ଅନ୍ୟାନ ସ୍ଥାନର ମଠ, ମନ୍ଦିର ମାନଙ୍କରେ ଝୁଲଣଯାତ୍ରା ଆରମ୍ଭ ହୋଇଥିବା ଗବେଷକ ମାନେ ମତବ୍ୟକ୍ତି କରନ୍ତି। ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଶ୍ରୀକ୍ଷେତ୍ର ଆଗମନ ପରେ ପୁଣ୍ୟ ଉତ୍କଳ ଭୂମିରେ ବୈଷ୍ଣବ ଭାବଧାରର ଅଭୂତ ପୂର୍ବ ପରିବର୍ତ୍ତନ ଉପଲବ୍ଧ କରାଯାଇଥିଲା। ତେଣୁ ଏହି କ୍ରମରେ ବିଦ୍ୱାନମାନେ ବିଶ୍ୱାସ କରନ୍ତି ଷୋଡଶ ଶତାବ୍ଦୀରୁ ଏହି ଯାତ୍ରା ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ଏକ ଅନନ୍ୟ ଯାତ୍ରା ଭାବେ ପ୍ରତିଷ୍ଠା ଲାଭ କରନ୍ତି। ଭାରତ ବର୍ଷର ବିଭିନ୍ନ ସ୍ଥାନରେ ବିଶେଷ କରି ପୂର୍ବ ଭାରତ ଓ ଉତ୍ତର ଭାରତରେ ଏହି ଉତ୍ସବ ଅତି ଉତ୍ସାହର ସହିତ ପାଳନ କରାଯାଏ। ମୌସୁମୀର ଆଗମନ ପରେ ଧରାମଣ୍ଡଳ ଗ୍ରୀଷ୍ମର ପ୍ରକୋପରୁ ରକ୍ଷାପାଏ। ସନ୍ଧ୍ୟାର ଶୀତଳ ପବନ ଗୁଳୁଗୁଳିକୁ ଦୂର କରିଥାଏ। ରାଧାକୃଷ୍ଣ ଗୋଲକରେ କରୁଥିବା ନିତ୍ୟରାସକୁ ମର୍ତ୍ତ୍ୟ ମଣ୍ଡଳରେ ପରିପ୍ରକାଶ କରିଥାନ୍ତି। ରାଧାକୃଷ୍ଣ ବୃନ୍ଦାବନରେ ଗୋପାଙ୍ଗନାଙ୍କ ସହ ଯେଉଁ ରାସ ରଚନା କରିଥାନ୍ତି ତାହା ଦିବ୍ୟ ରାସ। ମର୍ତ୍ତ୍ୟ ଲୋକରେ ସେହି ଅପୂର୍ବ ରାସର ଅଂଶ ସ୍ୱରୂପ ଝୁଲଣ ପୂର୍ଣ୍ଣିମା। ଭାଗବତ ଓ ହରିବଂଶ ପୁରାଣରେ ଏହି ଉତ୍ସବ ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା ରହିଛି। କେତେକ ସ୍ଥାନରେ ଝୁଲଣ ଉତ୍ସବକୁ ହିବୋଳ ବୋଲି କୁହାଯାଏ। ବିଶେଷକରି ଉତ୍ତର ଭାରତରେ ହିବୋଳର ଅର୍ଥ 'ଝୁଲା'କୁ ବୁଝାଏ। ଝୁଲା ଝୁଲାଇବା ସମୟରେ ଯେଉଁ ଗୀତଗାନ କରାଯାଏ ତାହା ଅଗ 'ହିବୋଳ'ରେ ହୋଇଥାଏ। ଶ୍ରୀ ଚୈତନ୍ୟ ମହାପ୍ରଭୁ ଏହି ଝୁଲଣ ଉତ୍ସବକୁ ମହାପ୍ରଭୁଙ୍କ ଦିବ୍ୟ ରାସ କହି ଭକ୍ତମାନେ ସୁସଜ୍ଜିତ ଦୋଳରେ ପ୍ରଭୁଙ୍କୁ ଝୁଲାଇବାକୁ ପରାମର୍ଶ ଦେଇଥିଲେ। ବୈଷ୍ଣବ ମତାଲମ୍ବୀ ମାନେ ଘରେ ଘରେ ଝୁଲଣଯାତ୍ରା ଆୟୋଜନ କରି ପ୍ରଭୁଙ୍କୁ ଭୋଗ ନୈବେଦ୍ୟ ଅର୍ପଣ କରିଥାନ୍ତି। ରାଧାକୃଷ୍ଣ ଦୋଳିରେ ଝୁଲୁଥିବା ସମୟରେ ନୃତ୍ୟ, ଗୀତ, ସଂଗୀତ ପ୍ରଭୃତି ଆଧ୍ୟାତ୍ମିକ ଆସର ଆୟୋଜିତ ହୁଏ। ଶ୍ରୀମନ୍ଦିରରେ ପାଳିତ ହେଉଥିବା ଝୁଲଣ ଯାତ୍ରାର ନୀତି, ନିୟମ, ପରମ୍ପରାକୁ ଆଧାର କରି କିମ୍ବା ସାମାନ୍ୟ ଭିନ୍ନ ଶୈଳିରେ ବିଭିନ୍ନ ସ୍ଥାନରେ ଏହି ଯାତ୍ରା ପାଳିତ ହୁଏ। ଚିତ୍ତାକର୍ଷକ ଶୋଭିତ ଦୋଳିରେ ମଦନ ମୋହନ, ରାମକୃଷ୍ଣ, ଶ୍ରୀଦେବୀ ଓ ଭୂଦେବୀ ବଡ ଦେଉଳର ଝୁଲଣ ଯାତ୍ରାକୁ ବିଜେ କରନ୍ତି। ସନ୍ଧ୍ୟା ଆଳତୀ ଓ ମହାପ୍ରଭୁଙ୍କର ଆଜ୍ଞାମାଳ ମିଳିବା ପରେ ଉପରୋକ୍ତ ଜୀଉମାନେ ମୁକ୍ତି ମଣ୍ଡପକୁ ବିଜେ କରନ୍ତି ଏବଂ ମହାପ୍ରଭୁଙ୍କର ଚନ୍ଦନ ଲାଗି ପର୍ଯ୍ୟନ୍ତ ରାସ ଲୀଳା ଆୟୋଜିତ ହୋଇଥାଏ। ପ୍ରତାପ ରୁଦ୍ରଦେବଙ୍କ ଶାସନ ସମୟରେ ଶ୍ରୀ ଚୈତନ୍ୟ ମହାପ୍ରଭୁ, ପଞ୍ଚସଖା ଓ ରାୟ ରାମାନନ୍ଦଙ୍କ ଉଦ୍ୟମ କ୍ରମେ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା ବେଶ, ଝୁଲଣଯାତ୍ରା ଓ ଅନ୍ୟାନ ବୈଷ୍ଣବୀୟ ପରମ୍ପରାର ଶୁଭାରମ୍ଭ ହୋଇଥିଲା। ଏହି ସମୟରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ କୃଷ୍ଣ ବେଶରେ ସଜ୍ଜିତ କରାଯାଇଥାଏ।

ଏହି ପ୍ରଥାକୁ ଅନୁସରଣ କରି ପୁରୀର ବିଭିନ୍ନ ମଠ ଓ ଓଡିଶାର ବିଭିନ୍ନ ସ୍ଥାନରେ ଥିବା ରାଧାକୃଷ୍ଣ ମନ୍ଦିର ମାନଙ୍କରେ ଝୁଲଣ ଯାତ୍ରା ଆରମ୍ଭ ହୋଇଥିଲା। ଗଜପତି ମହାରାଜା ବୀର କିଶୋର ଦେବ ପ୍ରଥମ ଓ ଗଜପତି ଦିବ୍ୟ ସିଂହ ଦେବ ଦ୍ୱିତୀୟଙ୍କ ରାଜତ୍ୱ ସମୟରେ ଝୁଲଣ ମଣ୍ଡପରେ କୁଞ୍ଜ ସଜ୍ଜାଗଲା। ସୋଲ, କାଠ, ଜରିରେ ଶିଳ୍ପୀମାନେ ବିଭିନ୍ନ ବୃକ୍ଷଲତା, ଫୁଲ, ଫଳ, ପଶୁ, ପକ୍ଷୀ ଓ ଗୋପ ଗୋପାଳୁଣୀ ପ୍ରଭୃତି ସୁନ୍ଦର ଭାବରେ ନିର୍ମାଣ କରି ମୁକ୍ତି ମଣ୍ଡପକୁ ବୃନ୍ଦାବନର କୁଞ୍ଜବନ ସଦୃଶ୍ୟ ସଜ୍ଜିତ କରିଥାନ୍ତି। ଶ୍ରାବଣ ମାସର ଏହି ଝୁଲଣ ଯାତ୍ରାକୁ ପ୍ରକୃତ ରାସ ବୋଲି ମଧ କୁହାଯାଇଥାଏ କାରଣ ଏହା ରାଧାକୃଷ୍ଣଙ୍କର ଦିବ୍ୟ ପ୍ରେମ ଭକ୍ତିର ନିଦର୍ଶନ। ଭକ୍ତି ଓ ପ୍ରେମର ପ୍ରତୀକ ବିଡିଆପାନ ବା ତାମ୍ବୁଳ ଝୁଲଣ ମଣ୍ଡପରେ ପ୍ରଭୁଙ୍କୁ ଅର୍ପଣ କରାଯାଏ। ଶ୍ରୀକ୍ଷେତ୍ରରେ ପୂର୍ବେ ୪୦ରୁ ଅଧିକ ମଠରେ ଝୁଲଣ ଯାତ୍ରା ଆୟୋଜିତ ହେଉଥିଲା କିନ୍ତୁ ବର୍ତ୍ତମାନ ୨୫ଟି ମଠରେ ଏହି ଉତ୍ସବ ପାଳନ କରାଯାଉଅଛି। ଶ୍ରୀମନ୍ଦିରରେ ଝୁଲଣ ଉତ୍ସବରେ ଶ୍ରୀ ମଦନ ମୋହନ ଝୁଲୁଥିବା ବେଳେ ଅନ୍ୟ କେତକ ମଠରେ ପତିତପାବନ, ସ୍ୱରୂପ ଜଗନ୍ନାଥ, ରାଧାକୃଷ୍ଣ, ନୃସିଂହ ଓ ରଘୁନାଥ ଆଦି ଝୁଲନ୍ତି। ମଙ୍ଗୁ ମଠରେ ଠାକୁର ପିତଳ ଝୁଲାରେ ଝୁଲୁଥିବା ବେଳେ, ଦକ୍ଷିଣ ପଟ ମଠରେ ଶାଳଗ୍ରାମ, ଶଙ୍ଖ ଓ ଚକ୍ର ସହ ଝୁଲନ୍ତି। ଜଳୌକା ଶାନ୍ତି ଆନନ୍ଦ ଧାମର ପ୍ରାଣ ପ୍ରତିଷ୍ଠାତା ବ୍ରହ୍ମଦର୍ଶୀ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଝୁଲଣ ଯାତ୍ରା ଉପଲକ୍ଷେ ରଚିତ କାଳଜୟୀ ରଚନାର ଏକ ପଂକ୍ତି-

**"ଅନାଲୋ ମିତଣୀ କୁଞ୍ଜେ ଝୁଲଣ ଦୋଳିକୁ**
**ଅପୂର୍ବ ସୁନ୍ଦର ରାଧା ମୋହନ ଦୋଳିକୁ**
**ଉଭା ତ୍ରିରଙ୍ଗ ଠାଣିରେ ଚୋରାବାଙ୍କ ଚାହାଁଣିରେ**
**ନାରୀମାନେ ଦୋହଲାଏ ବାଇ ମୂରଲୀକୁ।।**
**ରାଇକୁ ଧରି କୋଳରେ ଝୁଲନ୍ତି ଫୁଲ ଦୋଳିରେ**
**ବଇକୁଣ୍ଠ ଧ୍ୟାନକରେ ତାପଦ ତଳିକୁ।।**

କରମଳା ଶାନ୍ତି ଆନନ୍ଦାଶ୍ରମର ପରମପୂଜ୍ୟ ଜଗତ୍ ଗୁରୁ ଠାକୁର ଶ୍ରୀ ଅଭିରାମ ପରମ ହଂସ ଦେବ ଉତ୍କଳୀୟ ବୈଷ୍ଣବ ପରମ୍ପରାର ଜଣେ ଯୋଗଜନ୍ମା ସିଦ୍ଧ ସାଧକ। ଝୁଲଣ ଯାତ୍ରାକୁ କେନ୍ଦ୍ର କରି ଏକ ସୁନ୍ଦର ମନ ଛୁଆଁ ପଦ୍ୟାବଳୀ ରଚନା କରିଛନ୍ତି ଏହାର ଏକ ମନୋଜ୍ଞ ତଥା ହୃଦୟସ୍ପର୍ଶୀ ପଦ ହେଲା ...

" ଛାଡି ଅମର ଆଜ ଦେବ ଦେବୀ ସକଳ
ପୁଷ୍ପବୃଷ୍ଟି କରନ୍ତି ଅଧା ସ୍ୱର୍ଗେ
ଅଭିରାମ କହଇ ଛାଡିଲି ଧ୍ୟାନ ମୁହିଁ
ଝୁଲୁ ଅଛନ୍ତି ଯିଏ ତାଙ୍କ ଯୋଗେ ।।

ଅନ୍ୟାନ ବୈଷ୍ଣବ କବିମାନେ ଝୁଲଣ ଯାତ୍ରାକୁ ନେଇ ଅନେକ ଭାବରସରେ ପରିପୂର୍ଣ୍ଣ ଆଧ୍ୟାତ୍ମିକ ରଚନାମାନ ସୃଷ୍ଟି କରିଛନ୍ତି। ଝୁଲଣ ଦୋଳିର ଦୃଶ୍ୟ ଅତ୍ୟନ୍ତ ମର୍ମସ୍ପର୍ଶୀ ଓ ମନୋରମ। ଏହି ଶ୍ରଦ୍ଧାଳୁ ମାନଙ୍କ ହୃଦୟରେ ସୃଷ୍ଟିକରେ ଶାନ୍ତି, ସଂହତି ଓ ସଦ୍‌ଭାବ। ଝୁଲଣ ଦୋଳିରେ ରାଧା-କୃଷ୍ଣ ଯୁଗଳ ମୂର୍ତ୍ତିଙ୍କୁ ଦର୍ଶନ କଲେ ଅଶେଷ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ଝୁଲଣ ପୂର୍ଣ୍ଣିମାର ମାହାତ୍ମ୍ୟ ସୁଦୂର ପ୍ରସାରୀ ତଥା ଦିଗନ୍ତ ବିସ୍ତାରୀ। ଏହା ପ୍ରାଣରେ ସୃଷ୍ଟି କରେ ନୂତନ ସ୍ପନ୍ଦନ ଓ ଚିନ୍ତା-ଚେତନାରେ ଭରି ଦିଏ ଅବର୍ଣ୍ଣନୀୟ ଆବେଗ।

# ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

## ସତ୍ୟ ଭାଗବତ

### ପ୍ରଥମ ଅଧ୍ୟାୟ

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,**
**ଭଦ୍ରକାଳୀ କପାଳିନୀ**
**ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ**
**ସ୍ୱହା ସ୍ୱଧା ନମ୍ଭୁତେ ।'**



ଶ୍ରୀ ଅଭିରାମ ସରସ୍ୱତୀ

ତୁହି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ୍ସ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ଥ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଜଗନ୍ନାଥ

ଅଶୋକ କୁମାର ପଣ୍ଡା
ରାମେଶ୍ୱର ସାହିତ୍ୟ ସଂସଦ,
ରାନ୍ଦିଆ
ଫୋନ୍ : ୮୯୧୭୫୨୧୪୨୧

ଜଗନ୍ନାଥ ହେଉଛନ୍ତି ସାଢ଼େ ଚାରି କୋଟି ଓଡ଼ିଆଙ୍କର ଆରାଧ୍ୟ ଦେବତା, ଖାଲି ଓଡ଼ିଶା ନୁହ ସାରା ଭାରତ ତଥା ବିଶ୍ୱରେ ବହୁଦେଶରେ ଚାଲିଛି ଜଗନ୍ନାଥଙ୍କ ପୂଜା ଅର୍ଚ୍ଚନା। ଆମେ ଯେତେବେଳେ ଯାହାଙ୍କୁ ପୂଜା କରନ୍ତି, ସେ ନିଶ୍ଚିତ ଭାବରେ କିଛି ବିଶେଷ ଗୁଣ, କୀର୍ତ୍ତି ତଥା ତତ୍ତ୍ୱର ଆଧାର ହୋଇଥିବେ ନିଶ୍ଚୟ ଜଗନ୍ନାଥ ଯେ ଭକ୍ତ ସାଲବେଗର ରୋଗ ଉପସମକାରୀ, ବା ଦାସିଆ ବାଉରୀ ହାତରୁ ଶ୍ରଦ୍ଧାରେ ନଡ଼ିଆ ନେବା ତଥା ପୁରୀ ରାଜାଙ୍କ ପାଇଁ ଯୁଦ୍ଧ କରିବା ଓ ବହୁ ଅଲୌକିକ ଲୀଳାର କର୍ତ୍ତା, ତା କେବଳ ନୁହ, ସେ ସାରା ବିଶ୍ୱ ଓ ଜଗତ ରକ୍ଷା ନିମନ୍ତେ ଏକ ବିସ୍ମୟ ଅବତାର।

ସାରା ବିଶ୍ୱରେ ଅନେକ ଧର୍ମ ରହିଛି, ଅନେକ ରୀତିନୀତି ଓ ଆଦର୍ଶ ରହିଛି। ସବୁ ମଣିଷ ସମାଜର କଲ୍ୟାଣ ପାଇଁ ବିଚାରଧାରା ରହିଛି। ମାତ୍ର ଜଗନ୍ନାଥଙ୍କର ତତ୍ତ୍ୱ ଓ ଆଦର୍ଶ ଓ ଉଦ୍ଦେଶ୍ୟ ସବୁଠୁ ନିଆରା ଓ ଅନନ୍ୟ। ବିଶ୍ୱରେ ବିଭନ୍ନ ଧର୍ମରେ ମୂର୍ତ୍ତି ପୂଜା ହେଉ ବା ନିରାକାର ପୂଜା ହେଉ, ସବୁଠି କିନ୍ତୁ ଧାତୁ କିମ୍ବା ପଥର ବ୍ୟବହାର ନିଶ୍ଚିତ ଦେଖାଯାଏ। ମାତ୍ର ଜଗତର ନାଥ ଜଗନ୍ନାଥ ଜଗତର କଲ୍ୟାଣ ପାଇଁ ଦାରୁବିଗ୍ରହ ହୋଇଛନ୍ତି, କେହିକଣ ଭାବିପାରିଥିଲେ ଆଜିର ଏହି ପ୍ରଦୂଷିତ ଜଳବାୟୁରୁ ରକ୍ଷା ପାଇବା ପାଇଁ ବୃକ୍ଷର ଏତେ ମହତ୍ତ୍ୱ ରହିବ। ବର୍ତ୍ତମାନ ବୃକ୍ଷହିଁ ଆମର ଜୀବନ ହୋଇଛି। ଯଦି ଭଗବାନ ବୃକ୍ଷ ବା ଦାରୁରେ ପ୍ରକାଶିତ ହୁଅନ୍ତି ଆମେ ନିଶ୍ଚିତ ଭାବରେ ବୃକ୍ଷ ରାଜିକୁ ସମ୍ମାନ ଦେବା ଓ ତାହାର ରକ୍ଷଣା ଓ ବେକ୍ଷଣା ପାଇଁ ଅଶ୍ରାମର ଶ୍ରଦ୍ଧା ଓ ନିଷ୍ଠା ରହିବ। ଆମେ ନିଶ୍ଚିତ ଭାବରେ ଜଗନ୍ନାଥଙ୍କ ପ୍ରତି ଭଲ ପାଇବା ଉଦେଶରେ ଗଛ ଲଗାଇବା ଓ ତାର ଯନ୍ତ୍ର ନେବା। ଯଦି ଆମେ କେବଳ ଗଛକୁ ନଷ୍ଟ କରନ୍ତି, ତେବେ ଆମର ପ୍ରକୃତରେ ଜଗନ୍ନାଥଙ୍କ ପ୍ରତି ବାସ୍ତବରେ ଭକ୍ତି ଅଛି ବୋଲି କହିପାରିବା ନାହିଁ। ତେଣୁ ଆମେ ବୃକ୍ଷରାଜୀକୁ ସମ୍ମାନ ଦେବା ଅର୍ଥ ଜଗନ୍ନାଥଙ୍କୁ ପ୍ରକୃତ ଭଲ ପାଇବା ହେବ।

ଆମର ଯେତେ ଦେବାଦେବୀ ଅଛନ୍ତି, ପ୍ରାୟ ସମସ୍ତେ ଯୁଗଳ ମୂର୍ତ୍ତିରେ ଶୋଭା ପାଉଛନ୍ତି ତଥା ପୂଜା ପାଉଛନ୍ତି। ଯଥା ଶିବପାର୍ବତୀ, ଲକ୍ଷ୍ମୀନାରାୟଣ, ସୀତାରାମ ଓ ରାଧାକୃଷ୍ଣ। କିନ୍ତୁ ଜଗତର ନାଥ ଜଗନ୍ନାଥ ତାଙ୍କ ଅବତାରାରେ ଏକ ଭିର୍ଣ୍ଣ ସ୍ୱରୂପ ଦେଖାଇଛନ୍ତି। ସେ ବଡ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ରତ୍ନ ବେଦିରେ ଶୋଭାପାଉଛନ୍ତି। ଏହା ଆଜିର ସମାଜ ପ୍ରତି ଏକ ନିଆରା ଆଦର୍ଶ। ଜଗନ୍ନାଥ ବୋଧହୁଏ ଜାଣିଥିଲେ କଳିଯୁଗରେ ସାମାଜିକ ଓ ପାରିବାରିକ ଅବସ୍ଥା ଏକ ଭିଣ୍ଣଦିଗରେ ଯିବ। ଘରର ଝିଅଟି ବାପା ମା ଥିବା ପର୍ଯ୍ୟନ୍ତ ବାପଘରର ସ୍ନେହ ଶ୍ରଦ୍ଧାରେ ରହିଥାଏ। ମାତ୍ର ବାପା ମାଆ ଗଲାପରେ ଝିଅଟି ଯଦି ଶ୍ୱଶୁର ଘରୁ ଠିକ ଭାବରେ ସ୍ନେହ ଶ୍ରଦ୍ଧା ଓ ସମ୍ମାନ ନପାଏ ତେବେ ସେ ନିଜକୁ ଅସହାୟ ଓ ହତାଶ ମଣିବ। ସେ ନିଶ୍ଚିତ ଭାବରେ ମାନସିକ ଭାବରେ ଭାଂଗିପଡିବ। ସେତେବେଳେ ବାପାମାଆଙ୍କ ଅନ୍ତେ ଭାଇ ହିଁ କେବଳ ସାହା। ଭାଇର ସ୍ନେହମମତା ଓ ସାହାରା ତାର ଆବଶ୍ୟକ ହୋଇପଡେ। ଏ ତତ୍ତ୍ୱକୁ ଜଗନ୍ନାଥ ଜାଣିପାରି ଭଉଣୀ ପ୍ରତି ଅତୁଟ ସ୍ନେହବନ୍ଧନରେ ବାନ୍ଧିରଖିବା ପାଇଁ ରତ୍ନବେଦିରେ ଭଉଣୀକୁ ସାଙ୍ଗରେ ନେଇ ପୂଜାପାଉଛନ୍ତି। ସମାଜରେ ଯେଉଁ ଭାଇମାନେ ଭଉଣୀ ପ୍ରତି ସ୍ନେହଶ୍ରଦ୍ଧା ଓ ସମ୍ପର୍କ ରଖିପାରୁନାହାନ୍ତି, ତେବେ କଣ ଆମେ କହିପାରିବକି ସେମାନେ ଜଗନ୍ନାଥଙ୍କୁ ପ୍ରକୃତରେ ଭକ୍ତି କରୁଛନ୍ତି। ସେ କଣ ବାସ୍ତବରେ ଜଗନ୍ନାଥଙ୍କୁ ଭଲ ପାଉଛନ୍ତି। ଏଥିରେ ସନ୍ଦେହ ନିଶ୍ଚିତ ଭାବରେ ରହିଛି। ଏଣୁ ଭଉଣୀ ପ୍ରତି ଉଚିତ ସମ୍ମାନ ହିଁ ଜଗନ୍ନାଥଙ୍କ ପ୍ରତି ହେଇପାରିବ ବାସ୍ତବରେ ଭକ୍ତି ଅର୍ଘ୍ୟ।

ଆଜି ସମାଜରେ ପାରିବାରିକ ଅବସ୍ଥା ବହୁତ ବିପର୍ଣ୍ଣ ହୋଇପଡିଛି। ଯୌଥ ପରିବାର କ୍ରମଶଃ ଭାଙ୍ଗିଚାଲିଛି। ପାରିବାରିକ ସମ୍ପର୍କର ସୌହାର୍ଦ୍ଦତା ନଷ୍ଟ ହୋଇଚାଲିଛି। ଯେତେବେଳେ ଏକକ ପରିବାରରେ କୌଣସି ବିପଦ ଆସିଯାଉଛି, ସେତେବେଳେ ପରିବାରଟି ଅନ୍ୟ ଭାଇ, ବନ୍ଧୁଙ୍କ ଠାରୁ ସାହାଯ୍ୟ ସହଯୋଗ ନ ପାଇ ନଷ୍ଟଭ୍ରଷ୍ଟ ହୋଇଯାଉଛି। ସମସ୍ତେ ଭାବୁଛନ୍ତି ଯେ ସେମାନେ ତାଙ୍କ ନିଜ ପରିବାର ଅର୍ଥାତ ସ୍ୱାମୀ, ସ୍ତ୍ରୀ ଓ ନିଜର ପୁଅ ଝିଅକୁ ନେଇ ସୁଖରେ ରହିଯିବେ। ମାତ୍ର ଅନେକ ସମୟରେ ସମାଜରେ ସମସ୍ତଙ୍କ ପାଇଁ ତାହା ସହଜ ନ ହୋଇ ଏକ ବିରାଟ ସମସ୍ୟାରେ ପରିଣତ ହୋଇଯାଉଛି। ବହୁତ ପରିବାର ଭାଙ୍ଗି ଚୁରମାର ହୋଇଯାଉଛି। ହୁଏତ ପ୍ରଭୁ ଜଗନ୍ନାଥ କଳି ଯୁଗରେ ଏ ଅବସ୍ଥା ହେବ ବୋଲି ଜାଣିପାରିଥିଲେ, ବୋଧ ହୁଏ ଯୌଥ ପରିବାର ଭାଙ୍ଗିବାର ଆଶଙ୍କାକୁ ଦୂରେଇବା ପାଇଁ ସେ ଭାଇଭଉଣୀ ସମସ୍ତଙ୍କୁ ସାଙ୍ଗରେ ନେଇ ରତ୍ନବେଦିରେ ପୂଜା ପାଉଛନ୍ତି। ଯଦି ଆମେ ଆମ ପରିବାରରେ ଭାଇଭଉଣୀଙ୍କୁ ସମ୍ମାନ ଦେଇ ସାଙ୍ଗରେ ରହିପାରୁନାହାନ୍ତି ତେବେ ଆମେ ଜଗନ୍ନାଥଙ୍କର ଭକ୍ତ ବୋଲି କହିବାକୁ ଆମକୁ ନିଶ୍ଚିତ ଲଜ୍ୟା ଲାଗିବ। ଏକକ ପରିବାରର ସଦସ୍ୟ ଯେତେ ଭକ୍ତି ଭାବରେ ଜଗନ୍ନାଥଙ୍କୁ ପୂଜା କଲେ ତାର ସୁଫଳ ହୁଏତ ପାଇବା ନାହିଁ। କାରଣ ଜଗନ୍ନାଥ ଯାହା ଚାହାଁନ୍ତି ଆମେ ସେଥିରେ ସହମତ ହୋଇ ପାଳନ ନ କଲେ ଆମ୍ଭେ କେବେବି ତାଙ୍କ ଶ୍ରଦ୍ଧାର ପାତ୍ର ହୋଇପାରିବା ନାହିଁ। ଏଣୁ ପରିବାରର ସମସ୍ତଙ୍କ ପ୍ରତି ଶ୍ରଦ୍ଧା, ସମ୍ମାନ ଓ ସହଯୋଗ ହିଁ ବାସ୍ତୁବ ଜଗନ୍ନାଥ ପ୍ରେମୀର ଲକ୍ଷଣ ହୋଇପାରେ, ନତୁବା ଆମେ ଜଗନ୍ନାଥଙ୍କ କରୁଣାରୁ ବଞ୍ଚିତ ହେବାହିଁ ସାର ହେବ । ବର୍ଣ୍ଣବୈଶମ୍ୟ ବାଦ ଆଜି ପୃଥିବୀରେ ଏକ ବିରାଟ ସମସ୍ୟା ହୋଇ ଛିଡା ହୋଇଛି। ଗୋରା ଲୋକଟିର କଳା ଲୋକ ପ୍ରତି ଘୃଣା ଅନେକ। ଏମିତିକି ବର୍ଣ୍ଣ ଖରାପ ଥିବା ଲୋକ ସହ ଭଲ ବର୍ଣ୍ଣ ଥିବା ଲୋକର ସମ୍ପର୍କ ଭଲ ରହିପାରୁ ନାହିଁ। ଯାହା ସାମାଜିକ ଚଳଣିରେ ଏକ ବିପଦ ସୃଷ୍ଟି ହୋଇଛି। ଗୋଟେ କଳାଝିଅ ବା କଳାପୁଅଟେ ଆଜି ବିବାହ ବନ୍ଧନରେ ଏକ ଅବାଂଛିତ ପରିସ୍ଥିତି ର ସମ୍ମୁଖୀନ ହେଉଛି। ସେଇଥିପାଇଁ ବୋଧହୁଏ ପ୍ରଭୁ ଜଗନ୍ନାଥ ନିଜକୁ କଳା କରିନେଇଛନ୍ତି, ଭାଇଙ୍କୁ ଧବଳତା ଓ ଭଉଣୀକୁ ହଳଦୀ ବର୍ଣ୍ଣ ଦେଇଛନ୍ତି। ଯିଏ ଜଗନ୍ନାଥଙ୍କୁ ଭଲ ପାଇବ ସେ କେବେହେଲେ କୌଣସି କଳା ଲୋକଙ୍କୁ ଘୃଣା କରିବ ନାହିଁ। ଯଦି ମନରେ କଳା ଲୋକ ପ୍ରତି ଘୃଣା ଅଛି ତେବେ ସେ କେବେହେଲେ ଜଗନ୍ନାଥଙ୍କର ସଚ୍ଚା ଭକ୍ତ ହୋଇନପାରେ। ଦ୍ୱିତୀୟ କଥା ହେଉଛି ପୃଥିବୀରେ ତିନି ରଙ୍ଗର ଲୋକ ଦେଖାଯାନ୍ତି ଯଥା କଳା, ଗୋରା ଓ ମଙ୍ଗଲୀୟାରେ ହଳଦିଆ ରଙ୍ଗରେ ଲୋକ ଦେଖାଯାନ୍ତି। ଯେହେତୁ ସେ ଜଗତର ନାଥ ତେଣୁ ସେ ସମସ୍ତଙ୍କ ପାଇଁ ତିନି ରଙ୍ଗ ଧାରଣ କରି ଜଗତର ନାଥ ବୋଲି ପରିଚୟ ଦେଇଛନ୍ତି।

ଆଜି ବିକଶିତ ସମାଜରେ ଲୋକ ନିଜର ଭୌତିକ ଉନ୍ନତିରେ ଏମିତି ବ୍ୟସ୍ତ ହୋଇଯାଇଛି ଯେ, ସେ ନିଜ ପରିବାର ପାଇଁ ସମୟ ବାହାର କରିବା ଏକ ବିରାଟ ସମସ୍ୟା ହୋଇଯାଇଛି। ସେଥିରେ ପୁଣି ନିଜ ଗାଁ ବା ନିଜ ସହରରେ ଯେଉଁଠି ବଢିଥିବା, ପଢିଥିବା ଓ ଖେଳିଥିବା ଜାଗାରେ ବନ୍ଧୁ ଓ ପରିବାର ସହ ସମୟ କଟେଇବା ଏକ ସ୍ୱପ୍ନ ହେଇଯାଇଛି। ଏହିକଥା ପ୍ରଭୁ ଜଗନ୍ନାଥ ବହୁ ଆଗରୁ ଜାଣିପାରିଥିଲେ, ସେଥିପାଇଁ ସେ ବର୍ଷକୁ ଥରେ ସମସ୍ତଙ୍କ ସହ ମିଶିବା ପାଇଁ ରଥଯାତ୍ରା କରନ୍ତି। ଯାତ୍ରା ସମୟରେ ମାଉସୀ ଘର ଓ ଅନ୍ୟ ବନ୍ଧୁଙ୍କ ଘରକୁ ଯାନ୍ତି, ଜାତି ଧର୍ମ ନିର୍ବିଶେଷରେ ସେ ସମସ୍ତଙ୍କ ସହ ମିଶନ୍ତି। ଏହାହିଁ ତାଙ୍କର ବିରଳ ଲୀଳା। ଯାହା ସମସ୍ତଙ୍କ ପାଇଁ ଏକ ଆଦର୍ଶ ଓ କର୍ତ୍ତବ୍ୟ ହେବା ଉଚିତ। ଆମେ ସମସ୍ତେ ବର୍ଷକୁ ଥରେ ପ୍ରତ୍ୟେକ ବନ୍ଧୁବାନ୍ଧବ, ସାଙ୍ଗସାଥୀଙ୍କୁ ଭେଟିବା ଉଚିତ। ତେବେ ସମାଜରେ ଏକ ସୌହାର୍ଦ୍ଦ୍ୟ ପରିସ୍ଥିତି ରହିପାରିବ। ଏହା ଠାରୁ ବଡ ଆଦର୍ଶ କଣ ହୋଇପାରେ। ଏହିଭଳି ଜଗନ୍ନାଥଙ୍କ ଅନେକ ଲୀଳା ବିସ୍ତାରିତ ହୋଇଛି। ଜଗତ କଲ୍ୟାଣ ପାଇଁ ସେ ଅନେକ ରୀତି, ନୀତି, ଆଦର୍ଶ ଦେଖେଇଛନ୍ତି। ତାଙ୍କ ଅଲୌକିକ ଶକ୍ତିରୁ ଆମେ ଆମର ଦୁଃଖ, ସମସ୍ୟା ଦୂରେଇବାକୁ କେବଳ ପୂଜା ବା ମାଳି ନ ଗଡ଼ାଇ ତାଙ୍କ ବାସ୍ତବ ଉଦ୍ଦ୍ୟଶରେ ନିଜକୁ ସାମିଲ କରିପାରିଲେ, ତାହାହିଁ ହେବ ଆମର ପ୍ରକୃତ ଆଧ୍ୟାତ୍ମିକତା। ଜୟ ଜଗନ୍ନାଥ

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

## ଦ୍ୱିତୀୟ ଈଶ୍ୱର

ପ୍ରଣୀତା ମିଶ୍ର


ନିଶୀଥ ପ୍ରହର ନୀରବତା ଭାଙ୍ଗି
ଶୁଭୁଥିଲା କାହା ସ୍ୱର
ଆକୁଳ କଣ୍ଠରେ ଡାକୁଥିଲା କେହି
ରକ୍ଷାକର ହେ ଈଶ୍ୱର ।
ଦ୍ୱିତୀୟ ଈଶ୍ୱର ପ୍ରାଣରକ୍ଷା ପାଇଁ
ଯେବେ ଯୁଝୁଥିଲା ରଣ
ତୁମେ ଶୋଇଥିଲ କ୍ଷୀର ସମୁଦ୍ରରେ
ନ ଭେଦିଲା ତୁମ କର୍ଣ୍ଣ ।
କଂକ୍ରିଟ ଛାତର ଆବଦ୍ଧ ଗୃହରେ
ବଞ୍ଚାଇବାକୁ ଇଜତ
ନର ପିଶାଚଙ୍କ ସାଥେ ଏକାକିନୀ
ଥିଲା ସେ ସଂଘର୍ଷରତ ।
ହୃଦବିଦାରକ ଘଟିଗଲା ଯାହା
କାନ୍ଦଇ ପ୍ରାଣ ଗୁମୁରି
ନାଶ ଗଲା ପ୍ରାଣ ଚିକିତ୍ସିକାଙ୍କର
ଉଦୀୟମାନ ସେ କଳି ।
ମାନବର ସେବା ଥିଲା ଯାର ବ୍ରତ
ନିଜର ପ୍ରତିଭା ବଳେ
ରୁଗ୍ଣଜନଙ୍କର ସେବାରେ ନିଯୁକ୍ତ
ଥିଲା ସେ ଯେ ରାତ୍ର କାଳେ ।
ବୁଦ୍ଧିମତୀ ସେହି ଅନନ୍ୟା ଲଳନା
ଚିକିତ୍ସା ଶାସ୍ତ୍ରକୁ ପଢି
ଦେଇଥାନ୍ତା ସେବା ଅଜସ୍ର ଲୋକଙ୍କୁ
ପଡ଼ିଲା ଅକାଳେ ଝଡି ।
କୋଳ ହେଲା ଶୂନ୍ୟ ପିତାମାତାଙ୍କର
ହେଲା ଅଭିଳାଷ ଚୂର୍ଣ୍ଣ
ଏହିକି ଆମର ସଭ୍ୟତା ସଂସ୍କୃତି
କନ୍ୟାର ଏଇ ଜୀବନ ?
ସ୍ରଷ୍ଟାଙ୍କ ସୃଷ୍ଟିର ଦ୍ୱିତୀୟ ଈଶ୍ୱର
ପାଇଁ ଯଦି ଏ ବିଚାର
ନିରୀହ ରୋଗୀର ସେବା ଓ ଚିକିତ୍ସା
ହୋଇବ କେଉଁ ପ୍ରକାର ?



ଉତ୍ତରପଦେଶ

## ଜନନୀର ଜନ୍ମତିଥି

କ୍ଷଣପ୍ରଭା ଧଳ



ଚିର ବନ୍ଦନୀୟା ଚିର ସ୍ମରଣୀୟା
ଜନନୀ ଜନମ ଭୂମି
ଚରଣକୁ ତାର ନୀତି ଧୌତକରେ
ପୁତପୟୋଧିର ଉର୍ମି
ହିମାଳୟ ଶୋହେ ମସ୍ତକେ ଯାହାର
ଗଙ୍ଗା ବହେ ଧମନୀରେ
ଝରଝର ହୋଇ ନିର୍ଝରିଣୀ ଝରେ
ବକ୍ଷ ସମ ତାଭୂ-ଧରେ
ନାରଙ୍ଗୀ ସବୁଜ ଶ୍ୱେତ ବସ୍ତ୍ରବୃତା
ଗାଏ ଶାନ୍ତିମୈତ୍ରୀର ଗାଥା
ପୂଜାସ୍ପଦା ସେହି ଜନନୀ ମୋହର
ଭୂଦେବୀ ଭାରତ ମାତା
ବିଭିନ୍ନ ପ୍ରଦେଶେ ଭିନ୍ନ ଭାଷାଭାଷୀ
ରଖିଛି ପଣତ ତଳେ
ଜାତି ଧର୍ମବର୍ଣ୍ଣ ନିର୍ବିଶେଷରେ
ବାନ୍ଧିଛି ଏକତା ବଳେ
ଉଠ ସର୍ବଜନ ହୋଇ ଏକମନ
ଦେଶ ପ୍ରେମେ ହୁଅ ବ୍ରତୀ।


ଯାଜପୁର
ଫୋନ-୭୦୦୮୪୯୦୭୧୯


## ପ୍ରେମ ଆଉ ବର୍ଷା

ରଶ୍ମିରେଖା ବେହେରା



ବର୍ଷା ! ତୁମେ ପ୍ରେମର କୁହୁଳା ମଧୁମାସ,
ପ୍ରିୟ ପାଶେ ଥିଲେ ତୁମେ ଚମତ୍କାର ଉଷୁମ ପରଶ।
ବର୍ଷା ! ତୁମେ ବାରିଧାରା ଝରା ଶିରାବଣ,
ପାଖେଥିଲେ ପ୍ରିୟ,
ମନଖୋଜେ ଗାଢ଼ ଆଲିଙ୍ଗନ ।
ବର୍ଷା ! ତୁମେ ହୃଦୟରେ ମିଠା ଶିହରଣ,
ଉଲ୍ଲସିତ ପ୍ରାଣେ ଉଠେ ପ୍ରୀତି ଆଲୋଡନ ।
ବର୍ଷା ! ତୁମେ ସନ୍ଧ୍ୟାର ମତୁଆଲା କଳା ବାଦଲ,
ଭିଜାଭିଜା ସ୍ମୃତିତଳେ ସତେ ଅବା ପ୍ରେମ ଗଜଲ !
ବର୍ଷା ! ତୁମେ ଛାତିତଳେ କେତେ ଓଦା ସ୍ୱପ୍ନ,
ପ୍ରେମ ପାଇଁ ପ୍ରେମିକାର ମିଛ ଅଭିମାନ ।
ବର୍ଷା ! ତୁମେ ସଦା ଝର ପାଗଳିନୀ ହୋଇ,
ଭିଜୁଥାଉ ଦୁଇ ଦେହ ପ୍ରେମ ଗୀତ ଗାଇ ।
ବର୍ଷା ! ତୁମେ ଆଷାଢ଼ର ଅମାନିଆ ସାତସୁର,
ତନୁମନେ ଭରିଦିଅ ସାଜି ସୁଧା ନୀର ।
ବର୍ଷା ! ତୁମ ପାଦେ ବନ୍ଧା ପ୍ରକୃତି ଘୁଙ୍ଗୁର,
ସେ ଘୁଙ୍ଗୁର କାନେ ତୋଳେ ପ୍ରୀତିର ଝଙ୍କାର ।
ବର୍ଷା ! ତୁମେ ପାଲଟି ଯାଅ ପ୍ରେମର ସାୟେରି,
କେତେ ପ୍ରେମଗଳ୍ପ ଲେଖା ଏକ ନିବୁଜ ଡାଇରୀ ।
ବର୍ଷା ! ତୁମେ ନିଝୁମ ରାତିର ମହମହ ବାସ୍ନା
ପ୍ରିୟା ଯଦି ସାଥେ ଅଛି ତୁମେ ମିଠା ଯନ୍ତ୍ରଣା ।
ବର୍ଷା ! ତୁମେ କବିଙ୍କ କଲମରେ ମନଛୁଆଁ କବିତା,
ପ୍ରିୟାର ଭିଜା ପାଦେ ତୁମେ ଅଲିଭା ଅଳତା ।
ବର୍ଷା ! ତୁମେ ଆସୁଥାଅ ପ୍ରତିଥର ଏମିତି,
ଅମର ଏ ପ୍ରେମ ଆମ, ଯେହ୍ନେ,
ଶାମୁକା କୋଳରେ ମୋତି ।


ଟାଟା ଅଫିସର୍ସ କଲୋନୀ
ମଧୁବନ, ପାରାଦ୍ୱୀପ


## ତୁମ ଅପେକ୍ଷାରେ

ରମାକାନ୍ତ ଦାସ



ତୁମ ଅପେକ୍ଷାରେ...
ସରିଯାଏ ଦିନ ,
ସରିଯାଏ କେତେ ରାତି
ପ୍ରତିଟି ସ୍ପନ୍ଦନେ ମନେପଡ ତୁମେ
ମନେପଡେ ତୁମ ସ୍ମୃତି ।।

ତୁମ ଅପେକ୍ଷାରେ...
ମୁଁ ନିତି ହଜୁଥାଏ ,
ନିତି ଭିଜୁଥାଏ
ସ୍ୱପ୍ନର ସହରରେ
ପ୍ରତିମୁହୂର୍ତ୍ତରେ ଭାବେ ତୁମ କଥା
ନିତି ତୁମକୁ ଝୁରେ ।।

ତୁମ ଅପେକ୍ଷାରେ...
ଜହ୍ନ ଉଇଁଆସେ ,
ପୁଲକି ଉଠଇ କଇଁ
ଶେଫାଳୀ ବି ଫୁଟି ଭୂଇଁରେ ଲୋଟଇ
ତୁମରି ବାଟକୁ ଚାହିଁ ।।

ତୁମ ଅପେକ୍ଷାରେ...
ମୋ ଅବ୍ୟକ୍ତ ଆଶାକୁ
ନୀରବତାରେ ମୁଁ କହେ
ଜହ୍ନ ଆଲୁଅରେ ଚିଠିଲେଖି ନିତି
ତୁମରି ବାଟକୁ ଚାହେଁ ।।

ତୁମ ଅପେକ୍ଷାରେ...
ଶୂନ୍ୟତା ମଧ୍ୟରେ
ଜାଳୁଥାଏ ବିରହ
ଅସହ୍ୟ ଯନ୍ତ୍ରଣା ସହିପାରେନାହିଁ
ଆଖିରୁ ମୋ ଝରେ ଲୁହ ।।

ତୁମ ଅପେକ୍ଷାରେ...
ଆଖିର ଲୁହ ମୋ
ନଈପରି ଯାଏ ବହି
ଗୋଟିଏ ମୁହୂର୍ତ୍ତ ବର୍ଷେ ଭଳି ଲାଗେ
କାହାକୁ ପାରେନା କହି ।।

ତୁମ ଅପେକ୍ଷାରେ...
ବିସ୍ମୟ ମଧ୍ୟରେ
ନାଚିଉଠେ ମୋ ହୃଦୟ
କେବେ ତୁମେ ଫେରିଆସିବ
ଅନ୍ଧାରେ ହୋଇବ ସୂର୍ଯ୍ୟ ଉଦୟ ।।


ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ-୯୭୬୮୮୧୫୩୬୯


## ଶ୍ରାବଣ ଝରାଏ ଲୁହ



ଶରତ କୁମାର ଦାସ

ଆକାଶରେ ନାହିଁ ତାରାଙ୍କ ମେଳଣ
ନାହିଁ ଜ୍ୟୋସ୍ନାଭିଜା ରାତି,
ରହିରହି ଶୁଭେ ଝିଙ୍କାରୀର ସୁର
ମନେ ଭରିଯାଏ ଭୀତି.... ।୦।

ଲବଙ୍ଗଦ୍ୱୀପରେ ଆତଙ୍କର ନିଆଁ
ବିଶ୍ୱାସର ଜୁଇ ଜଳେ
ସପନର ଫୁଲ ମଉଳି ଗଲାଣି
ଅବଶ ମୋ ଆଖି ହଳେ
ଘନ ଅନ୍ଧକାର ବଢିବଢିଯାଏ
ଥରେ କାହିଁ ମୋର ଛାତି
ଆକାଶରେ ନାହିଁ ତାରାଙ୍କ ମେଳଣ
ନାହିଁ ଜ୍ୟୋସ୍ନାଭିଜା ରାତି... ।୧।

ଶୁଭୁନାହିଁ ଆଉ ବର୍ଷାର ଗଜଲ
ଶ୍ରାବଣ ଝରାଏ ଲୁହ
ବଣ, ବିଲ, ପାଟ ସଭିଏ ଝୁରନ୍ତି
ମନେ ଅସୁମାରୀ କୋହ
ଚନ୍ଦନବନରୁ ଝରୁନି ମହକ
ବଦଳୁଛି ରୀତିନୀତି
ଆକାଶରେ ନାହିଁ ତାରାଙ୍କ ମେଳଣ
ନାହିଁ ଜ୍ୟୋସ୍ନାଭିଜା ରାତି.....।୨।



କୁଞ୍ଜବନେ ଆଉ ଶୁଭୁନି ବଇଁଶୀ
ଶୁଭୁନି ନୂପୁର ସୁର
ଉଜାଣି ବୋହୁଛି ଯମୁନାର ନୀର
ଶୂନ୍ୟ ଲାଗେ ନନ୍ଦପୁର
ଶିଥିଳ ହେଲାଣି ସମ୍ପର୍କର ସୁଅ
ଫିକାଲାଗେ ପ୍ରୀତିଗୀତି
ଆକାଶରେ ନାହିଁ ତାରାଙ୍କ ମେଳଣ
ନାହିଁ ଜ୍ୟୋସ୍ନାଭିଜା ରାତି..... ।୩।




ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ମୋ ମୃତ୍ୟୁ ପରେ

ଅଲେଖ ପାଳ



କେଉଁ ଗଭୀର ଶୂନ୍ୟରୁ,
ମହାଶୂନ୍ୟରୁ ଶୁଭିଲାଣି
ମୋ ଶେଷ ଯାତ୍ରାର ବୁକୁଫଟା
କାନ୍ଦ କାନ୍ଦୁଛି ମୋ ଗାଁ,
ମୋ ମାଟି, ମୋ ସାଙ୍ଗ ସାଥୀ
କିଏ କିଏ ଆଖି ମନ୍ଥି ଲୁହରେ
ବେଶ୍ ଭଲ ଅଭିନୟ କରୁଛନ୍ତି।

ରୁହ ମୁଁ ଆଗ ଖୋଜେ ମୋ ପ୍ରେମିକାକୁ
ଏଇଠି ଏଇ ଘର କଣରେ ବସି ମୁରୁକି ମୁରୁକି ହସୁଛି
ସବୁ ପରିସ୍ଥିତିରେ ହସିବାର
କଳା ବେଶ୍ ଭଲରେ ମୋଠୁ ଶିଖୁଛି।


କୁଆଡେ ଗଲେ
ମୋତେ ଘୃଣା କରୁଥିବା ଲୋକ ସବୁ
ଆସ ପୁଣି ଗୋଟିଏ ମଞ୍ଚ କରି କହିଦିଅ ମୋତେ
ପାପୀଟା ବୋଲି ମୋତେ ବୁଢରେ ଜାଳି ସାରିବା ପରେ
ଆଉ ଥରେ ଢାଳି ଦିଅ ଜାଳିଦିଅ
ଲୋକଙ୍କ ମନରେ ଥିବା
ମୋ ପାଇଁ ଭଲ ପାଇବା ଟିକକ।

କାଇଁ ଦିଶୁନାହାନ୍ତି
ମୋ ଶୁଭଚିନ୍ତକ ସବୁ
ମୋ ଶେଷ ସଂସ୍କାର କାମରେ
ବ୍ୟସ୍ତ ସବୁ କେହି କେହି ସୁଷୁପ୍ତ ମୋ ଭାବନାରେ
ଓଦା ଆଖରେ ଲୁହର ପୟୋଧର
ମୋତେ ହରେଇବା ଦୁଃଖରେ

ଏମିତି ସରିଯିବ ଗୋଟେ
ମଣିଷ ଜୀବନ ହଜିଯିବ କିଛି କଥା,
କାହାଣୀର ନାୟକ କିମ୍ବା ଖଳନାୟକ ଭୂମିକାଟି ।








OEES ,
ଜିଲ୍ଲା ପର୍ଯ୍ୟବେକ୍ଷକ ଶିକ୍ଷା ବିଭାଗ, ଓଡିଶା


## ତୁ କିଛି ଦେ’ କି ନ ଦେ’

ସ୍ନିଗ୍ଧା ପଣ୍ଡା

ଚାରିଦିଗ ଖୋଜି ସାରିଛି ମୁଁ
ସମସ୍ତଙ୍କଠାରୁ ବୁଝି ନେଇଛି ବି
ତୋର ସିଂହଦ୍ୱାରଠାରୁ ମୋର ସ୍ୱର୍ଗଦ୍ୱାରର ରାସ୍ତା
ସବୁଠାରୁ ଆପଣାର ହେବ ବୋଲି ଦିନେ
ତୁ ପଛେ ନ ହେଲେ ନ ହୁଅ ମୋର
ସେ ରାସ୍ତାର ଧୂଳିବାଲି ଚିହ୍ନି ରଖିଥିବ ମତେ
ଜନ୍ମ ଜନ୍ମ ଧରି
ତୁ ପଛେ ମତେ ଅଚିହ୍ନା ବୋଲି ଆଡେଇ ହେଉ ଥା’ ?

ସତରେ କି ଆସେ ଏଠି ଜନ୍ମ ଜନ୍ମାନ୍ତର ?
ସତରେ କି କରିସାରି ପାପ ପୁଣ୍ୟ ବିଚାର
ତୁ ପୁଣି ତିଆରି ଦେଉ ଆଉ ଗୋଟେ ଜାତକ
ତେବେ ବି ମୁଁ ଚିନ୍ତା କରୁନାହିଁ
ବେଶି କିଛି ଲୋଡେନାହିଁ ତୋ ଠାରୁ
ଅଧମାଧମ ହେବାରେ ତ ମୋହର ଗୌରବ
ଗଡିବାକୁ ପଡୁଥିବ ତୋ ରାସ୍ତାରେ ବୋଲି ?

ମୁଁ ତୋର ଆପଣାର ହେଲେ
ତୁ କେଉଁ ଅଜାଡି ଦେବୁ ଯେ ଛପନ ଭଣ୍ଡାର
ଏମିତି ମୁଁ ରହିଥାଏ
ତୁ କିଛି ଦେ’ କି ନ ଦେ’
ମୋର ଖାଲି ହାତ ପାତିବାରେ ପରମ ପୂର୍ଣ୍ଣତା
ଦେବୁ ବୋଲି କହୁଥିବୁ
ଆଉ ଦିନ ଗଡଉଥିବୁ
ସେଇ ପ୍ରତୀକ୍ଷା ମୋର ଚରମ ସାର୍ଥକତା ।


ମୋ-୯୮୬୧୩୨୩୬୫୦


## ଧରାରେ ଆସିଛି ବର୍ଷା

ଜୟଶ୍ରୀ ପଟ୍ଟନାୟକ

ନବ ସୁଷମାରେ ବିମଣ୍ଡିତ ହୋଇ
ଧରାରେ ଆସିଛି ବର୍ଷା
ରିମ ଝିମ ଗୀତ ଗାଇ ଆହ୍ଲାଦରେ
ମାଟିକୁ କରେ ସରସା
ମେଘ କୋଳେ ଦେଖି ଚପଳା ସୁନ୍ଦରୀ
ଗ୍ରୀଷ୍ମର ଉଡଇ ହଂସା ।୧

ଆକାଶ ଅଙ୍ଗନେ କଳାମେଘ ସାଥେ
ସୂରୁଯର ଲୁଚକାଳି
କନକରଶ୍ମିରେ ଇନ୍ଦ୍ରଧନୁ ସାଜି
ସାତରଙ୍ଗ ହୁଏ ବୋଳି
ବୋଇତ ପରିକା ମେଘ ଖଣ୍ଡ ଭାସି
କରଇ ମନକୁ ହର୍ଷା ।୨

ବକ ପଂକ୍ତି ଉଡି କୃଷ୍ଣ ବାଦଲରେ
ଅଭ୍ର ଖଣ୍ଡ ପ୍ରାୟ ଦିଶେ
ଶୀତାଂଶୁ ପାଳଇ ଚାନ୍ଦ୍ରାୟଣ ବ୍ରତ
ମୁଖ ତା ବିଷର୍ଣ୍ଣ ଦିଶେ
ନିଷ୍ପ୍ରାଣ ବନାନୀ ପ୍ରାଣ ସଂଚାରରେ
ଦିଏ ଆଶାକୁ ଭରସା ।୩

କୁଳୁ କୁଳୁ ନାଦରେ କ୍ଷୀଣାଙ୍ଗୀ ବାରି
ଝରିଯାଏ ଆନନ୍ଦରେ
ପୂର୍ଣ୍ଣଗର୍ଭା ହୁଏ ତଟିନୀ ତଡାଗ
ଡାହୁକ ରାବେ କୁରେ
ସାଧବବୋହୂଟି ଶ୍ୟାମ ଦୂର୍ବାଦଳେ
ଲାଗଇ ସତେ ଷୋଳଶା । ୪

ବରଷା ପାଣିରେ ଭିଜି ନାଚି ଗାଇ
କାଗଜ ଡଙ୍ଗା ଭସାଇ
ଖୁସିରେ ଫୁଟାନ୍ତି ପାଣିଫୋଟକାକୁ
ଚାଳ ଓଳି ତଳେ ଥାଇ
ପୁଷ୍ପ ସମ୍ଭାରରେ ଉଦ୍ୟାନ ବାଟିକା
କରଇ ମନ ଉଲ୍ଲସା ।୫




ଭୁବନେଶ୍ୱର
ଗଙ୍ଗନଗର


## ମନେପଡ଼ ସ୍ମୃତିରେଖା

ଡ. ଦୀପକ କୁମାର ମିଶ୍ର

ଏବେ ତମେ କେମିତି ଥିବ ସ୍ମୃତିରେଖା
କେଉଁଠି ଆକାଶକୁ ଚାହିଁ
ବୋଧେ ଭାବୁଥିବ ଜୀବନର
ଇତିବୃତ୍ତ କଥା ।

ଶୁଣୁଚ ସ୍ମୃତିରେଖା !
ତମ ନିଟୋଳ ଓଠତୁଠ ସମୀପ
ଗଣ୍ଡଘାଟରେ
ଗୋଲ ଗୋଲ ତରଙ୍ଗାୟିତ ହସର
ଭଉଁରୀଖେଳ ଏବଂ ତତସଂଲଗ୍ନ
ଦୁର୍ଘଟଣା
ଆଉ ଘଟୁଚି କି ନାହିଁ
ଆଗପରି ଆଖିରେ ବୈଦ୍ୟୁତିକ
ଦୀପ୍ତିରେଖାର
ଆଖିଝଲସିଆ ନୀଳ ନିମନ୍ତ୍ରଣର ଚମକ
ଚହଟେ କି ନାହିଁ,
ଚାଲିରେ ଚାଲିରେ ରାଜହଂସୀର ଠାଣି
ସେମିତି ବଳବଉର ରହିଚି କି ନାହିଁ!!!

ଏବେ ତମେ ଖୋସା କରୁଚ ନା ବେଣୀ
ପବନ ଦେହରୁ ଖୋଦ୍ ହାତରେ
ଗଙ୍ଗଶିଉଳିର ବାସ୍ନା
ପାରୁଚ କି ଛାଣି
ତମ ଅବୋଲକରା ଛାତିରେ
ସାରା ଆକାଶ ଆଉ ଲହଡ଼ି ଭାଙ୍ଗୁ ନଥିବ
ବୋଧେ
ଅଷ୍ଟାର ହରିଣୀ ହାର ମାନି
କେବେଠୁଁ ଅବସର ନେଇଥିବ ନିଶ୍ଚେ ।
ଅଣଓସାରିଆ ଧଡ଼ି ଥାଇ
ଇଷତ୍ ଫିକା ଗୋଲାପି ରଙ୍ଗର ଶାଢ଼ି
ତମକୁ ତେବେ ବେଶ୍ ମାନେ
ମନେପଡ଼େ
ପୁତିବସା ଝରା କାନଫୁଲ ଆଉ
ହାଇହିଲ୍
ତମର ଅତିପ୍ରିୟ ବୋଧେ
ମ୍ୟାଚିଙ୍ଗ ଫଲ୍ ଓ ନେଲପଲିସ୍
ତମକୁ ତ ଭାରି ଭଲ ଲାଗେ...
କ’ଣ ପିନ୍ଧୁଚ କେଜାଣି
ଏବେ ସ୍ମୃତିରେଖା
ଚଏସରେ ଆମୂଳଚୁଳ ପରିବର୍ତ୍ତନ
ହୋଇଯାଇଥିବ କି ବୟସ ଦାଢ଼ରେ ।

ସମୟ ଫାଙ୍କରେ ଅପସରି ଗଲାବେଳେ
ତମେ ଯେମିତି ଥିଲ
ଏବେ ବି ସ୍ମୃତିର ଫାଙ୍କରେ
ଠିକ୍ ସେମିତି ହିଁ ଅଛ ସ୍ମୃତିରେଖା
ଅବଶ୍ୟ ଦୃଷ୍ଟିଦୋଷର କାଚ ତଳୁ
ଏବେ ତମେ ଟିକେ ଯାହା ଖାଲି
ଅଳ୍ପ ଝାପ୍ସା ଝାପ୍ସା ଦିଶ ।




ଭୁବନେଶ୍ୱର ଫୋନ-୮୨୮୦୨୧୧୦୦୦

# ପ୍ରଥମଥର ଲର୍ଡସରେ ଖେଳାଯିବ ମହିଳା ଟେଷ୍ଟ ମ୍ୟାଚ୍ : ମୁହାଁମୁହିଁ ହେବେ ଭାରତ-ଇଂଲଣ୍ଡ



**ନୂଆଦିଲ୍ଲୀ**

ଐତିହାସିକ ଲର୍ଡସରେ ପ୍ରଥମଥର ପାଇଁ କୌଣସି ମହିଳା ଟେଷ୍ଟ ମ୍ୟାଚ୍ ଆୟୋଜନ ହେବାକୁ ଯାଉଛି। ୨୦୨୬ରେ ଏଠାରେ ପ୍ରଥମ ଥର ମହିଳା ଟେଷ୍ଟ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଐତିହାସିକ ମ୍ୟାଚ୍‌ରେ ମୁହାଁମୁହିଁ ହେବେ ଭାରତ ଓ ଘରୋଇ ଇଂଲଣ୍ଡ। ଦୁଇ ଦେଶ ମଧ୍ୟରେ ଏକମାତ୍ର ମହିଳା ଟେଷ୍ଟ ୨୦୨୬ରେ ଲର୍ଡସରେ ଖେଳାଯିବ ବୋଲି ଇସିବି ପକ୍ଷରୁ ଘୋଷଣା କରାଯାଇଛି।

୨୦୨୩ ଡିସେମ୍ବର ମାସରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା। ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍ ଘରୋଇ ଟିମ୍ ଭାରତ ୩୪୭ ରନରେ ଇଂଲଣ୍ଡକୁ ହରାଇଥିଲା। ୨୦୨୬ରେ ଦୁଇ ଦଳ ଲର୍ଡସରେ ଟେଷ୍ଟ ମ୍ୟାଚ୍ ଖେଳିବେ। ଏହାପୂର୍ବରୁ ଲର୍ଡସ ଏକାଧିକ ମହିଳା ଟିମ୍ ମ୍ୟାଚ୍ ଖେଳିଛନ୍ତି। ହେଲେ ସବୁ ମ୍ୟାଚ୍ ଧଳା ବଲ ଫର୍ମାଟରେ ହୋଇଥିଲା। କିନ୍ତୁ ଏବେ ପ୍ରଥମଥର ପାଇଁ ଭାରତ ଓ ଇଂଲଣ୍ଡ ମଧ୍ୟରେ ନାଲି ବଲ ମ୍ୟାଚ୍ ଲର୍ଡସରେ ଖେଳାଯିବ।

୨୦୨୬ ଲର୍ଡସ ଟେଷ୍ଟ ପୂର୍ବରୁ ଭାରତୀୟ ମହିଳା ଦଳ ସୀମିତ ଓଭର ସିରିଜ୍ ଖେଳିବାକୁ ୨୦୨୫ରେ ଇଂଲଣ୍ଡ ଗସ୍ତ କରିବ। ଜୁନ ୨୮ରୁ ନଟିଂହାମରେ ଭାରତ ଓ ଇଂଲଣ୍ଡ ମହିଳା ଦଳ ମଧ୍ୟରେ ୫ ଟିକିଆ ଟି-୨୦ ସିରିଜ ଆରମ୍ଭ ହେବ। ସେହିପରି ଜୁଲାଇ ୧୬ରୁ ଜୁଲାଇ ୨୨ ମଧ୍ୟରେ ଦୁଇ ଦଳ ପରସ୍ପର ସହ ୩ଟି ଦିନିକିଆ ମ୍ୟାଚ୍ ? ମଧ୍ୟ ଖେଳିବେ।

**ଭାରତ ଓ ଇଂଲଣ୍ଡ ଟି-୨୦ ସିରିଜ :** ପ୍ରଥମ ଟି-୨୦, ଜୁନ ୨୮- ନଟିଂହାମ। ଦ୍ୱିତୀୟ ଟି-୨୦- ଜୁଲାଇ ୧- ବ୍ରିଷ୍ଟଲ। ତୃତୀୟ ଟି-୨୦- ଜୁଲାଇ ୪- ଲଣ୍ଡନ। ଚତୁର୍ଥ ଟି-୨୦, ଜୁଲାଇ ୯- ମାଞ୍ଚେଷ୍ଟର। ପଞ୍ଚମ ଟି-୨୦, ଜୁଲାଇ ୧୨- ବର୍ମିଂହାମ।

**ଦିନିକିଆ ସିରିଜ୍ :** ପ୍ରଥମ ଦିନିକିଆ- ଜୁଲାଇ ୧୬- ସାଉଥାମ୍ପଟନ। ଦ୍ୱିତୀୟ ଦିନିକିଆ- ଜୁଲାଇ ୧୯- ଲର୍ଡସ, ଲଣ୍ଡନ। ତୃତୀୟ ଦିନିକିଆ- ଜୁଲାଇ ୨୨- ଚେଷ୍ଟର ଓ୍ୱେଲ ଷ୍ଟ୍ରିଟ୍।

# ଇଂଲଣ୍ଡ ବିପକ୍ଷରେ ୫ ଟେଷ୍ଟ ମ୍ୟାଚ୍ ଖେଳିବ ଭାରତ : ଘୋଷଣା ହେଲା ତାରିଖ

**ନୂଆଦିଲ୍ଲୀ**

ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ୨୦୨୫-୨୭ର ଅଭିଯାନ ଭାରତୀୟ କ୍ରିକେଟ ଟିମ୍ ଇଂଲଣ୍ଡ ବିପକ୍ଷରୁ ଆରମ୍ଭ କରିବ। ଆସନ୍ତା ବର୍ଷ ଜୁନ-ଅଗଷ୍ଟରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ଟିକିଆ ଟେଷ୍ଟ ସିରିଜ୍ ଖେଳାଯିବ। ଏହି ସିରିଜ୍ ଖେଳିବାକୁ ଭାରତୀୟ କ୍ରିକେଟ ଟିମ୍ ଇଂଲଣ୍ଡ ଗସ୍ତ କରିବ। ଏନେଇ ଇଂଲଣ୍ଡ କ୍ରିକେଟ ବୋର୍ଡ ଭେନ୍ୟୁ ଓ ତାରିଖ ଘୋଷଣା କରିଛି।

ଇସିବିର ଘୋଷଣା ଅନୁଯାୟୀ, ଲିଡ୍ସରେ ଥିବା ହେଡିଂଲୀରେ ପ୍ରଥମ ଟେଷ୍ଟ ଜୁନ୍ ୨୦ରୁ ୨୪ ଯାଏ ଚାଲିବ। ୨୦୨୩-୨୫ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ଫାଇନାଲ ପରେ ପରେ ଏହି ସିରିଜ୍ ଆରମ୍ଭ ହେବ।

ଡବ୍ଲୁଟିସି ଫାଇନାଲ ଜୁନ୍ ମାସରେ ଲଣ୍ଡନରେ ଅନୁଷ୍ଠିତ ହେବ। ଭାରତ ପ୍ରଥମ ଟେଷ୍ଟ ଲିଡ୍ସରେ ଖେଳିବାକୁ ଯାଉଥିବା ବେଳେ ବାକି ଟେଷ୍ଟଗୁଡ଼ିକ ଏଜବାଷ୍ଟନ, ଲର୍ଡସ, ଓଲଡ ଟ୍ରାଫୋର୍ଡ ଓ ଓଭାଲରେ ଅନୁଷ୍ଠିତ ହେବ।

୨୦୨୧-୨୨ ପରେ କୌଣସି ଦ୍ୱିପାକ୍ଷିକ ସିରିଜ୍ ଟେଷ୍ଟ ଖେଳିବାକୁ ଭାରତୀୟ ଟିମ୍ ଇଂଲଣ୍ଡ ଗସ୍ତ କରିବ। ୨୦୨୧-୨୨ରେ ବିରାଟ କୋହଲିଙ୍କ କ୍ୟାପ୍ଟେନ୍ସିରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ଟିକିଆ ସିରିଜ୍ ଖେଳାଯାଇଥିଲା। ଭାରତ ୨-୧ରେ ସିରିଜ ଲିଡ କରୁଥିବା ବେଳେ ଶେଷ ମ୍ୟାଚ୍‌କୁ ରିସିଡ୍ୟୁଲ କରାଯାଇଥିଲା।

ଭାରତ ଗୋଟିଏ ଟେଷ୍ଟ ଖେଳିବାକୁ ୨୦୨୨ର ଶେଷ ଭାଗରେ ପୁଣି ଇଂଲଣ୍ଡ ଯାଇଥିଲା। ସେତେବେଳେ ଯଶପ୍ରୀତ ବୁମ୍‌ରା ଦଳର କମାଣ ସମ୍ଭାଳିଥିଲେ। କିନ୍ତୁ ଭାରତ ଉକ୍ତ ମ୍ୟାଚ୍‌କୁ ହାରିଯିବାରୁ ସିରିଜ୍ ୨-୨ରେ ଡ୍ର’ ହୋଇ ଯାଇଥିଲା। ୨୦୨୫ରେ ଭାରତ ପୁଣି ଇଂଲଣ୍ଡ ଗସ୍ତ କରି ୫ ଟିକିଆ ଟେଷ୍ଟ ସିରିଜ ଖେଳିବ।



**ଭାରତ ଓ ଇଂଲଣ୍ଡ ସିରିଜ :** ପ୍ରଥମ ଟେଷ୍ଟ- ଜୁନ ୨୦ରୁ ୨୪- ହେଡିଂଲୀ, ଲିଡ୍ସ। ଦ୍ୱିତୀୟ ଟେଷ୍ଟ- ଜୁଲାଇ ୨ରୁ ୬- ଏଜବାଷ୍ଟନ, ବର୍ମିଂହାମ। ତୃତୀୟ ଟେଷ୍ଟ – ଜୁଲାଇ ୧୦ରୁ ୧୪- ଲର୍ଡସ, ଲଣ୍ଡନ। ଚତୁର୍ଥ ଟେଷ୍ଟ- ଜୁଲାଇ ୨୩ରୁ ୨୭- ଓଲଡ ଟ୍ରାଫୋର୍ଡ, ମାଞ୍ଚେଷ୍ଟର। ପଞ୍ଚମ ଟେଷ୍ଟ- ଜୁଲାଇ ୩୧ରୁ ଅଗଷ୍ଟ ୪- ଓଭାଲ, ଲଣ୍ଡନ।

ଇଂଲଣ୍ଡ ତା’ର ଘରୋଇ ସିରିଜ ମେ’ ୨୨ରୁ ଜିମ୍ବାୱେ ବିପକ୍ଷରେ ଆରମ୍ଭ କରିବ। ୨୦୦୩ ପରେ ଜିମ୍ବାୱେ ପ୍ରଥମ ଥର ପାଇଁ କୌଣସି ଟେଷ୍ଟ ମ୍ୟାଚ୍ ଇଂଲଣ୍ଡରେ ଖେଳିବ।

ପୁରୁଷ ଟିମ୍ ଭଳି ସମାନ ସମୟରେ ଭାରତୀୟ ମହିଳା ଟିମ୍ ଓ ଇଂଲଣ୍ଡ ମହିଳା ଟିମ୍ ମଧ୍ୟରେ ୫ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ୍ ଅନୁଷ୍ଠିତ ହେବ।

# ୟୁଟ୍ୟୁବ୍ ଖୋଲିବାର ୨୪ ଘଣ୍ଟା ମଧ୍ୟରେ ବିଶ୍ୱ ରେକର୍ଡ କଲେ ରୋନାଲଡୋ

**ନୂଆଦିଲ୍ଲୀ**

ବିଶ୍ୱ ଫୁଟ୍‌ବଲର ଚର୍ଚ୍ଚିତ ଚେହେରା ତଥା ପର୍ତ୍ତୁଗାଲର ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କ ନାଁରେ ଯୋଡ଼ି ହୋଇଯାଇଛି ବିଶ୍ୱ ରେକର୍ଡ। ହେଲେ ଏହି ବିଶ୍ୱ ରେକର୍ଡ ଫୁଟ୍‌ବଲ ପଡ଼ିଆରେ ନୁହେଁ, ବରଂ ୟୁଟ୍ୟୁବରେ ରୋନାଲଡୋ ସୃଷ୍ଟି କରିଛନ୍ତି। ସେ ବୁଧବାର ନିଜର ୟୁଟ୍ୟୁବ ଚ୍ୟାନେଲ ଖୋଲିଥିବା ବେଳେ ୨୪ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଏହାର ସବସ୍କ୍ରାଇବରଙ୍କ ସଂଖ୍ୟା ୧୦ ମିଲିୟନ ପାର କରିଯାଇଛି। ଏତେ କମ୍ ସମୟରେ କୌଣସି ୟୁଟ୍ୟୁବ ଚ୍ୟାନେଲର ସବସ୍କ୍ରାଇବରଙ୍କ ସଂଖ୍ୟା ୧୦ ମିଲିୟନ ପାର କରିବା ବିଶ୍ୱରେ ପ୍ରଥମ ଘଟଣା। ଗୋଲ ଡଟ୍ କମ୍‌ର ରିପୋର୍ଟ ଅନୁସାରେ, ରୋନାଲଡୋ ୟୁଟ୍ୟୁବ ସବସ୍କ୍ରାଇବ ମାମଲାରେ ହାମଷ୍ଟେର କୋମବାତଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ହାମଷ୍ଟେର ୟୁଟ୍ୟୁବ ଚ୍ୟାନେଲ ଖୋଲିବାର ୭ ଦିନ ଭିତରେ ତାଙ୍କ ସବସ୍କ୍ରାଇବରଙ୍କ ସଂଖ୍ୟା ୧୦ ମିଲିୟନ ଛୁଇଁଥିଲା। ହେଲେ ରୋନାଲଡୋ ଦିନକ ଭିତରେ ଏହି ରେକର୍ଡକୁ ଭାଙ୍ଗି ଦେଇଛନ୍ତି।

୩୯ ବର୍ଷୀୟ ରୋନାଲଡୋ ବିଶ୍ୱର ସବୁଠାରୁ ଲୋକପ୍ରିୟ କ୍ରୀଡ଼ାବିତ୍। ଏକ୍ସରେ ତାଙ୍କର ଅନୁଗାମୀଙ୍କ ସଂଖ୍ୟା ୧୧୨.୬ ମିଲିୟନ ରହିଥିବା ବେଳେ ଫେସବୁକ୍‌ରେ ଏହି ସଂଖ୍ୟା ୧୭୦ ମିଲିୟନ। ସେହିପରି ଇନଷ୍ଟାଗ୍ରାମରେ ତାଙ୍କୁ ୬୩୬ ମିଲିୟନ ଲୋକ ଅନୁସରଣ କରୁଛନ୍ତି।



# ଆଜିଠୁ ଆନ୍ତଃ ଜିଲ୍ଲା ମହିଳା ପିସି ବେହେରା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାରଠୁ ବରଗଡ଼ ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଛି ଆନ୍ତଃ ଜିଲ୍ଲା ମହିଳା ପି.ସି. ବେହେରା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ-୨୦୨୪। ଫୁଟ୍‌ବଲ ଆସୋସିଏସନ ଅଫ ଓଡ଼ିଶା ଓ ଜିଲ୍ଲା କ୍ରୀଡ଼ା ସଂସଦ ବରଗଡ଼ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟଟି ଆସନ୍ତା ୨୩ ତାରିଖରୁ ଆରମ୍ଭ ହୋଇ ୦୧ ସେପ୍ଟେମ୍ବରରେ ଫାଇନାଲ୍ ସହିତ ଶେଷ ହେବ। ଚାରୋଟି ଜୋନ ସହିତ ତିନୋଟି ସ୍ଥାନରେ ଏହା ଖେଳାଯିବ। ତନ୍ମଧ୍ୟରୁ ବରଗଡ଼ରେ ଦୁଇଟି ଜୋନ୍‌ରେ ଖେଳ ଆୟୋଜନ ହେବ ଏବଂ ଏହା ଲେଙ୍ଗୁ ମିଶ୍ର ମିନି ଷ୍ଟାଡ଼ିୟମରେ ମ୍ୟାଚ୍ ଖେଳାଯିବ। ସୋହେଲାରେ ଗୋଟିଏ ଜୋନ୍ ଯାହାକି ସୋହେଲା ଷ୍ଟାଡ଼ିୟମରେ ମ୍ୟାଚ୍ ଖେଳାଯିବ ଏବଂ ସୋହେଲା ଆଥ୍ଲେଟିକ୍ ଆସୋସିଏସନ ସହ-ହୋଷ୍ଟ ଭାବରେ ଆୟୋଜିତ କରିବ ଏବଂ କଦଳିପାଲିରେ ଗୋଟିଏ ଜୋନ୍ ଖେଳାଯିବ ଯାହାକି ଆନନ୍ଦ ଫୁଟ୍‌ବଲ ଗ୍ରାଉଣ୍ଡରେ ଏବଂ ଆଥ୍ଲେଟିକ୍ ଆସୋସିଏସନ୍, କଦଳିପାଲି ଦ୍ୱାରା ସହ-ହୋଷ୍ଟ ଭାବରେ ଏହା ଆୟୋଜିତ ହେବ। ବରଗଡ଼ ଷ୍ଟାଡ଼ିୟମ୍‌ରେ ୧୧ଟି ଦଳ ଯଥା (ଜୋନ୍ ୧-ଖୋର୍ଦ୍ଧା, ଝାରସୁଗୁଡ଼ା, ସୁବର୍ଣ୍ଣପୁର, ଭଦ୍ରକ, କଟକ), (ଜୋନ୍ ୨-ସମ୍ବଲପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଯାଜପୁର, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ସୁନ୍ଦରଗଡ଼-ବି) ଦଳଗୁଡ଼ିକ ୧୦ଟି ମ୍ୟାଚ୍ ଖେଳିବେ। ସୋହେଲା ଜୋନ୍‌ଠାରେ ୬ଟି ଟିମ୍ ଯଥା (ସୁନ୍ଦରଗଡ଼-ଏ, ଓଡ଼ିଶା ପୋଲିସ୍, ଜଗତସିଂପୁର, ଦେଓଗଡ଼, ନବରଙ୍ଗପୁର, ମୟୂରଭଞ୍ଜ) ଦଳଗୁଡ଼ିକ ୫ଟି ମ୍ୟାଚ୍ ଖେଳିବେ। ସେହିପରି କଦଳିପାଲି ଠାରେ ୫ଟି ଦଳ ଯଥା (ପୁରୀ, ବରଗଡ଼, ବଲାଙ୍ଗୀର, କେନ୍ଦୁଝର, ଭୁବନେଶ୍ୱର) ଆଦି ଦଳ ମ୍ୟାଚ୍ ଖେଳିବେ। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳିଙ୍କ ରହଣି ବରଗଡ଼ରେ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ, ଗୌରୀ କଲ୍ୟାଣ ମଣ୍ଡପ, ସୋହେଲା ଏବଂ କେ.ଡି. ଭବନ, କଦଳିପାଲିରେ ବ୍ୟବସ୍ଥା କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଅଫିସିଆଲ୍ ହେବାକୁ ମୋଟ ୨୧ ମ୍ୟାଚ ରେଫରି ଅଛନ୍ତି। ଏହା ବ୍ୟତୀତ ପ୍ରତ୍ୟେକ ପଡ଼ିଆ ପାଇଁ ଜଣେ ଲେଖାଏଁ ଏଭଳି ତିନି ଜଣ ମ୍ୟାଚ୍ କମିଶନର ରହିବେ। ଏହି ଟୁର୍ଣ୍ଣାମେଣ୍ଟରେ ଫୁଟବଲ ଆସୋସିଏସନ ଅଫ ଓଡ଼ିଶାର ରେଫରିମାନଙ୍କ ମୁଖ୍ୟ ଦୁର୍ଗା ମାଧବ ନାୟକ ଉପସ୍ଥିତ ରହିବେ ଓ ତାଙ୍କ ତତ୍ତ୍ୱାବଧାନରେ ଅଫିସିଆଲ୍‌ମାନେ ମ୍ୟାଚ୍ ପରିଚାଳନା କରିବେ। ବରଗଡ଼ରେ ମ୍ୟାଚ୍ ସମୟ ପ୍ରଥମ ମ୍ୟାଚ୍ ଅପରାହ୍ନ ୨ ଘଣ୍ଟା ଏବଂ ଦ୍ୱିତୀୟ ମ୍ୟାଚ୍ ଅପରାହ୍ନ ଘ୩.୩୦ମି ଏବଂ ସେହିପରି ସୋହେଲା ଓ କଦଳିପାଲିରେ ଅପରାହ୍ନ ଘ ୩.୩୦ମି.ରେ ଆୟୋଜିତ ହେବ ବୋଲି ଆଜି ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀକୁ କ୍ରୀଡ଼ା ସଂସଦ ଉପ ସଭାପତି ଯୁଗଳ ପ୍ରସାଦ ସିଂ, ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର, ଇଣ୍ଡୋର୍ ଗେମ୍ସ ସମ୍ପାଦକ ତଥା ଫାଓର ଉପ ସଭାପତି ରବି ପଣ୍ଡା ପ୍ରମୁଖ ସମ୍ବୋଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ତଥା ଯୁଗ୍ମ ସମ୍ପାଦକ ତୁଷାରକାନ୍ତି ମିଶ୍ର, କୋଷାଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, କାଉନସିଲ ସଦସ୍ୟ ମହେନ୍ଦ୍ର ଦାଶ, ପ୍ରଦୀପ ସାହୁ, କ୍ରୀଡ଼ା ଶିକ୍ଷକ ତଥା ରେଫରୀ ସଚ୍ଚିଦାନନ୍ଦ ପଣ୍ଡା, ନିରଞ୍ଜନ ମହାକୁଡ, କଦଳୀପାଲି ଜୋନ୍‌ରୁ ପ୍ରାକ୍ତନ ଫୁଟ୍‌ବଲ ଖେଳାଳି କ୍ଷୀତିପତି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିକେଟରରୁ ଅଭିନେତା ସାଜିବେ ରାହୁଲ ଦ୍ରାବିଡ଼ !



**ନୂଆଦିଲ୍ଲୀ**

ସିନେମାରେ ଅଭିନୟ କରିବା ନେଇ ହିଣ୍ଟ ଦେଇଛନ୍ତି ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ତଥା ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ଼। ଏକ ଆୱାର୍ଡ ପ୍ରୋଗ୍ରାମରେ ରାହୁଲ ଦ୍ରାବିଡ଼ କହିଛନ୍ତି, ତାଙ୍କ ବାୟୋପିକ୍ ହେଲେ ସେ ନିଜେ ଅଭିନୟ କରିବେ।

ଆୱାର୍ଡ ପ୍ରୋଗ୍ରାମର ପ୍ରଶ୍ନୋତ୍ତର ପର୍ଯ୍ୟାୟରେ ରାହୁଲ ଦ୍ରାବିଡ଼ଙ୍କୁ ପଚରା ଯାଇଥିଲା। ଯଦି ତାଙ୍କ ଉପରେ ବାୟୋପିକ୍ ତିଆରି ହୁଏ, ତେବେ କିଏ ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରନ୍ତୁ ବୋଲି ସେ ଚାହିଁବେ ? ରାହୁଲ ଦ୍ରାବିଡ଼ ହସି ହସି ମଜାଳିଆ ଢଙ୍ଗରେ ଏହାର ଉତ୍ତର ଦେଇ କହିଥିଲେ, ‘ଯଦି ଯଥେଷ୍ଟ ଟଙ୍କା ମିଳେ, ତେବେ ମୁଁ ନିଜେ ଅଭିନୟ କରିବ।’

ପ୍ରକାଶ ଥାଉକି ନିକଟରେ ଯୁବରାଜ ସିଂହଙ୍କ ଉପରେ ବାୟୋପିକ୍ ପ୍ରସ୍ତୁତ ହେବା ନେଇ ଘୋଷଣା କରାଯାଇଛି। ପୂର୍ବରୁ ମଧ୍ୟ ମହେନ୍ଦ୍ର ସିଂହ ଧୋନି ଏବଂ ଅନ୍ୟ ଖେଳାଳିଙ୍କ ଉପରେ ବାୟୋପିକ୍ ନିର୍ମାଣ କରାଯାଇଛି।

ଧୋନିଙ୍କ ଉପରେ ଆଧାରିତ ବାୟୋପିକରେ ଦିବଂଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତ ଅଭିନୟ କରିଥିଲେ। ସେହିପରି କ୍ରିକେଟର ଭଗବାନ କୁହା ଯାଉଥିବା ସଚିନ ତେନ୍ଦୁଲକରଙ୍କ ଉପରେ ମଧ୍ୟ ଏକ ଡକ୍ୟୁମେଣ୍ଟାରୀ ନିର୍ମାଣ କରାଯାଇଥିଲା, ଯାହାର ନାଁ ଥିଲା- ସଚିନ: ଏ ବିଲେୟନ୍ ଡ୍ରିମ୍ସ।

# ଓଡ଼ିଶାକୁ କେବେ ଭୁଲିପାରିବିନି : ଶ୍ରୀଜେସ୍

**ଭୁବନେଶ୍ୱର**

ହକି ହିରୋଙ୍କୁ ମିଳିଲା ବିପୁଳ ସମ୍ବର୍ଦ୍ଧନା। ସ୍ୱାଗତ ସମ୍ବର୍ଦ୍ଧନାରେ ପ୍ରକମ୍ପିତ ହେଲା ରାଜଧାନୀ ଭୁବନେଶ୍ୱର। ପ୍ୟାରିସ ଅଲିମ୍ପିକ୍ସରେ ଦେଶ ପାଇଁ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ହକି ଟିମ୍ ପାଇଁ ଓଡ଼ିଶା ସରକାର ଭବ୍ୟ ସମ୍ବର୍ଦ୍ଧନା ସମାରୋହ ଆୟୋଜନ କରିଥିଲେ। ପ୍ୟାରିସ ଅଲିମ୍ପିକ୍ସ ପରେ ଅନ୍ତର୍ଜାତୀୟ ହକିରୁ ଅବସର ନେଇଛନ୍ତି ଭାରତୀୟ ଟିମ୍‌ର ଭେଟେରାନ ଗୋଲ୍‌କିପର ପିଆର୍ ଶ୍ରୀଜେଶ। ଶ୍ରୀଜେସ୍ ଏପରି ସ୍ୱାଗତ ଓ ଭଲ ପାଇବା ଦେଖି କହିଛନ୍ତି ଯେ ଓଡ଼ିଶା ହେଉଛି ମୋର ଦ୍ୱିତୀୟ ଘର। ଓଡ଼ିଶାକୁ ମୁଁ କେବେ ଭୁଲିପାରିବି ନାହିଁ।



# ଭଉଣୀକୁ ଉପହାର ଦେବାକୁ ଯାଇ ଚୋରି ଘଟଣା : ୭ ଗିରଫ

**ଭୁବନେଶ୍ୱର**

ରାକ୍ଷୀ ପୂର୍ଣ୍ଣିମାରେ ଭଉଣୀକୁ ଉପହାର ଦେବାକୁ ଚୋରି କରିଥିଲେ। ଚୋରି ସାମଗ୍ରୀ କବାଡ଼ିଆକୁ ବିକ୍ରି କରି ଦେଇଥିଲେ। କବାଡ଼ିଆକୁ ଜନିଷ ବିକିବା ଲୁଟେରାଙ୍କ ପାଇଁ ମହଙ୍ଗା ପଡ଼ିଲା ଚୋରି କରି ଭଉଣୀକୁ ଉପହାର ଦେବାକୁ ଯାଇ ପୁଲିସ ହାବୁଡ଼ରେ ପଡ଼ିଲେ। ଭୁବନେଶ୍ୱରର ପୂର୍ବତନ ଏସଡିଜେଏମ୍ ତଥା ବର୍ତ୍ତମାନ ଦେବୋତ୍ତର ବିଭାଗ ପୁରୀ ଜୋନ୍ ଆସିଷ୍ଟାଣ୍ଟ କମିଶନର ଶିଶିର କୁମାର ସାହୁଙ୍କ ଘରୁ ଚୋରି ଘଟଣାର ପର୍ଦ୍ଦାଫାସ କରିଛି କମିଶନରେଟ ପୁଲିସ। ଜଣେ କବାଡ଼ିଆ ସମେତ ୭ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମଇଁଷିଖାଇ ବସ୍ତିର ରାହୁଲ ଧଳ, ରବି ସେଠୀ, ରମେଶ ସେଠୀ, ବାସୁଦେବ କହଁର, କିଶୋର ଲେଙ୍କା, ରାଜୁ ଦାଶ ଓ କବାଡ଼ିଆ ନରେନ୍ଦ୍ର କୁମାର ପାତ୍ର। ଏହା ବାଦ୍ ଗ୍ୟାଙ୍ଗରେ ଥିବା ୫ ଜଣ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ଼ରେ (ଜେଜେବି) ହାଜର କରାଇଛି ପୁଲିସ।



ପୁଲିସ ସୂଚନା ଅନୁସାରେ ବିଜେବି ନଗରସ୍ଥିତ ସରକାରୀ କ୍ୱାର୍ଟର୍ସରେ ରହୁଥିବା ଦେବୋତ୍ତର ବିଭାଗର ଆସିଷ୍ଟାଣ୍ଟ କମିଶନର ଶିଶିର କୁମାର ସାହୁ ଗତ ଶନିବାର ଅପରାହ୍ନରେ ଯାଜପୁର ରୋଡସ୍ଥିତ ତାଙ୍କ ଭଉଣୀଘରକୁ ଯାଇଥିଲେ। ବଡ଼ଗଡ଼ ଥାନା ପକ୍ଷରୁ ରାତିରେ ଜଗିବା ପାଇଁ ପୁଲିସ କର୍ମଚାରୀ ମଧ୍ୟ ନିୟୋଜିତ କରାଯାଇଥିଲା। ରାକ୍ଷୀପୂର୍ଣ୍ଣିମା ତଥା ସୋମବାର ସକାଳ ୭ଟା ସମୟରେ ପୁଲିସ କର୍ମଚାରୀ ଡ୍ୟୁଟି ସାରି ଫେରିଯିବା ପରେ ୩ ଜଣ ନାବାଳକ ତାଙ୍କ ଘରେ ପଶିଥିଲେ। କବାଟ ତାଲା ଭାଙ୍ଗି ଭିତରେ ପଶିବା ସହିତ ଘର ଭିତରୁ ୨ଟି ସୁନା ହାର, ଗୋଟିଏ ସୁନା ଚେନ୍, ୧୨ଟି ସୁନା ମୁଦି, ୮ ହଳ ସନା କାନଫୁଲ, ୮ ହଳ ସୁନା ଚୁଡ଼ି, ୩ ହଳ ରୁପା ପାଉଁଜି, ୨ଟି ଘଣ୍ଟା ଓ ଅଫିସ ଲାପଟପ୍ ଚୋରି କରି ନେଇଥିଲେ। ପାଣି ଟ୍ୟାପ୍ ଭାଙ୍ଗି ନେବା ସହିତ ପିତ୍ତଳ ବାସନକୁସନ ମଧ୍ୟ ନେଇଯାଇଥିଲେ। ଶ୍ରୀ ସାହୁ ସେହିଦିନ ଅପରାହ୍ନରେ ଘରେ ପହଞ୍ଚି ଚୋରି ହେବା ଜାଣିବା ପରେ ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନାବାଳକମାନେ ପିତ୍ତଳ ବାସନକୁସନ ନେଇ କବାଡ଼ିଆ ନରେନ୍ଦ୍ରକୁ ବିକ୍ରି କରି ଟଙ୍କା ଆଣିଥିଲେ। ସେହି ଟଙ୍କାରେ ରାକ୍ଷୀପୂର୍ଣ୍ଣିମାରେ ଭଉଣୀଙ୍କ ପାଇଁ ଉପହାର କିଣିଥିଲେ। ସେପଟେ ନରେନ୍ଦ୍ର କବାଡ଼ିଆ ପାଖରେ ଚୋରି ପିତ୍ତଳ ବାସନକୁସନ ଓ ଟ୍ୟାପ୍ ବିକ୍ରି ହୋଇଥିବା ଜାଣିବା ପରେ ପୁଲିସ ତାକୁ ଥାନାକୁ ଉଠାଇ ଆଣିଥିଲା। ତାକୁ ଜେରା କରି ୩ ନାବାଳକଙ୍କ ବିଷୟରେ ତଥ୍ୟ ଆଦାୟ କରି ସେମାନଙ୍କୁ ମଧ୍ୟ ଆଣି ପଚରାଉଚରା କରିଥିଲା। ଏହାପରେ ପୂରା ଘଟଣା ପଦାକୁ ଆସିଥିଲା। କବାଡ଼ିଆ ନରେନ୍ଦ୍ର ଓ ନାବାଳକଙ୍କ ଠାରୁ ସୁନା ରୁପା ଗହଣା, ପିତ୍ତଳ ବାସନକୁସନ, ପାଣି ଟ୍ୟାପ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ଏହି ନାବାଳକଙ୍କ ଠାରୁ ତଥ୍ୟ ପାଇ ଆହୁରି ୬ ଜଣଙ୍କୁ ଗିରଫ କରିଥିଲା ପୁଲିସ। ଏଥିସହିତ ଆହୁରି ୨ ନାବାଳକଙ୍କୁ ଥାନାକୁ ଆଣିଥିଲା।

# ଆବର୍ଜନାପୂର୍ଣ୍ଣ ଅରଡ଼େଇ : କାର୍ଯ୍ୟକାରୀ ହେଉନି ଅଦାଲତଙ୍କ ନିର୍ଦ୍ଦେଶ

**କେନ୍ଦୁଝର**

ଅରଡ଼େଇ ନଦୀରେ ସହର ଓ କାରଖାନାର ଦୂଷିତ ଜଳ ମିଶୁଛି। ନଦୀଜଳ ବିଷାକ୍ତ ହେବା ସହ ଦିନକୁ ଦିନ ଏହା ଆବର୍ଜନାରେ ପୋତି ହୋଇଯାଉଛି। ସହରର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଓ ସବୁଜ ଶକ୍ତି ପ୍ଲାଣ୍ଟ ନଥିବାରୁ ଆବର୍ଜନା ସିଧାସଳଖ ଅରଡ଼େଇରେ ମିଶୁଛି। କେନ୍ଦୁଝର ସହରର ଜୀବନରେଖା ହେଉଛି ଅରଡ଼େଇ। ଚାଷଠାରୁ ଆରମ୍ଭ କରି ମାଛ ଧରିବାପାଇଁ ସ୍ଥାନୀୟ ଲୋକେ ଏହି ନଦୀ ଉପରେ ନିର୍ଭର କରୁଛନ୍ତି। ଲୋକଙ୍କ ଜୀବନଜୀବିକା ସହ ଯୋଡ଼ି ହୋଇଥିବା ଅରଡ଼େଇ ହେଉଛି ବୈତରଣୀ ପରେ ଜିଲ୍ଲାର ଅନ୍ୟତମ ପ୍ରମୁଖ ନଦୀ। ଏହା ବାଂଶପାଳ ବ୍ଲକ୍‌ର ବାରହାରାଶି ପାହାଡ଼ରୁ ବାହାରି ଚମ୍ପୁଆରେ ସରେଇ ଠାରେ ବୈତରଣୀରେ ମିଶିଛି। କେନ୍ଦୁଝର ସହର ଦେଇ ବହି ଯାଇଥିବା ଅରଡ଼େଇ ନଦୀକୂଳରେ ଗୋବିନ୍ଦ ପୁର, ଚକ, ମଣ୍ଡୁଆ, କାଶିପୁର ଭଳି ଏକାଧିକ ଗାଁ ରହିଛି। ସହରର ଡ୍ରେନ୍ ପାଣି, ପାଇଖାନାରୁ ବାହାରୁଥିବା ଆବର୍ଜନା ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସିଧାସଳଖ ଅରଡ଼େଇ ନଦୀରେ ମିଶୁଛି। ନଦୀରେ ଆବର୍ଜନା ନମିଶିବା ପାଇଁ କେନ୍ଦୁଝର ନାଗରିକ ମଞ୍ଚ ପକ୍ଷରୁ ୨୦୧୭ ଅକ୍ଟୋବର ମାସରେ ସ୍ଥାୟୀ ଲୋକ ଅଦାଲତରେ ଅଭିଯୋଗ ପରେ ତନାଘନା ଆରମ୍ଭ ହୋଇଥିଲା। ନାଗରିକ ମଞ୍ଚ ପକ୍ଷରୁ ଦର୍ଶାଯାଇଥିଲା ଯେ, କେନ୍ଦୁଝର ସହରର ପଶ୍ଚିମ ଦିଗରେ ପାହାଡ଼ ଥିବାବେଳେ ପୂର୍ବରେ ନଦୀ ବହିଯାଇଛି। ଏହାକୁ ଦୃଷ୍ଟିରେ ରଖି ସହରରେ ଡ୍ରେନ୍ ନିର୍ମାଣ ହେବା କଥା ଏହା ହୋଇଥିଲେ। ସହରର ବର୍ଷାଜଳ ସ୍ୱାଭାବିକ ଭାବେ ଡ୍ରେନ୍ ମାଧ୍ୟମରେ ନିଷ୍କାସିତ ହୋଇଥାନ୍ତା ମାତ୍ର ଭୌଗୋଳିକ ସ୍ଥିତିକୁ ନଜର ନଦେଇ ଉତ୍ତର-ଦକ୍ଷିଣ ଦିଗରେ ଡ୍ରେନ୍ ନିର୍ମାଣ କରାଯାଇଛି। ଫଳରେ ଡ୍ରେନ୍‌ରେ ଦୂଷିତ ପାଣି ନିଷ୍କାସିତ ନହୋଇ ଅରଡ଼େଇ ନଦୀରେ ମିଶୁଛି। ଏଥିରେ ପ୍ଲାଷ୍ଟିକ ଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଓ କାରଖାନାରୁ ବାହାରୁଥିବା ରସାୟନିକ ଆବର୍ଜନା ଏବଂ ପାଇଖାନାରୁ ବାହାରୁ ଆବର୍ଜନା ମଧ୍ୟ ରହିଛି। ଅରଡ଼େଇକୁ ପ୍ରଦୂଷଣମୁକ୍ତ କରିବାପାଇଁ ସ୍ଥାୟୀ ଲୋକ ଅଦାଲତ ଏକ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ କରିବାପାଇଁ ପୌରପାଳିକାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୭ବର୍ଷ ବିତିଯାଇଥିଲେ ମଧ୍ୟ ଅଦାଲତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନାହିଁ। ଏନେଇ ସିଭିଲ କୋର୍ଟରେ ମାମଲା ନମ୍ବର-୧୩୬/୨୦୧୯ ରୁଜୁ ହୋଇଥିଲା ତଥାପି ପୌର ପ୍ରଶାସନ ଏଦିଗରେ ନିଦାବିଷ୍ଟ। ସେହିପରି ସବୁଜ ଶକ୍ତି ପ୍ଲାଣ୍ଟ ଥିଲେ। ଏହି ଆବର୍ଜନାକୁ ବିଜୁଳିରେ ରୂପାନ୍ତରିତ କରାଯିବା ସହ ନଦୀରେ ଆବର୍ଜନା ମିଶିବା ରୋକାଯାଇପାରନ୍ତା ତାହା ମଧ୍ୟ କରାଯାଉ ନାହିଁ। କିଛିମାସ ତଳେ ତତ୍କାଳୀନ ପରିବେଶ ସମ୍ପର୍କିତ ବିଧାନସଭା କମିଟି ଅରଡ଼େଇ ନଦୀର ଅବବାହିକା ପରିଦର୍ଶନ କରିଥିଲେ। କିଛି କାରଖାନାର ଆବର୍ଜନା ସିଧାସଳଖ ନଦୀରେ ମିଶୁଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାସତ୍ତ୍ୱେ ଅରଡ଼େଇକୁ ପ୍ରଦୂଷଣମୁକ୍ତ କରିବାକୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଏହିନଦୀ ଅପମୃତ୍ୟୁ ଆଡ଼କୁ ମୁହାଁଉଛି।



# ସମ୍ବଲପୁରରେ ‘ଭାରତ ବନ୍ଦ’ର ମିଶ୍ର ପ୍ରତିକ୍ରିୟା

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଗତ ୧ ଅଗଷ୍ଟରେ ସୁପ୍ରିମକୋର୍ଟଙ୍କ ସଂରକ୍ଷଣ ରାୟକୁ ନେଇ ସମ୍ବଲପୁର ଜିଲ୍ଲାରେ ଭିନ୍ନ ପ୍ରକାରର ପ୍ରତିକ୍ରିୟା ମିଳିଛି। ଭାରତ ବନ୍ଦ ଡାକରାରେ ସାରା ଭାରତରେ ଏସ୍‌ଟି, ଏସ୍‌ସି ଓ ବହୁଜନ ସମାଜର ସଂଗଠନ ମାନେ ମିଳିତ ବନ୍ଦ ଡାକରା ଦେଇଛନ୍ତି। ଗତ ୨୦୧୮ ଏପ୍ରିଲ ୨ ତାରିଖ ଦିନ ଏହିପରି ଏସ୍‌ଟି, ଏସ୍‌ସି ଏଟ୍ରୋସିଟି ଆକ୍ଟକୁ ମିଶ୍ରଣ କରବା ଲାଗି ଗୋଟିଏ ସୁପ୍ରିମ୍‌କୋର୍ଟଙ୍କ ରାୟ ଦିଆଯାଇଥିଲା। ତା’ର ପ୍ରତିବାଦର ବନ୍ଦ ପ୍ରଭାବରେ ରାୟକୁ ଭାରତରେ ଲାଗୁ ନକରିବାକୁ ବାଧ୍ୟ ହୋଇଥିଲେ। ସେହିପରି ଗତ ୧ ଅଗଷ୍ଟରେ ସୁପ୍ରିମକୋର୍ଟଙ୍କ ସଂରକ୍ଷଣ ରାୟକୁ ନେଇ ବୁଧବାର ଭାରତ ବନ୍ଦ କରିଥିଲେ। ସମ୍ବଲପୁରରେ ପୁରୀ-ଇଣ୍ଟରସିଟି ଓ ସମ୍ବଲପୁର ରାୟଗଡ଼ା ଟ୍ରେନ୍‌କୁ କିଛି ସମୟ ବନ୍ଦ କରିଥିବା ବେଳେ କିଛି ସ୍ଥାନରେ ସ୍କୁଲ, ଦୋକାନ ବଜାର ଖୋଲାଥିଲା। ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟ ରାୟକୁ କିଏ ସମ୍ମାନ କରୁଛି, ତ ଆଉ କିଏ ବିରୋଧ କରୁଛି କାରଣ ସବୁ ସମାଜ ଭିତରେ ଧନି ଗରିବ ଲୋକେ ବସବାସ କରୁଛନ୍ତି। ସଂରକ୍ଷଣ କେବଳ ଏସ୍ ଟି, ଏସ୍‌ସି ଲୋକଙ୍କ ପାଇଁ ହେବା କଥା ନୁହେଁ। ସଂରକ୍ଷଣ ସମସ୍ତ ଗରିବ ଲୋକମାନଙ୍କ ପାଇଁ ହେବାକଥା ବୋଲି କହିଛନ୍ତି ଠେଲକୋଲିର ପ୍ରଶାନ୍ତ କୁମାର ନାଥ। ତାଙ୍କ ସହିତ ପ୍ରକାଶ ମୀର୍ଦ୍ଧା, କେଶବ ରୋହିଦାସ, ଇନ୍ଦ୍ର ମୀର୍ଦ୍ଧା ଓ ଅନ୍ୟ ପ୍ରମୁଖ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ମଦ ଦୋକାନ ହଟାଇବା ଦାବିରେ ଆନ୍ଦୋଳନ ଧମକ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ମଦ ଦୋକାନଗୁଡ଼ିକ ଜନଗହଳିପୂର୍ଣ୍ଣ ସ୍ଥାନରେ ରହିଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ଜନ ସାଧାରଣ ଯାତାୟାତରେ ବହୁ ଅସୁବିଧା ସୃଷ୍ଟି ହେଉଛି। ଏହିଭଳି ଦୋକାନଗୁଡିକୁ ଉଠାଇବା ପାଇଁ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ନିରବ ରହୁଥିବାରୁ ସାଧାରଣରେ ଅସନ୍ତୋଷ ବଢିବାରେ ଲାଗିଛି। ଏହିଭଳି ଏକ ଘଟଣା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାବର ବଜାର ଉପରେ ଠିପି ବନ୍ଦ/ ଠିପି ଖୋଲା ଦୁଇଗୋଟି ମଦ ଦୋକାନ ରହିଥିବାରୁ ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ମଦ ଦୋକାନ ଖୋଲିବା ପୂର୍ବରୁ ନିୟମଗୁଡିକୁ ତଦାରଖ କରି ଅନୁମତି ଦେବାର କଥା। କିନ୍ତୁ ବାବର ବଜାରରେ ଥିବା ଏହି ୨ଟି ମଦ ଦୋକାନର ୫୦୦ ମିଟର ଭିତରେ ସ୍କୁଲ, କଲେଜ, ବାଳିକା ସ୍କୁଲ, ମେଡିକାଲ, ମନ୍ଦିର ସହିତ ମହିଳା ମାନାଙ୍କ ଯାତାୟାତରେ ବହୁ ଅସୁବିଧା ହେଉଛି। ଦୀର୍ଘ ଦିନ ହେଲା ଏହି ମଦ ଦୋକାନ ଉଠାଇବା ପାଇଁ ସ୍ଥାନୀୟ ଜନ ସାଧାରଣ ବାରମ୍ବାର ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ଯାହା ଫଳରେ ଲୋକେ ଅତିଷ୍ଠ ହୋଇ ବୁଧବାର ସମିତି ସଭ୍ୟ ପ୍ରତାପ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ମହାକାଳପଡ଼ା ବ୍ଲକ୍‌ର କଳ୍ପନା ରାଉଳ, ପ୍ରମୋଦ କୁମାର ଦାସ, ସାବିତ୍ରୀ ସେନାପତି ପ୍ରମୁଖ ଉପସ୍ଥିତ ହୋଇ ମଦ ଦୋକାନ ଉଠାଇବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଯଦି ମାସକ ଭିତରେ ମଦ ଦୋକାନ ସ୍ଥାନାନ୍ତର ନହୁଏ ତେବେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାଇ ଦିଆ ଯାଇଛି।




GOVERNMENT OF ODISHA
OFFICE OF THE EXECUTIVE ENGINEER,
RWS&S DIVISION, MALKANGIRI
E-mail-eerwss_mal@nic.in, eerwssmlkg@gmail.com
O-210

INVITATION FOR BIDS
NATIONAL COMPETITIVE BIDDING

Bid Identification No: RWSS_MKG_ONLINE_02/2024-25 DATED: - .08.2024

The Superintending Engineer, RWS&S Division, Malkangiri on behalf of Governor of Odisha invites bids from bidders having valid HT Electrical Contractor license issued by Electrical Licensing Board of Odisha (ELBO) for the works detailed in the table below to be eventually drawn up in P-1 contract.

1 Name of the Work : Construction of External Electrification (As detailed in TCN)
2 No. of Works : 03 No.
3 Estimated Cost : ₹5.16 Lakhs to ₹5.79 Lakhs
4 Tender Paper Cost : ₹.4000/- each
5 Class of Contractor : HT Electrical Contractor
6 Period of Completion : 03 (Three) calendar months
7. Critical dates :

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Date of opening the Bid |
|---|---|---|---|---|---|
| | | From | To | | |
| Superintending Engineer, RWS&S Division, Malkangiri | RWSS_MKG_ONLINE_02 of 2024-25 | 28.08.2024 at 09.00 Hours | 06.09.2024 up to 17.00 Hours | 04.09.2024 | 09.09.2024 At 16.00 Hours |

- Further details can be seen in the bidding documents, which is available in the e-procurement portal https://www.tendersodisha.gov.in.
- Subsequent corrigendum if required shall be appeared in the web site.
- Authority reserves the right to reject any or all tenders without assigning any reason thereof.

Sd/- Superintending Engineer
RWS&S Division, Malkangiri
OIPR-25044/11/0002/2425



C-466
WATCO
OFFICE OF THE CHIEF EXECUTIVE OFFICER, WATCO.
Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
Telefax: - +91-674-2391444
E-mail - ceowatcoodisha(a)qmail.com/mail@watcoodisha.in

INVITATION FOR BID (IFB)
Bid Identification No. WATCO (W) - 07/2024-25 Dtd.21.08.2024
WATCO No. 5166 Date: 21.08.2024

1. Name of the work
   1. Supply, Installation, Testing & Commissioning of pumping Arrangement, Electrification System and piping System at Jawahar Nagar Pump House, Rourkela.
   2. Supply, Installation, Testing & Commissioning of Pumpsets including Electrical & Piping Arrangements for New Pump House at (18+25 MLD), WTP at Panposh Rourkela.
   3. Supply, Installation, Testing & Commissioning of pumping Arrangement, Electrification System and piping System at 55 MLD Pump House. Rourkela.
   4 Provision for automation of 2.00 MLD WTP with pumping station, renovation of intake well & diversion of drain at Jhirpani, Rourkela for 24 x 7 water supply to Rourkela.
2. Estimated cost :- 1. Rs.185.85 Lakh 2. Rs. 433.37 Lakh Rs.351.70 Lakh 4. Rs 425.50 Lakh
3. Period of completion :- 06 (Six calendar) Months
4. Date & time of availability of bid document in the portal : - From 11.00 AM of Dt.30.08.2024 to 5.00 PM of 12.09.2024
5. Last date / time of receipt of bids in the portal :- 5.00 PM of 13.09.2024
6. Date & time of opening of technical bids :- 12.30 PM of 13.09 2024
7. Name and address of the Officer Inviting Bid :- CEO, WATCO, Telefax: - 0674-2391444
   E-Mail : ceowatcoodisha@gmail.com/ md@watcoodisha.in
8. The bidders have to participate in ONLINE bidding only.

Further details can be seen from the web site www.tendersodisha.gov.in

Sd/- CEO
WATCO
OIPR-13194/11/0012/2425





# ଅନୁସୂଚିତ ଜାତି ଜନଜାତି କଲ୍ୟାଣ ପାଇଁ ବଜେଟରେ ଅଧିକ ଅର୍ଥ ବ୍ୟବସ୍ଥା ହେଉ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବୁଧବାର ବିଧାନସଭାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପାଇଁ ୨୦୨୫ ବର୍ଷ ଶେଷ ସୁଦ୍ଧା ଆବଶ୍ୟକ ପଡୁଥିବା ସର୍ବମୋଟ ୫୭୪୯ କୋଟି ୭୭ ଲକ୍ଷ ୯୧ ହଜାର ଟଙ୍କାର ଖର୍ଚ୍ଚ ଦାବି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଗତ କରିଥିଲେ। ଏହା ଉପରେ ଗୃହରେ ସରଗରମ ଆଲୋଚନା ଆରମ୍ଭ ହୋଇଥିଲା। ପ୍ରଥମେ ବିରୋଧୀ ଦଳରୁ ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଖର୍ଚ୍ଚ ଦାବିକୁ ବିରୋଧ କରି ଆଲୋଚନା ଆରମ୍ଭ କରିଥିଲେ। ସେ କହିଥିଲେ ଯେ, ରାଜ୍ୟର ଜନସଂଖ୍ୟା ଅନୁସାରେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ବିକାଶ ପାଇଁ ଆବଶ୍ୟକତା ଅନୁସାରେ ବଜେଟରେ ଅର୍ଥ ବ୍ୟବସ୍ଥା କରାଯାଇ ନାହିଁ। ସେମାନଙ୍କ ବିକାଶ ପାଇଁ ବିଗତ ବିଜେଡ଼ି ସରକାର ସମୟରେ ବିଭିନ୍ନ ଯୋଜନାରେ ଯେଉଁ ପରିମାଣର ଅର୍ଥ ବ୍ୟବସ୍ଥା କରାଯାଇଥିଲା, ତାହାକୁ ବର୍ତ୍ତମାନର ବିଜେପି ସରକାର ଅଧିକାଂଶ କ୍ଷେତ୍ରରେ କାଟ୍ କରିଛନ୍ତି। ବିଗତ ୧୦ ବର୍ଷରେ କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ ଯେଉଁ ପରିମାଣର ଋଣ କରିଛନ୍ତି, ସେ ଅନୁସାରେ ବିକାଶ ହୋଇନାହିଁ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଡ଼ାମ କହିଥିଲେ ଯେ, ଜନସଂଖ୍ୟା ଅନୁସାରେ ଏହି ବିଭାଗର ବଜେଟ ପାଇଁ ଅତି ନଗଣ୍ୟ ଅର୍ଥ ବ୍ୟବସ୍ଥା କରାଯାଇଛି ଯାହା ରାଜ୍ୟବାସୀଙ୍କ ଶୁଭଙ୍କର ନୁହେଁ। ବରଂ ଅଭିଶାପ ସଦୃଶ ହେବ। ପାଖାପାଖି ୪୦ ପ୍ରତିଶତ ଆଦିବାସୀ, ହରିଜନ ପଛୁଆବର୍ଗ ଏହି ରାଜ୍ୟରେ ବାସ କରୁଥିବା ବେଳେ ସେମାନଙ୍କ ପାଇଁ ସେହି ଅନୁସାରେ ବଜେଟରେ ଅର୍ଥ ବ୍ୟବସ୍ଥା କରାଯିବା ଦରକାର। ବିଜେପି ବିଧାୟକ ସନାତନ ବିଜୁଳି ବିଗତ ସରକାରଙ୍କ ଦୁର୍ନୀତି ଯୋଗୁ ଆଦିବାସୀ, ହରିଜନ ସବୁଠାରୁ ବେଶୀ କ୍ଷତିଗ୍ରସ୍ତ ହୋଇଛନ୍ତି ବୋଲି କହିବା ସହ ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ମୋହନ ସରକାର ଅଧିକ ଗୁରୁତ୍ୱ ଦେଲେ ସେମାନଙ୍କର ବିକାଶ ହେବା ସହ ଓଡ଼ିଶାର ବିକାଶ ହୋଇପାରିବ ବୋଲି କହିଥିଲେ। ବିଧାୟକ ସର୍ବଶ୍ରୀ ରଘୁନାଥ ଜଗଦଳ, ରୁପୁ ଭୂତା, ଭାସ୍କର ମଢେଇ, ପ୍ରକାଶ ସୋରେନ, ଭାଦବ ହାଁସଦା ଓ ମନୋହର ରନ୍ଧାରୀ ପ୍ରମୁଖ ଏହି ଖର୍ଚ୍ଚ ଦାବି ଆଲୋଚନାରେ ଭାଗ ନେଇ ସରକାରଙ୍କୁ ଆଦିବାସୀ ହରିଜନଙ୍କ ପାଇଁ ବଜେଟରେ ଅଧିକ ଅର୍ଥ ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଦେଇଥିଲେ।

# ସଦର ରେଞ୍ଜରଙ୍କ ଘରେ ଭିଜିଲାନ୍ସ ରେଡ୍

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଢେଙ୍କାନାଳ ସଦର ରେଞ୍ଜରଙ୍କ ଘରେ ଭିଜିଲାନ୍ସ ରେଡ୍ । ରେଞ୍ଜର ବିଭୁଦାନନ୍ଦ ମିଶ୍ରଙ୍କ ଘର ସମେତ ୩ଟି ସ୍ଥାନରେ ରେଡ୍ କରିଛି ଭିଜିଲାନ୍ସ । ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ରେଡ୍ କରିଛି । ଏହି ରେଡରେ ୭ଜଣ ଡିଏସପି, ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୬ଜଣ ଇନସପେକ୍ଟର, ୬ଜଣ ଏଏସଆଇ ଓ ସହଯୋଗୀମାନେ ସାମିଲ ହୋଇଛନ୍ତି । ଏହାପରେ ଢେଙ୍କାନାଳ, କଟକ ଓ ଭୁବନେଶ୍ୱରର ୮ଟି ସ୍ଥାନରେ ଭିଜିଲାନ୍ସ ରେଡ କରିଛି ।

## ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର

# କୋର୍ସେରା ସହଭାଗିତାରେ ଡିଜିଟାଲ୍ ସ୍କିଲିଂ କାର୍ଯ୍ୟକ୍ରମର ଶୁଭାରମ୍ଭ

**ଭୁବନେଶ୍ୱର, ୨୧/୦୮ ନ୍ୟୁଜ ବ୍ୟୁରୋ**

ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ କୋର୍ସେରା ସହଭାଗିତାରେ ଡିଜିଟାଲ୍ ସ୍କିଲିଂର ଶୁଭାରମ୍ଭ କରିବା ସହ ଆଇ.ଆଇ.ଟି ନୂଆଦିଲ୍ଲୀ ସହଭାଗିତାରେ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଅପ୍ ସ୍କିଲିଂ ପ୍ରୋଗ୍ରାମ ଆରମ୍ଭ କରିଛନ୍ତି । ଏହା ଦ୍ୱାରା ଛାତ୍ରଛାତ୍ରୀମାନେ ରୋଜଗାରକ୍ଷମ ହେବା ସହ ସ୍ୱାବଲମ୍ବୀ ହୋଇପାରିବେ । ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ଯେ ଉଚ୍ଚଶିକ୍ଷା ବିଭାଗ ସହଯୋଗରେ ଏସ୍.ଡି.ଟି.ଇ ବିଭାଗ ଦ୍ୱାରା ଯୁବକମାନଙ୍କୁ କୌଶଳ ଦ୍ୱାରା ସଜ୍ଜିତ କରିବା ପାଇଁ ଯେଉଁ ପଦକ୍ଷେପମାନ ନିଆଯାଇଛି ତାହା ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ । ଏହା ସେମାନଙ୍କୁ ବିଭିନ୍ନ ଶିଳ୍ପରେ ଚାକିରି ପାଇଁ ପ୍ରସ୍ତୁତ ଏବଂ ଅତ୍ୟଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ କରିପାରିବ । ଏନ୍.ୟୁ.ଏ ଓଡ଼ିଶା ଯୋଜନା ଅଧୀନରେ ଜେନେରେଟିଭ୍ ଏ.ଆଇ., ସାଇବର ସିକ୍ୟୁରିଟି, ଏ.ଆଇ ଏବଂ ଏମ୍.ଏଲ୍.ଆଇ.ଓ.ଟି, ରୋବୋଟିକ୍ସ, କ୍ଲାଉଡ୍ ଏଣ୍ଡ ଡାଟା ଆପ୍ଲିକେସନ୍ ଏବଂ ଡାଟା ସାଇନସେସ୍ ଭଳି ଉଦୀୟମାନ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ



ବ୍ୟାପକ ତାଲିମ ପ୍ରଦାନ କରିବା ପାଇଁ ଏସ୍.ଡି.ଟି.ଇ ଶିଳ୍ପ ଶିକ୍ଷାନୁଷ୍ଠାନ ଏବଂ ଡିଜିଟାଲ୍ ଦକ୍ଷତା ସଂଗଠନ ଗୁଡ଼ିକ ସହିତ ମୂଲ୍ୟବାନ ଭାଗୀଦାରି କରିଛି । ଏହି ପଦକ୍ଷେପ ଗୁଡ଼ିକ ଓଡ଼ିଶାର ଯୁବକମାନଙ୍କ ଦକ୍ଷତା ସମୂହକୁ ବର୍ତ୍ତମାନର ବଜାର ଚାହିଦା ସହିତ ସମନ୍ୱିତ କରିବା ପାଇଁ ପରିକଳ୍ପନା କରାଯାଇଛି, ଯାହା ଦ୍ୱାରା ସେମାନଙ୍କର ନିଯୁକ୍ତି ସାମର୍ଥ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇବ । ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଯୁବକମାନଙ୍କୁ ୬ ହଜାର ପାଠ୍ୟକ୍ରମ ପ୍ରଦାନକରିବା ପାଇଁ ଏସ୍.ଡି.ଟି.ଇ ଓ କୋର୍ସେରା ମିଳିତ ଭାବେ କାର୍ଯ୍ୟ କରିଛନ୍ତି । ସମଗ୍ର ଓଡ଼ିଶାରେ ଉଚ୍ଚଶିକ୍ଷାନୁଷ୍ଠାନ, ଆଇଟିଆଇ ଏବଂ ପଲିଟେକ୍‌ନିକ୍‌ରେ ନାମ ଲେଖାଇଥିବା ବିଭିନ୍ନ ଏକାଡେମିକ୍ ପୃଷ୍ଠଭୂମିର ଶିକ୍ଷାର୍ଥୀମାନଙ୍କୁ ମୋଟ ୧ ଲକ୍ଷ କୋର୍ସେରା ଲାଇସେନ୍ସ ବଣ୍ଟନ କରାଯିବ । ସେହିପରି ଏସ୍.ଡି.ଟି.ଇ ଓ ଆଇଆଇଟି ଦିଲ୍ଲୀର ମିଳିତ ସହଯୋଗରେ ବ୍ଲକ୍‌ଚେନ୍ ବିକାଶ, ଅଗମେଣ୍ଟେସନ୍ ରିୟଲିଟି, ଭର୍ଚ୍ୟୁଆଲ ରିୟଲିଟି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଆଇଓଟି ସମେତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ୪ ହଜାର ଯୁବକମାନଙ୍କୁ ତାଲିମ ଓ ସାର୍ଟିଫିକେଟ୍ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମ ଖୁବ୍‌ଶୀଘ୍ର କଳାହାଣ୍ଡି, ଭବାନୀପାଟଣା ଓ କଟକରେ ଆରମ୍ଭ ହେବ, ଯାହାର ଉଦ୍ଦେଶ୍ୟ ହେଉଛି ଉଚ୍ଚ ଚାହିଦା ଏବଂ ବିକଶିତ ଚାକିରି ଭୂମିକାରେ ଛାତ୍ରମାନଙ୍କୁ ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଲାଭ ପ୍ରଦାନ କରିବା ଏବଂ ଶିଳ୍ପ ଚାହିଦା ପୂରଣ କରିବା । ଏହା ବାଦ୍‌ଏସ୍.ଡି.ଟି.ଇ ଓ ବିମାନ ଚଳାଚଳ କ୍ଷେତ୍ରରେଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି ପଦକ୍ଷେପ ବିମାନ ବନ୍ଦର ପରିଚାଳନା, ସୁରକ୍ଷା ଏବଂ ସୁରକ୍ଷା ନିୟମାବଳୀ, ଗ୍ରାହକ ସେବା ଏବଂ ପରିଚାଳନା ଅଭ୍ୟାସରେ ବ୍ୟକ୍ତିମାନଙ୍କୁ ତାଲିମ ଦେବା ଉପରେ ଧ୍ୟାନ ଦେଇଥାଏ । ବର୍ତ୍ତମାନ ହାଇଦ୍ରାବାଦ୍‌ରେ ୪୦ ଜଣ ତାଲିମ ନେଉଛନ୍ତି । ସେମାନଙ୍କୁ ଗ୍ରାଉଣ୍ଡହାଣ୍ଡଲିଂ ଏବଂ ବିମାନ ବନ୍ଦର ପରିଚାଳନାରେ ସାର୍ଟିଫିକେଟ୍ ପାଇଁ ପ୍ରସ୍ତୁତ କରାଯାଉଛି । କୋଚିର ବାର୍ଡସ ଆଭିଏସନ୍ ଏକାଡେମୀରେ ବିମାନ ବନ୍ଦର ଗ୍ରାଉଣ୍ଡହ୍ୟାଣ୍ଡଲିଂରେ ୧୭ ଜଣ ତାଲିମାର୍ଥୀ ବିମାନ ଚଳାଚଳ ସମ୍ବନ୍ଧୀୟ ଦକ୍ଷତା ହାସଲ କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିକାଶର ପ୍ରମୁଖ ଶାସନସଚିବ ଉଷା ପାଢ଼ୀ, ଦକ୍ଷତା ବିକାଶ ଓ ନିଯୁକ୍ତି ନିର୍ଦ୍ଦେଶକ ରଶ୍ମିତା ପଣ୍ଡା, ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ ରେଘୁ.ଜୀ, କୋର୍ସେରାର ପରିଚାଳନା ନିର୍ଦ୍ଦେଶକ ଓ ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ ପଦାଧିକାରୀମାନେ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିରୋଧୀଙ୍କ ହଟଗୋଳ ...

ସେମାନେ ଏଥିପ୍ରତି କର୍ଣ୍ଣପାତ କରିନଥିଲେ। ଅପରପକ୍ଷରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ମଦମୃତ୍ୟୁ ମାମଲା ପ୍ରସଙ୍ଗ ଉଠାଇବାକୁ ନିଜ ଆସନରେ ଠିଆ ହୋଇ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ ମଧ୍ୟ ତାଙ୍କୁ ସୁଯୋଗ ମିଳିନଥିଲା। ଏହାର ପ୍ରତିବାଦ ଜଣାଇ ବିଜେଡ଼ି ବିଧାୟକମାନେ ଗୃହରୁ କକ୍ଷ ତ୍ୟାଗ କରି ଚାଲିଯାଇଥିଲେ। ଏହା ପୂର୍ବରୁ କଂଗ୍ରେସ ବିଧାୟକମାନେ ମଧ୍ୟ ଅନୁରୂପ ଭାବେ କକ୍ଷତ୍ୟାଗ କରିଥିଲେ।

## ଡିସେମ୍ବର ସୁଦ୍ଧା ...

ଦେଇଥିଲେ। ଏବେ ଏହି କାର୍ଯ୍ୟକ୍ରମ ଅର୍ଥାତ୍ ସହରାଞ୍ଚଳ ଗରିବଙ୍କୁ ଜମି ଅଧିକାର ପ୍ରଦାନ ପାଇଁ ଆଉଥରେ ସର୍ଭେ ଆରମ୍ଭ କରାଯାଇଛି। ଅଗଷ୍ଟ ୧୬ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଏହି ନୂଆ ସର୍ଭେରେ ରାଜ୍ୟର ସହରାଞ୍ଚଳରେ କେତେ ପରିମାଣର ରାଜସ୍ୱ ଜମି ରହିଛି ଏବଂ କେତେ ସଂଖ୍ୟାରେ ହିତାଧିକାରୀ ପଟ୍ଟାପାଇଛନ୍ତି ତାହାର ସଠିକ୍ ଆକଳନ କରାଯିବ। ସହରାଞ୍ଚଳରେ ଜମି ଅଧିକାର ପାଇବା ପାଇଁ ହିତାଧିକାରୀଙ୍କ ବାର୍ଷିକ ଆୟ ୬୦ ହଜାରରୁ ଏକ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ଏବଂ ଏହି ଜମି ପାଇବା ଲାଗି ହିତାଧିକାରୀ ମାଗଣାରେ ଆବେଦନ କରିପାରିବାର ସୁବିଧା ବ୍ୟବସ୍ଥା କରାଯାଇଛି। ଗରିବ ଲୋକମାନଙ୍କ ସୁବିଧା ପାଇଁ ନୂଆ ସରକାର ଆବାସିକ, ଆୟ ଓ ଜାତି ସାର୍ଟିଫିକେଟ୍ ପାଇବା ଲାଗି ସମସ୍ତ ପ୍ରକାର ଦେୟ ବା ଫି ଚାଡ କରିଛନ୍ତି। ଏ ସବୁର ଆବେଦନ ପାଇଁ ମଧ୍ୟ କୌଣସି ଦେୟ ଦେବାକୁ ପଡିବ ନାହିଁ। ହିତାଧିକାରୀମାନେ ତହସିଲକୁ ନ ଦୌଡି ଘରେ ବସି ଅନ୍‌ଲାଇନ୍‌ରେ ସବୁ ପ୍ରକାର ରାଜସ୍ୱ ସେବା ଯେପରି ସୁବିଧାରେ ପାଇପାରିବେ ତାହାର ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ କହିଥିଲେ। ସେହିପରି ଜଙ୍ଗଲ ଜମିରେ ବାସ କରୁଥିବା ଲୋକମାନଙ୍କୁ ମଧ୍ୟ ଜମି ଅଧିକାର ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ହୀରାକୁଦ ନଦୀ ବନ୍ଧ ଯୋଜନା ବେଳେ ଏକା ସାଙ୍ଗରେ ଏକ ଲକ୍ଷରୁ ଅଧିକ ଲୋକ ବାସଚ୍ୟୁତ ହୋଇଥିଲେ। ବିଗତ ସରକାରଙ୍କ ସମୟରେ ସେମାନଙ୍କୁ ଜମି ଅଧିକାର ଓ ପଟ୍ଟା ପ୍ରଦାନ କ୍ଷେତ୍ରରେ ଅବହେଳା କରାଯାଇଥିଲା। ମାତ୍ର ବର୍ତ୍ତମାନର ସରକାର ଏହି ସମସ୍ୟାର ସମାଧାନକୁ ପ୍ରାଥମିକତାର ଦେଇଛନ୍ତି। ରାଜସ୍ୱ ଆଇନ୍‌ର ସଂସ୍କାର ଓ ସରଳୀକରଣ ପାଇଁ ବିଶେଷଜ୍ଞମାନଙ୍କ ମତାମତ ଓ ପରାମର୍ଶ ନିଆଯାଉଛି। ଗରିବ ଲୋକେ ବିଶେଷକରି ଧାଡିର ସବା ଶେଷରେ ଠିଆ ହୋଇଥିବା ଲୋକ ଯେପରି ସର୍ବନିମ୍ନ ସୁବିଧା ପାଇପାରିବ ସେଥିପାଇଁ ବିଜେପି ସରକାର ପ୍ରତିବଦ୍ଧ ଏବଂ ଏଥିପାଇଁ ନୂଆ ସରକାର ବର୍ଷତମାମ ୨୪ ଘଣ୍ଟିଆ ସେବା ଜାରି ରଖିବ ଏ କ୍ଷେତ୍ରରେ ରାଜସ୍ୱ ବିଭାଗ ଆଗଧାଡିରେ ରହିବ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ।

ରାଜସ୍ୱ ବିଭାଗ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଓ ସମସ୍ୟା ବହୁଳ ବିଭାଗର ଖର୍ଚ୍ଚ ଦାବି ଗୃହରେ ଆଲୋଚନା ବେଳେ ବିରୋଧୀ ଦଳ ଉପସ୍ଥିତ ନରହିବା ଘଟଣାରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କ୍ଷୋଭବ୍ୟକ୍ତ କରି କହିଥିଲେ ସେମାନେ ଅଭିଜ୍ଞ, ଅନୁଭବୀ ଏବଂ ୨୪ ବର୍ଷର ସରକାରଙ୍କ କାର୍ଯ୍ୟକ୍ରମ ବାବଦରେ ଗୃହରେ ରହି ଆଲୋଚନାରେ ଭାଗ ନେଇ ପାରିଥାଆନ୍ତେ, ଆମକୁ ପରାମର୍ଶ ଦେଇପାରିଥାନ୍ତେ ଏବଂ ସମାଲୋଚନା ଏବଂ ଗାଳି ମଧ୍ୟ କରିପାରିଥାନ୍ତେ। ତାହା ନକରି ଗୃହରୁ କକ୍ଷ ତ୍ୟାଗ କରିବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ଶ୍ରୀ ପୂଜାରୀ କହିଥିଲେ।

## ବିଜେଡ଼ିର ଛାପ...

ଆସିଛନ୍ତି। ୨ବର୍ଷ ବିଜେଡ଼ିରେ ରହିବା ପରେ ବିଜେପିକୁ ଆସିବା ପ୍ରକ୍ରିୟାକୁ ସେମାନେ ଆଦୌ ଗ୍ରହଣ କରିପାରୁନାହାନ୍ତି। ରାଜ୍ୟ ସଭାରେ ବିଜେପିର ପ୍ରତିନିଧିତ୍ୱ ସଂଖ୍ୟା ବୃଦ୍ଧି ପାଇଁ ବିଜେପିର କେନ୍ଦ୍ରୀୟ ହାଇକମାଣ୍ଡ ଚିନ୍ତିତ। ରାଷ୍ଟ୍ରର ସାମୁହିକ ସ୍ୱାର୍ଥ ତଥା ହିତ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ ହେବା କ୍ଷେତ୍ରରେ ବିଜେପିର ସଂଖ୍ୟାନ୍ୟୁନ ପ୍ରତିନିଧିତ୍ୱ ବାଧା ସୃଷ୍ଟି କରିବାର ଆଶଙ୍କା ରହିଛି। ସେଥିପାଇଁ ବିଜେପିର ରାଷ୍ଟ୍ରୀୟ ନେତୃତ୍ୱ ଏହାର ରାଜ୍ୟସଭା ପ୍ରତିନିଧିତ୍ୱକୁ ବୃଦ୍ଧି କରିବା ପାଇଁ ଜୋରସୋରରେ ଲାଗିପଡିଛନ୍ତି। ମମତା ମହନ୍ତ ଏହାର ଏକ ନିଚ୍ଛକ ଉଦାହରଣ। କେନ୍ଦ୍ରୀୟ ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ରାଜ୍ୟ ବିଜେପିର ସାଂଗଠନିକ ସ୍ତରରେ କେତେଦୂର ସମର୍ଥନ କରାଯାଉଛି ତାହା ରାଜନୈତିକ ପର୍ଯ୍ୟବେକ୍ଷକ ମହଲ ବୁଝିପାରୁନାହାନ୍ତି। ମୁଖ୍ୟମନ୍ତ୍ରୀ ମମତାଙ୍କ ନାମାଙ୍କନ ପତ୍ରରେ ଦସ୍ତଖତ କରିଥିବା ବେଳେ ଆଉ ଜଣେ ମନ୍ତ୍ରୀ ଓ ୯ଜଣ ବିଧାୟକ ଜଗନ୍ନାଥଙ୍କ ପ୍ରସ୍ତାବରେ ସମର୍ଥକ ଅଛନ୍ତି। ରାଜନୈତିକ ପର୍ଯ୍ୟବେକ୍ଷକ ମହଲକୁ ଏହା କିନ୍ତୁ ସଂପୂର୍ଣ୍ଣ ଅଡୁଆ ଲାଗୁଛି।

ଏହି ମହଲର ଯୁକ୍ତି ଅନୁଯାୟୀ ବିଜେପିର ବିଧାନସଭା ବିଧାୟକଙ୍କ ସଂଖ୍ୟା ଅନୁଯାୟୀ ଏହି ଦଳର ପ୍ରାର୍ଥୀ ଆରାମରେ ଜିତିପାରିବେ। କିନ୍ତୁ ଜଗନ୍ନାଥଙ୍କ ସମର୍ଥକମାନେ ଏହି ଘଟଣାରେ ଯେଭଳି ଦୃଢ ଭାବରେ ତାଙ୍କ ସପକ୍ଷରେ ମତ ଦେଉଛନ୍ତି ସେଥିରୁ ବିଜେପିର ରାଜ୍ୟସଭା ନିର୍ବାଚନ ପାଣିପାଗ ନେଇ ଆଗୁଆ ଆକଳନ କରାଯାଇ ପାରୁନାହିଁ। ରାଜ୍ୟସଭା ପ୍ରାର୍ଥୀପତ୍ର ଦାଖଲ ବାବଦରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଯାହା ସୂଚନା ମିଳୁଛି ସେଥିରୁ ଜଣାପଡୁଛି ସତେ ଯେମିତି ବିଜେପିର ଦଳୀୟ ନେତୃତ୍ୱ ଜଗନ୍ନାଥଙ୍କ ଉପରେ ରୋକ୍ ଲଗାଇବା ଅବସ୍ଥାରେ ନାହାନ୍ତି। କାରଣ ଜଗନ୍ନାଥ ବିଜେପିର ଜଣେ ଟାଣୁଆ ନେତା ଭାବରେ ଅଧିକାଂଶଙ୍କ ସମର୍ଥନ ଲାଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କିନ୍ତୁ ଦଳୀୟ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି ହେଲେ ଜଗନ୍ନାଥ ଦଳର ଅଧିକାଂଶ ମନ୍ତ୍ରୀ ଓ ବିଧାୟକଙ୍କ ସମର୍ଥନ ଲାଭ କରିଥିବା ନେଇ ତାଙ୍କର ନିକଟତମ ମହଲ ଦୃଢ ଦାବି କରିଛନ୍ତି। ରାଜ୍ୟସଭା ନିର୍ବାଚନ ସମୟରେ ବିଜେପି ନେତୃତ୍ୱଙ୍କ ପକ୍ଷରୁ ସ୍ଥିରୀକୃତ ପ୍ରାର୍ଥୀଙ୍କ ସପକ୍ଷରେ ଯଦି ହ୍ୱିପ୍ ଜାରି କରାଯାଏ ତେବେ ଜଗନ୍ନାଥଙ୍କ ସମର୍ଥକ ଗୋଷ୍ଠୀ ଅଡୁଆ ପରିସ୍ଥିତିରେ ପଡି ପାରନ୍ତି ବୋଲି ପର୍ଯ୍ୟବେକ୍ଷକ ମହଲ ଆକଳନ କରୁଛନ୍ତି।

ଅପରପକ୍ଷରେ ଜଗନ୍ନାଥଙ୍କ ସମର୍ଥକମାନେ ଏକ ରୋଚକପୂର୍ଣ୍ଣ ତଥ୍ୟ ଆଲୋଚନା କରୁଛନ୍ତି। ଏହି ଆଲୋଚନା ମଧ୍ୟ କେନ୍ଦ୍ରୀୟ ନେତୃତ୍ୱଙ୍କ ନିକଟରେ କୁଆଡେ ଉପସ୍ଥାପିତ ହୋଇସାରିଛି । ଏହି ଆଲୋଚନା ଯେତିକି ରୋଚକପୂର୍ଣ୍ଣ ସେତିକି ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ। ସେମାନଙ୍କ କହିବା ଅନୁଯାୟୀ ରାଜ୍ୟସଭା ନିର୍ବାଚନରେ ପୂର୍ବରୁ ଦୁଇ ତିନିଜଣ ପ୍ରାର୍ଥୀ ଅନ୍ୟଦଳରୁ ଭୋଟ ନେଇ ବିଜୟ ଲାଭ କରିଥିବାର ନଜିର ରହିଛି। ବିଜେପିର ସଂଖ୍ୟାଧିକ ବିଧାୟକଙ୍କୁ ନିଜ ସପକ୍ଷରେ ଆଣିବା ସହିତ ବିରୋଧୀଦଳର ମଧ୍ୟ କିଛି ବିଧାୟକଙ୍କୁ ନିଜ ସପକ୍ଷରେ ଆଣିବାର ଦକ୍ଷତା ରଖିଛନ୍ତି ବୋଲି ଜଗନ୍ନାଥଙ୍କ ସମର୍ଥକମାନେ ଦୃଢ ଦାବି କରୁଛନ୍ତି। ବିଜେଡ଼ିର କେତେକ ଟାଣୁଆ ନେତା କୁଆଡେ ଜଗନ୍ନାଥଙ୍କୁ ଏହା କରାଇଦେବେ ବୋଲି ଭରସା ଦେଇଛନ୍ତି। ସେହିଭଳି ଉଭୟ ବିଜେଡ଼ି ଓ ବିଜେପିର ଏକ ନିର୍ଦ୍ଦିଷ୍ଟ ମହଲରେ ଜଗନ୍ନାଥଙ୍କ ଭିତିରି ସମର୍ଥନ ବୃଦ୍ଧି ପାଇବାରେ ଲାଗିଛି, ଯାହାକି ରାଜ୍ୟ ବିଜେପି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବାର ସମ୍ଭାବନା ରହିଛି। ଗତ ୨ ମାସ ତଳେ ସଂଖ୍ୟାଧିକ ଭୋଟ ପାଇ ନିର୍ବାଚିତ ହେବା ସଙ୍ଗେ ସଙ୍ଗେ ସରକାର ଗଠନ କରିଥିବା ରାଜ୍ୟ ବିଜେପି ଦଳ ହଠାତ୍ ଏଭଳି ଏକ ପରିସ୍ଥିତିର ଯେ ସମ୍ମୁଖୀନ ହେବ ଏ କଥାକୁ କେହି କିନ୍ତୁ ବିଶ୍ୱାସକୁ ନେଇ ପାରୁନାହାନ୍ତି। ଏସବୁ ସତ୍ତ୍ୱେ ଏହି ଘଟଣା ରାଜ୍ୟର ରାଜନୈତିକ ମହଲରେ ଏକ ଚର୍ଚ୍ଚାର ବିଷୟ ହୋଇଛି।

## ୫ ଲକ୍ଷ ଘୋଷିତ...

ମଧ୍ୟ ଦୁଇ ଜଣ ଗ୍ରାମବାସୀଙ୍କୁ ହତ୍ୟା କରିଥିଲା।

ଦୀର୍ଘ ବର୍ଷ ଧରି ସଂଗଠନରେ କାମ କରିବା ପରେ ସରକାରଙ୍କ ଆତ୍ମନିର୍ଭରଶୀଳ ଯୋଜନାରେ ପ୍ରଭାବିତ ହୋଇ ସେ ଆତ୍ମସମର୍ପଣ କରିଥିବା କହିଛି । ସରକାର ଅଜୟ ନାମରେ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ସଂଗଠନରେ ଭେଦଭାବ, ନିର୍ଯାତନା ସହ ତେଲୁଗୁ କ୍ୟାଡରଙ୍କ ଦବଦବା ଯୋଗୁଁ ସଂଗଠନରୁ ବହୁ ନକ୍ସଲ ମୁହଁ ଫେରାଉଥିବା ଅଜୟ କହିଛି । ତେବେ ପୁଲିସ ତରଫରୁ ଅଜୟକୁ ସମସ୍ତ ସରକାରୀ ସୁବିଧା ପ୍ରଦାନ କରାଯିବା ସହ ଆତ୍ମନିର୍ଭରଶୀଳ କରାଯିବ।

## ଏବେ ମିଳିବନି ...

ରହିବାକୁ ପଡିବ ଯାହା ଦ୍ୱାରା ଖାଦ୍ୟ ଦରଦାମ ଅନ୍ୟ ଉପାଦାନ ଉପରେ ପ୍ରଭାବ ପକାଇବ ନାହିଁ । ଭଲ ମୌସୁମୀ ଏବଂ ଖରିଫ ଫସଲ ଭଲ ଉତ୍ପାଦନର ଆକଳନ ହେତୁ ଖାଦ୍ୟ ମୁଦ୍ରାସ୍ଫୀତି ହ୍ରାସ ପାଇପାରେ ବୋଲି ସେ ଆଶା ପ୍ରକଟ କରିଛନ୍ତି।

ଆରବିଆଇ ଗଭର୍ଣ୍ଣର କହିଛନ୍ତି, ମୁଦ୍ରାସ୍ଫୀତି ହ୍ରାସ ପାଉଛି । କିନ୍ତୁ ଏହାର ଗତି ଧୀର ରହିଛି। ୪ ପ୍ରତିଶତ ମୁଦ୍ରାସ୍ଫୀତି ହାରର ଲକ୍ଷ୍ୟ ଏପର୍ଯ୍ୟନ୍ତ ବହୁତ ଦୂରରେ। ଏଭଳି ପରିସ୍ଥିତିରେ ମୁଦ୍ରାସ୍ଫୀତି ଉପରେ ନଜର ରଖିବାକୁ ପଡ଼ିବ ଏବଂ ଖାଦ୍ୟ ମୁଦ୍ରାସ୍ଫୀତିର ପ୍ରଭାବକୁ ଏଡ଼ାଇବାକୁ ପଡ଼ିବ।

## ହୃଦୟ କୁମାର ଦାସଙ୍କୁ ...

୯ ରାତି ୧୦ଦିନ ସମୟ ନେଇଥିଲା। ହୃଦୟ କୁମାର ଦାସ ତାଙ୍କର ପୂର୍ବ ଇନ୍‌ଭେଷ୍ଟିଗେସନ ପଥର ଏବଂ ବାଲି ଖନନ, ଇସ୍ପାତ କାରବାର, ଆଇଏସ୍ କୋଚିଂ ସେଣ୍ଟର, ବିଲ୍ଡର୍ସ, ଓଡ଼ିଶାର କଣ୍ଟ୍ରାକ୍ଟରଙ୍କ ପାଇଁ ବେଶ ଜଣାଶୁଣା। ତାଙ୍କର ଏହି ରେଡ୍ ଓଡ଼ିଶାର ୯୦ ପ୍ରତିଶତ ଭୌଗୋଳିକ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରିଥିଲା।

## ମୁଖ୍ୟ ବିଚାରପତିଙ୍କ ...

ମନ୍ତ୍ରୀ କହୁଛନ୍ତି ଯେ ସେ ଆମ ନେତାଙ୍କ ବିରୋଧରେ କହୁଥିବା ଲୋକଙ୍କ ଆଙ୍ଗୁଠି କାଟିବେ।

ଏହା ଉପରେ ଓକିଲ କପିଲ ଶିବଲ କହିଛନ୍ତି ଯେ ବିରୋଧୀ ଦଳର ନେତାମାନେ ମଧ୍ୟ ଗୁଳି ଚଳାଇବା କଥା କହୁଛନ୍ତି। ତେବେ ସିଜେଆଇ ଡିୱାଇ ଚନ୍ଦ୍ରଚୂଡ଼ ଡାକ୍ତରମାନଙ୍କୁ ନିବେଦନ କରି କହିଥିଲେ ଯେ ଆମେ ସମସ୍ତ ପ୍ରକାର ସୁରକ୍ଷା ଯୋଗାଇବୁ, ତୁମେ କାମକୁ ଫେରିବା ଉଚିତ। ସିଜେଆଇ କହିଛନ୍ତି, ନ୍ୟାୟ ଏବଂ ଚିକିତ୍ସା ବନ୍ଦ ହୋଇପାରିବ ନାହିଁ । ଆମେ ମଧ୍ୟ କାର୍ଯ୍ୟ ଛାଡି ସୁପ୍ରିମକୋର୍ଟ ବାହାରେ ବସିପାରିବୁ କି? ଏମ୍ସ ଡାକ୍ତରମାନେ ୧୩ ଦିନ ହେଲା କାମକୁ ଆସୁନାହାନ୍ତି ଏହା ଠିକ ନୁହେଁ । କାରଣ ରୋଗୀମାନେ ଦୂରଦୂରାନ୍ତରରୁ ଆସୁଛନ୍ତି । ସିଜେଆଇ କହିଛନ୍ତି, ଡାକ୍ତରଙ୍କ ସୁରକ୍ଷା ପାଇଁ ଆମେ ଏକ ଜାତୀୟ ଟାସ୍କଫୋର୍ସ ଗଠନ କରିଛୁ । ଗତ ଶୁଣାଣିରେ ଆମେ ରାଜ୍ୟ ସରକାରଙ୍କୁ ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ ଉପରେ ବଳ ପ୍ରୟୋଗ ନକରିବାକୁ କହିଥିଲୁ। ଆମେ ଏହା ସ୍ପଷ୍ଟ କରିବାକୁ ଚାହୁଁଛୁ ଯେ ଆମେ ବିରୋଧର ଅନୁମତି କିମ୍ବା ପ୍ରତ୍ୟାଖ୍ୟାନ କରିବାର ରାଜ୍ୟ ଅଧିକାରକୁ ସମାପ୍ତ କରିନାହୁଁ।

# ପୋଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ସହ ନରେନ୍ଦ୍ର ମୋଦିଙ୍କ ଆଲୋଚନା

**ନୂଆଦିଲ୍ଲୀ,**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ୱାର୍ସଠାରେ ପୋଲାଣ୍ଡ ଗଣତନ୍ତ୍ରର ପ୍ରଧାନମନ୍ତ୍ରୀ ମହାମହିମ ଶ୍ରୀ ଡୋନାଲ୍ଡ ଟସ୍କଙ୍କୁ ସାକ୍ଷାତ କରିଛନ୍ତି । ଫେଡେରାଲ ଚାନ୍ସଲରୀରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ଦୁଇ ନେତା ସୀମିତ ଏବଂ ପ୍ରତିନିଧି ସ୍ତରୀୟ ଆଲୋଚନା କରିଥିଲେ। ଭାରତ-ପୋଲାଣ୍ଡ ସମ୍ପର୍କର ଗୁରୁତ୍ୱକୁ ଦୃଷ୍ଟିରେ ରଖି ନେତାମାନେ ଏହି ସମ୍ପର୍କକୁ 'ରଣନୈତିକ ଭାଗିଦାରୀ'ରେ ପରିଣତ କରିବାକୁ ନିଷ୍ପତ୍ତି ନେଇଥିଲେ। ବାଣିଜ୍ୟ ଓ ପୁଞ୍ଜିନିବେଶ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଓ ନିରାପତ୍ତା, ସାଂସ୍କୃତିକ ସହଯୋଗ ଏବଂ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ସମେତ ଦ୍ୱିପାକ୍ଷିକ ଭାଗିଦାରୀର ବିଭିନ୍ନ ଦିଗ ଉପରେ ସେମାନେ ବିସ୍ତୃତ ଆଲୋଚନା କରିଥିଲେ । ଖାଦ୍ୟ ପ୍ରକ୍ରିୟାକରଣ, ସହରାଞ୍ଚଳ ଭିତ୍ତିଭୂମି, ଜଳ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ବୈଦ୍ୟୁତିକ ଯାନ, ସବୁଜ ହାଇଡ୍ରୋଜେନ, ଅକ୍ଷୟ ଶକ୍ତି, ଏଆଇ, ଖଣି ଏବଂ ସ୍ୱଚ୍ଛ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଅର୍ଥନୈତିକ ଏବଂ ବ୍ୟବସାୟିକ ସହଯୋଗ ପାଇଁ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ରହିଛି ବୋଲି ଦୁଇ ନେତା ସହମତ ହୋଇଥିଲେ । ଲୋକମାନଙ୍କ ମଧ୍ୟରେ ସମ୍ପର୍କ ଏବଂ ସାଂସ୍କୃତିକ ସମ୍ପର୍କକୁ ଗଭୀର କରିବା ଉପରେ ନେତାମାନେ ଗୁରୁତ୍ୱାରୋପ କରିଥିଲେ । ଏହି ପରିପ୍ରେକ୍ଷୀରେ ସେମାନେ ଜାମନଗରର ମହାରାଜା ଏବଂ କୋହ୍ଲାପୁରର ରାଜ ପରିବାରର ଉଦାରତା ଆଧାରରେ ଦୁଇ ଦେଶ ମଧ୍ୟରେ ସ୍ଥାପିତ ଅନନ୍ୟ ବନ୍ଧନ ଉପରେ ଆଲୋକପାତ କରିଥିଲେ । ୟୁକ୍ରେନ୍ ଏବଂ ପଶ୍ଚିମ ଏସିଆରେ ସଂଘର୍ଷ ସମେତ ପାରସ୍ପରିକ ସ୍ୱାର୍ଥସମ୍ପନ୍ନ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ନେତାମାନେ ଆଲୋଚନା କରିଥିଲେ। ମିଳିତ ଜାତିସଂଘ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତିକ ଅନୁଷ୍ଠାନର ସଂସ୍କାର, ଜଳବାୟୁ ପରିବର୍ତ୍ତନ କାର୍ଯ୍ୟାନୁଷ୍ଠାନ ଏବଂ ଆତଙ୍କବାଦ ଦ୍ୱାରା ସୃଷ୍ଟି ହୋଇଥିବା ବିପଦ ଉପରେ ସେମାନେ ମତ ବିନିମୟ କରିଥିଲେ । ବୈଠକ ପରେ ଭାରତ-ପୋଲାଣ୍ଡ ରଣନୈତିକ ଭାଗିଦାରୀକୁ କାର୍ଯ୍ୟକାରୀ କରିବା ପାଇଁ ଏକ ମିଳିତ ବିବୃତି ଏବଂ ଏକ କାର୍ଯ୍ୟ ଯୋଜନା (୨୦୨୪-୨୦୨୮) ଜାରି କରାଯାଇଥିଲା ।

# ଆସନ୍ତା ୧ରୁ ବିଜେପିର ସଦସ୍ୟତା ଅଭିଯାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜେପିର ଆରମ୍ଭ ହେବ ସଦସ୍ୟତା ଅଭିଯାନ । ସମଗ୍ର ଦେଶ ସମେତ ଓଡିଶାରେ ମଧ୍ୟ ବିଜେପିର ସଦ୍ୟସତା ଅଭିଯାନ ଆହୁରି ଆଗକୁ ନେବା ଏବଂ ନୂଆ ସଦସ୍ୟମାନଙ୍କୁ ଦଳରେ ସାମିଲ କରିବା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ପ୍ରଥମେ ରାଜ୍ୟ, ଜିଲ୍ଲା, ମଣ୍ଡଳ ଓ ବୁଥ ସ୍ତରରେ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ହେବ ସ୍ୱତନ୍ତ୍ର କର୍ମଶାଳା। ଆସନ୍ତା କାଲି ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହେବ ଏବଂ ରାଜ୍ୟର ସମସ୍ତ ସାଂସଦ, ବିଧାୟକ, ପଦାଧିକାରୀ, ଜିଲ୍ଲା ସଭାପତି, ସାଧାରଣ ସଂପାଦକ, ପ୍ରଭାରୀ ଏବଂ ସଦସ୍ୟତା କମିଟିର ସଦସ୍ୟମାନେ ଉପସ୍ଥିତ ରହିବେ । ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଶ୍ରୀମତୀ ପ୍ରଭାତୀ ପରିଡା, ରାଷ୍ଟ୍ରୀୟ ସଦସ୍ୟତା ଅଭିଯାନ ଟୋଲିର ସଦସ୍ୟ ଋତୁରାଜ ସିହ୍ନା, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ଏବଂ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି ପ୍ରମୁଖ ଉପସ୍ଥିତ ରହି ମାର୍ଗଦର୍ଶନ କରିବେ । ସେହିପରି ସଦସ୍ୟତା ଅଭିଯାନ ପାଇଁ ଆସନ୍ତା ୨୨, ୨୩ ଓ ୨୪ରେ ଜିଲ୍ଲାସ୍ତରୀୟ ଏବଂ ୨୫, ୨୬ ଓ ୨୭ ତାରିଖରେ ମଣ୍ଡଳସ୍ତରୀୟ କର୍ମଶାଳା ଅନୁଷ୍ଠିତ ହେବ । ଆସନ୍ତା ୩୧ ତାରିଖ ସୁଦ୍ଧା ବୁଥସ୍ତରୀୟ କର୍ମଶାଳା ସମାପ୍ତ ହେବ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସୁଚନା ଦେଇଛନ୍ତି। ସର୍ବଭାରତୀୟ ସଦସ୍ୟତା ଅଭିଯାନ ପାଇଁ ଗତ ୧୭ ଓ ୧୮ ତାରିଖ ଦିନ ଦିଲ୍ଲୀଠାରେ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ସେପ୍ଟେମ୍ବର ୧ ତାରିଖ ଦିନ ରାଷ୍ଟ୍ରୀୟସ୍ତରରେ ସଦସ୍ୟତା ଅଭିଯାନର ଶୁଭାରମ୍ଭ ହେବ । ସର୍ବପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ସଦସ୍ୟତା ଗ୍ରହଣ କରିବା ପରେ ଦେଶବ୍ୟାପୀ ଆରମ୍ଭ ହେବ ସଦସ୍ୟତା ଅଭିଯାନ ।

# ଖୋଲିଲା ହୀରାକୁଦ ଜଳଭଣ୍ଡାରର ୬ ସ୍ଲୁଇସ୍ ଗେଟ୍

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ହୀରାକୁଦ ଜଳଭଣ୍ଡାରର ଜଳ ସ୍ତର ବୃଦ୍ଧି ପାଇଥିବାରୁ ଆଜି ଅପରାହ୍ନରେ ୬ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି । ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍‌ର ୪ଟି ଓ ଡାହାଣ ପାର୍ଶ୍ୱ ଡାଇକ୍‌ର ୨ଟି ସ୍ଲୁଇସ୍ ଗେଟ୍ ଦେଇ ହୀରାକୁଦ ଜଳଭଣ୍ଡାରରୁ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୯୮ ହଜାର ୯୦୫ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୬ଟି ସ୍ଲୁଇସ୍ ଗେଟ୍, ବିଭିନ୍ନ ସ୍ପିଲୱେ ଓ ପାୱାର ଚେନେଲ ଦେଇ ପ୍ରତି ସେକେଣ୍ଡରେ ୧ ଲକ୍ଷ ୩୨ ହଜାର ୪୩ କ୍ୟୁସେକ ଜଳ ନିଷ୍କାସନ ହେଉଛି। ଗୁରୁବାର ସଂନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳ ପତନ ୬୨୧.୦୪ ଫୁଟ୍ ରହିଛି। ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ।


# କେନ୍ଦ୍ରାପଡ଼ା ଜିଲ୍ଲାପରିଷଦ ଅଧ୍ୟକ୍ଷ ପଦ ବଜାୟ ରଖିଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାପରିଷଦ ଅଧ୍ୟକ୍ଷ ପଦ ବଜାୟ ରଖିଲା ବିଜୁ ଜନତା ଦଳ । ଆଜି ଅନୁଷ୍ଠିତ ନିର୍ବାଚନରେ କେନ୍ଦ୍ରାପଡ଼ା ଜିଲ୍ଲାପରିଷଦର ଅଧ୍ୟକ୍ଷା ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ଶ୍ରୀମତି ଲିଲିତା ଦାସ, ନବୀନ ନିବାସକୁ ଆସି ବିଜୁ ଜନତା ଦଳ ସଭାପତି ତଥା ବିରୋଧିଦଳ ନେତା ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଶୀର୍ବାଦ ନେଇଥିଲେ । ଏହି ଅବସରରେ ଶ୍ରୀ ପଟ୍ଟନାୟକ ଅଧ୍ୟକ୍ଷା ଶ୍ରୀମତୀ ଦାସଙ୍କୁ ଅଭିନନ୍ଦନ ଜଣାଇବା ସହିତ ଜିଲ୍ଲାପରିଷଦ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ସୂଚନାଯୋଗ୍ୟ ଆଜି ଅନୁଷ୍ଠିତ ନିର୍ବାଚନରେ ଶ୍ରୀମତୀ ଲିଲିତା ଦାସ ନିର୍ଦ୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ଜିଲ୍ଲାପରିଷଦର ୩୧ ଜଣ ସଦସ୍ୟଙ୍କ ମଧ୍ୟରୁ ୨୯ଜଣ ହେଉଛନ୍ତି ବିଜୁ ଜନତା ଦଳର । ଏହି ଅବସରରେ ବିରୋଧିଦଳ ନେତା ଶ୍ରୀ ପଟ୍ଟନାୟକ କହିଥିଲେ ବିଜୁ ଜନତା ଦଳ ସବୁବେଳେ ଲୋକଙ୍କ ସାଥିରେ ଅଛି। ଲୋକଙ୍କ ପାଇଁ କାମ କରୁଛି ଓ କରିଚାଲିବ । ଆପଣମାନେ ଲୋକଙ୍କ ପାଇଁ ଭଲ କାମ ଜାରି ରଖନ୍ତୁ, ମୁଁ ସବୁବେଳେ ଆପଣମାନଙ୍କ ସାଥିରେ ଅଛି । ଏହି ସାକ୍ଷାତ ସମୟରେ ବିଧାୟକ ପ୍ରତାପ ଦେବ, ବିଧାୟକ ଧ୍ରୁବ ସାହୁ, ବିଧାୟକ ଅରବିନ୍ଦ ମହାପାତ୍ର, ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଙ୍କ ସମେତ କେନ୍ଦ୍ରାପଡ଼ା ଜିଲ୍ଲା ବିଜୁ ଜନତା ଦଳର ଅନେକ କର୍ମୀ ଉପସ୍ଥିତ ଥିଲେ ।

# ସାମ୍ବାଦିକଙ୍କ ମାତୃ ବିୟୋଗ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ପୂର୍ବତନ ସୂଚନା ଅଧିକାରୀ ସ୍ୱର୍ଗୀୟ ବଂଶୀଧର ପ୍ରଧାନଙ୍କ ସହଧର୍ମିଣୀ ତଥା ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ପ୍ରଧାନଙ୍କ ମାତା ଚାରୁଲତା ପ୍ରଧାନଙ୍କର ଗତ ରବିବାର (୧୮ ତାରିଖ) ଅପରାହ୍ନ ୩ଟା ସମୟରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। କିଛିଦିନ ଧରି ଅସୁସ୍ଥ ଥିବା ଚାରୁଲତାଙ୍କୁ ଚିକିତ୍ସା ପାଇଁ କର କ୍ଲିନିକ୍‌ରେ ଭର୍ତ୍ତି କରାଯାଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁତ୍ର ସଂଜୟ ପ୍ରଧାନ, ବିଜୟ ପ୍ରଧାନ, ଅଜୟ ପ୍ରଧାନ, ଝିଅ ମଞ୍ଜୁଲତା ବିଶ୍ୱାଳ, ଜ୍ୱାଇଁ ମଦନମୋହନ ବିଶ୍ୱାଳ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସେଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ସଂଜୟ ଅସୁସ୍ଥ ଥିବାରୁ କନିଷ୍ଠପୁତ୍ର ଅଜୟ ପ୍ରଧାନ ମୁଖାଗ୍ନି ଦେଇଥିଲେ।

ଚାରୁଲତା ଜଣେ ଅତ୍ୟନ୍ତ ଅମାୟିକ, ସରଳ ଓ ନମ୍ର ସ୍ୱଭାବର ଆଦର୍ଶ ସୁଗୃହିଣୀ ଭାବେ ପରିଚିତ ଥିଲେ। ସେହିପରି ହିନ୍ଦୁ ସଂସ୍କୃତି, ପରମ୍ପରା ଓ ଆଧ୍ୟାତ୍ମିକ ଚେତନାର ପ୍ରଚାରରେ ମଧ୍ୟ ସେ ନିଜକୁ ସମର୍ପିତ କରିଥିଲେ।

**ଦକ୍ଷିଣପୂର୍ବ ମଧ୍ୟ ରେଲୱେ**

**ବିବିଧ କାର୍ଯ୍ୟ ହେତୁ ଟେଣ୍ଡର ସୂଚନା।**

ଟେଣ୍ଡର ସୂଚନା ସଂ: ଟିଆରଏସ-ବିଏସପି-2024-25-1
ତାରିଖ : 14.08.2024

**କାର୍ଯ୍ୟର ନାମ** – ତିନି ଫେଜ୍ ବାଲା ଲୋକୋମୋଟିଭର ମେସର୍ସ ଏଲ୍‌ଗି ମେକ୍ କମ୍ପ୍ରେସର ମଡ୍ଲେ ନମ୍ବର ଆରଆର 20100 ଓ ଆରଆର 20100 ସିଜି (ଏମ), ମାତ୍ରା : 72 ନମ୍ବରର ଓଇଏମ (ବା) ଓଇଏମର ଅଧିକୃତ ଡିଲର ମାଧ୍ୟମରେ ଦୁଇ ବର୍ଷ ନିମନ୍ତେ ଆଉଟ ସୋର୍ସିଂ ଦ୍ୱାରା ଓଭରହାଲିଙ୍ଗର କାର୍ଯ୍ୟ।

**ଅନୁମାନିତ ଖର୍ଚ୍ଚ : ₹1,24 ,81 ,696.94/-,**
**ସିକ୍ୟୁରିଟି ଜମା ରାଶି : ₹2,12 ,400.00/-,**
**ଟେଣ୍ଡର ଜମା କରିବାର ସମୟ : ତାରିଖ : 09.09.2024** ସମୟ 15.00ଟା ପର୍ଯ୍ୟନ୍ତ।

ବିସ୍ତୃତ ବିବରଣୀ, ପାତ୍ରତାର ମାପଦଣ୍ଡ ତଥା ଅନ୍ୟ ବିସ୍ତୃତ ବିବରଣ ହେତୁ ବରିଷ୍ଠ ମଣ୍ଡଳ ବିଦ୍ୟୁତ ଅଭିଯନ୍ତା (ଟିଆରଏସ/ବିଳାସପୁର)ର କାର୍ଯ୍ୟାଳୟ ସହିତ ସମ୍ପର୍କ କରନ୍ତୁ କିମ୍ବା ଟେଣ୍ଡର କାଗଜପତ୍ର ଯାହା ଆମର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ, ତାକୁ ଡାଉନଲୋଡ୍ କରି / ଦେଖି ପାରନ୍ତି।

**ସିନିୟର ଡିଭିଜନ ଇଲେକ୍ଟ୍ରି. ଇଞ୍ଜିନିୟର (ଟି.ଆର.ଏସ.)**
**ଦ.ପୂ.ମ. ରେଲୱେ, ବିଳାସପୁର**

CPR/10/199
South East Central Railway @secrail

**ଦକ୍ଷିଣପୂର୍ବ ମଧ୍ୟ ରେଲୱେ**

ଇ-ଟେଣ୍ଡର ସୂଚନା କ୍ରମାଙ୍କ : ଏନଆଇଟି /11/24/22, ତାରିଖ : 16.08.2024

**ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ / ଦକ୍ଷିଣ ପୂର୍ବ ମଧ୍ୟ ରେଲବାଇ ବିଳାସପୁର ଡିଭିଜନ ନିମ୍ନଲିଖିତ ସାମଗ୍ରୀ ନିମନ୍ତେ ଇ-ଟେଣ୍ଡର ଆମନ୍ତ୍ରିତ କରୁଛି।**

| କ୍ରମାଙ୍କ | ଟେଣ୍ଡର ସଂଖ୍ୟା | ଟେଣ୍ଡର ଖୋଲିବାର ତାରିଖ | ଟେଣ୍ଡର ଖୋଲିବାର ସମୟ | ଟେଣ୍ଡର ମୂଲ୍ୟ (₹) | ପ୍ରତିଭୂତି ଜମା ରାଶି (₹) |
|---|---|---|---|---|---|
| 1 | 11235983 | 17.09.2024 | 10.30 | 00 | 101940/- |

**ବିବରଣ** : 200 ବିଏ ସିଙ୍ଗଲ ଫେଜ୍, ଏଚ୍ କ୍ଲାସ୍ ଇନ୍ସୁଲେସନ 6 କେଭି, 750/415 ବି କଣ୍ଟ୍ରୋଲ ଟ୍ରାନ୍ସଫର୍ମର (ପ୍ରାଥମିକ ଅନୁମୋଦିତ ନିର୍ମାଣ ନିମନ୍ତେ ଫ୍ୟୁଜ୍ ବେସ୍ ସହିତ 2 ଏ, 1.2 କେଭି ଫ୍ୟୁଜ୍ ଲିଙ୍କ୍ ଓ ଦ୍ୱିତୀୟ ଅନୁମୋଦିତ ନିର୍ମାଣ ନିମନ୍ତେ ଫ୍ୟୁଜ୍ ବେସ୍ ସହିତ 2ଏ, 500ଭି ଫ୍ୟୁଜ ଲିଙ୍କ ବିଧିବଦ୍ଧଫିଟ୍ କରାଯିବ)ର ଯୋଗାଣ ପ୍ରଦାନ କରିବା, ପରୀକ୍ଷଣ ଓ କମିଶନିଂ। ଆରଡିଏସଓ ବିଶିଷ୍ଟତା ସଂ.- ଆରଡିଏସ୍‌ଓ / ପିଇ / ସ୍ପେକ୍ / ଏସି / 0203-2020 (ରେଭ.0) ଅନୁସାରେ କଣ୍ଟ୍ରୋଲ ଟ୍ରାନ୍ସଫର୍ମର ନିମନ୍ତେ (ବିବରଣୀ ସଂଲଗ୍ନ ବିଶିଷ୍ଟତା ଅନୁସାରେ)।

ଟେଣ୍ଡରକର୍ତ୍ତା ଦୟାକରି ଆମର ୱେବସାଇଟ https://www/irps.gov.in କୁ ଯାଆନ୍ତୁ।

**ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର**
**ଦ.ପୂ.ମ ରେଲୱେ, ବିଳାସପୁର**

CPR/10/FL/201
South East Central Railway @secrail

ଭୁବନେଶ୍ୱର
୨୩ ଅଗଷ୍ଟ
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଧରଣୀଧର ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨/୮
ନ୍ୟୁଜ ବ୍ୟୁରୋ




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସଭା ଭବନ ଠାରେ ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝରର ଭିତ୍ତିଭୂମି ବିକାଶ, ମାନବ ସମ୍ବଳର ନିଯୁକ୍ତି ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଛନ୍ତି ।

୨୦୨୩ ଫେବୃୟାରୀରେ ଧରଣୀଧର ମହାବିଦ୍ୟାଳୟ ବିଶ୍ୱ ବିଦ୍ୟାଳୟ ଭାବେ ଉନ୍ନୀତ ହୋଇଛି । ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ସଂପ୍ରତି ଜିଲ୍ଲାର ୩୮ଟି କଲେଜ ଅନୁବନ୍ଧିତ ରହିଛି । କିନ୍ତୁ ବିଶ୍ୱବିଦ୍ୟାଳୟ ଭାବେ ଯେଉଁସବୁ ମୌଳିକ ସୁବିଧା ସୁଯୋଗ ଓ ଉନ୍ନତି ହେବା କଥା, ତାହା ଅଦ୍ୟାବଧି ହୋଇପାରିନାହିଁ । ଆଗାମୀ ଦୁଇ ବର୍ଷ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟକୁ ସ୍ୱୟଂସମ୍ପୂର୍ଣ୍ଣ କରିବା ପାଇଁ ଯାହାସବୁ ଆବଶ୍ୟକତା ରହିଛି, ତାକୁ ଯଥାଶୀଘ୍ର ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସଂପୃକ୍ତ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ନୂତନଭାବେ ନିର୍ମିତ ହୋଇଥିବା ବିଶ୍ୱବିଦ୍ୟାଳୟର ସାଉଥ ବ୍ଲକର ଆସବାବପତ୍ର ପାଇଁ ଏବଂ ନର୍ଥ ବ୍ଲକ୍‌ର ନବୀକରଣ ପାଇଁ ଆବଶ୍ୟକୀୟ ଅର୍ଥ ଜିଲ୍ଲା ଖଣିଜ ପାଣ୍ଠିରୁ ଏବଂ ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମପାଣ୍ଠିରୁ ବିନିଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ନବୀକରଣ ନିହାତି ଆବଶ୍ୟକ ନଥିଲେ, ପୁରାତନ କୋଠାକୁ ନ ଭାଙ୍ଗିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏସବୁ କାମ ପାଇଁ ଏକ ବିଶ୍ୱସ୍ତରୀୟ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ କହିଥିଲେ । ନବୀକରଣ ପାଇଁ ଆବଶ୍ୟକ ହେଉଥିବା ଜମି ପାଇଁ ଜବରଦଖଲ ହଟାଇବା ସହ ସେମାନଙ୍କର ଥଇଥାନ ବ୍ୟବସ୍ଥାକୁ ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ । ନିର୍ମାଣାଧୀନ ସାଉଥ ବ୍ଲକ୍‌ର ସମସ୍ତ କାର୍ଯ୍ୟ ବିଶ୍ୱସ୍ତରୀୟ କରିବା ପାଇଁ ଶ୍ରୀ ମାଝୀ ଇଡ୍‌କୋକୁ ନିର୍ଦ୍ଦେଶ ଦେଇଥିଲେ । ଛାତ୍ରାବାସ ଗୁଡିକ ବହୁତ ପୁରୁଣା ହୋଇ ଶୋଚନୀୟ ଅବସ୍ଥାରେ ରହିଛି । ତେଣୁ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୬ ମହଲା ବିଶିଷ୍ଟ ୬ଟି ହଷ୍ଟେଲ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ବିଶ୍ୱବିଦ୍ୟାଳୟ ପାଇଁ ଯଥାଶୀଘ୍ର ପରୀକ୍ଷା ନିୟନ୍ତ୍ରକ, ରେଜିଷ୍ଟ୍ରାର ଓ ବିତ୍ତ ନିୟନ୍ତ୍ରକ ପଦବୀ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ଭବିଷ୍ୟତକୁ ଆଖି ଆଗରେ ରଖି ବିଶ୍ୱବିଦ୍ୟାଳୟ ପାଇଁ ଅଧିକ ଜମି ବନ୍ଦୋବସ୍ତ କରିବା ପାଇଁ ସେ ଜିଲ୍ଲାପାଳଙ୍କୁ କହିଥିଲେ । ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଉଚ୍ଚଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ପ୍ରତାପ କୁମାର ମହାନ୍ତି ଏବଂ ଆଭାସି ମାଧ୍ୟମରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀମନ୍ଦିରରେ ଭକ୍ତଙ୍କ ସୁରକ୍ଷା ପାଇଁ ଗଠନ ହେବ ସ୍ୱତନ୍ତ୍ର ବାଟାଲିୟନ



ଭୁବନେଶ୍ୱର, ୨୨/୮
ନ୍ୟୁଜ ବ୍ୟୁରୋ

ପୁରୀ ଶ୍ରୀମନ୍ଦିରରେ ଦିନକୁ ଦିନ ବଢୁଛି ଶ୍ରଦ୍ଧାଳୁଙ୍କ ଭିଡ଼ । ନିୟନ୍ତ୍ରଣ ଓ ସୁରକ୍ଷା ନେଇ ସ୍ୱତନ୍ତ୍ର ସୁରକ୍ଷା ବାଟାଲିୟନର ଆବଶ୍ୟକତା ରହିଛି । ଯାହାକୁ ନେଇ ପୂର୍ବ ସରକାର ନିଷ୍ପତ୍ତି ନେଇ ଏହାକୁ କାର୍ଯ୍ୟକାରୀ ପାଇଁ ଅନୁମୋଦନ କରିଥିଲେ । ଆବଶ୍ୟକତାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଉଛି । ପୁରୀ ଏସ୍‌ପି ଏନେଇ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରୁଥିବା ସୂଚନା ମିଳିଛି । ଭିଡ଼ ନିୟନ୍ତ୍ରଣ କରିବ ସ୍ୱତନ୍ତ୍ର ବାଟାଲିୟନ । ଦର୍ଶନ ବ୍ୟବସ୍ଥାରେ ଆସିବ ସୁଧାର । ଶ୍ରୀମନ୍ଦିରକୁ ଜଗିବେ ସ୍ପେଶାଲ ସ୍କ୍ୱାଡ । ପୁରୀ ଶ୍ରୀମନ୍ଦିରରେ ଭିଡ଼ ନିୟନ୍ତ୍ରଣ ସହ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଓ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ବ୍ୟାପକ ମାତ୍ରାରେ ସୁରକ୍ଷା କର୍ମୀ ନିୟୋଜିତ ହେବାର ଆବଶ୍ୟକତା ରହିଛି । ଆବଶ୍ୟକତାକୁ ନେଇ ପୂର୍ବ ନବୀନ ସରକାର ପୁରୀ ଶ୍ରୀମନ୍ଦିରରେ ଏକ ସ୍ୱତନ୍ତ୍ର ସୁରକ୍ଷା ବାଟାଲିୟନ ଗଠନ କରିବାକୁ ଅନୁମୋଦନ କରିଥିଲେ । ବାଟାଲିୟନର ଆବଶ୍ୟକତା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ଅନୁରୋଧ ରହିଛି । ଏହାର କାର୍ଯ୍ୟକାରିତା ପାଇଁ ବର୍ତ୍ତମାନର ସରକାର ତୁରନ୍ତ ପଦକ୍ଷେପ ନେବା ପାଇଁ ଚେଷ୍ଟା କରାଯାଉଥିବା କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ପ୍ରାୟ ୧ ହଜାର ସୁରକ୍ଷା କର୍ମୀକୁ ନେଇ ସ୍ୱତନ୍ତ୍ର ବାଟାଲିୟନ ଗଠନ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ଶ୍ରୀମନ୍ଦିର ଭିତରେ, ବାହାରେ ତଥା ପରିକ୍ରମା ପ୍ରକଳ୍ପରେ ଏହି ବାଟାଲିୟନ ନିୟୋଜିତ ହେବେ । ଶ୍ରୀମନ୍ଦିର ସୁରକ୍ଷା ନେଇ ଜାତୀୟ ନିରାପତ୍ତା ସଂସ୍ଥା ସହ ଗୁଇନ୍ଦା ବିଭାଗର ପରାମର୍ଶକୁ ନଜରରେ ରଖି ବାଟାଲିୟନ ପ୍ରତିଷ୍ଠାର ଆବଶ୍ୟକତା ରହିଛି । ଏହି ଆବଶ୍ୟକତାକୁ ପୂର୍ଣ୍ଣ କରିବା ନେଇ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବା ନେଇ ଶୀଘ୍ର ନିଷ୍ପତ୍ତି ନିଆଯିବାକୁ ଲକ୍ଷ୍ୟ ରଖାଯାଇଛି । ଏ ନେଇ ପୋଲିସ ଡିଜିଙ୍କ ନିର୍ଦ୍ଦେଶରେ ବାଟାଲିୟନ ଗଠନ ନେଇ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରାଯାଉଥିବା ପୁରୀ ଏସ୍‌ପି କହିଛନ୍ତି । ସ୍ୱତନ୍ତ୍ର ବାଟାଲିୟନ ଗଠନ ଫଳରେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଅଧିକ ମଜବୁତ ହେବା ସହ ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ ହେବ ବୋଲି ଆଶା କରାଯାଉଛି ।

## ନବୀନ ନିବାସରେ ଭାରତୀୟ ହକି ଦଳ

# କୋଣାର୍କ ଚକ୍ର ଦେଇ ସମ୍ବର୍ଦ୍ଧିତ କଲେ ନବୀନ



ଭୁବନେଶ୍ୱର ୨୨/୮
ନ୍ୟୁଜ ବ୍ୟୁରୋ

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛି ଭାରତୀୟ ହକି ଦଳ । ଭାରତୀୟ ହକି ଖେଳାଳିମାନେ ନବୀନ ନିବାସ ଯାଇ ନବୀନଙ୍କୁ ଭେଟିବା ସହ ଧନ୍ୟବାଦ ଜଣାଇଛନ୍ତି । ଓଡ଼ିଶାର ସହଯୋଗ ଯୋଗୁଁ ଭାରତୀୟ ହକି ହୃତ ଗୌରବ ଫେରିପାଇଛି ବୋଲି ଖେଳାଳି କହିଛନ୍ତି । ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଦେଶର ଗୌରବକୁ ଆହୁରି ଉଚ୍ଚକୁ ନେବା ପାଇଁ ଖେଳାଳିଙ୍କୁ ନବୀନ ପରାମର୍ଶ ଦେଇଛନ୍ତି । ଆଗାମୀ ଅଲମ୍ପିକରେ ଦଳ ପାଖରୁ ସୁନା ପଦକ ଆଶା ରଖିଛନ୍ତି ନବୀନ । ନବୀନ ନିବାସରେ ଅଲମ୍ପିକ ବିଜୟୀ ଭାରତୀୟ ହକି ଦଳ । ଅଲିମ୍ପିକରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ହକି ଦଳ ଗୁରୁବାର ନବୀନ ନିବାସ ଯାଇଛନ୍ତି । 'ହକି ଇଣ୍ଡିଆ' ସଭାପତି ଦିଲୀପ ତିର୍କୀଙ୍କ ନେତୃତ୍ୱରେ ଖେଳାଳି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି । ନବୀନ ଖେଳାଳିଙ୍କୁ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଏହା ସହ ଆଗାମୀ ଦିନରେ ଦେଶର ଗୌରବକୁ ଆହୁରି ଉଚ୍ଚାକୁ ନେବା ପାଇଁ କାମ ଜାରି ରଖିବା ପାଇଁ ଖେଳାଳିମାନଙ୍କୁ ପରାମର୍ଶ ଦେଇଛନ୍ତି । ଆଗାମୀ ଅଲମ୍ପିକରେ ଭାରତୀୟ ହକି ଦଳଠୁ ସୁନା ପଦକ ଆଶା ରଖିଛନ୍ତି ବୋଲି ନବୀନ କହିଛନ୍ତି । ବିରୋଧୀ ଦଳ ନେତା ଖେଳାଳୀମାନଙ୍କୁ ଉପାୟନ ଓ ରୁପା ତାରକସିର କୋଣାର୍କ ଚକ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ଖେଳାଳିମାନେ ସେମାନଙ୍କ ସ୍ୱାକ୍ଷର ସମ୍ବଳିତ ଜର୍ସି ନବୀନଙ୍କୁ ପ୍ରଦାନ କରିଛନ୍ତି । ସମ୍ବର୍ଦ୍ଧନାର ଉତ୍ତର ଦେଇ ଖେଳାଳିମାନେ କହିଛନ୍ତି, ଭାରତୀୟ ହକି ଦଳ ସବୁବେଳେ ଓଡ଼ିଶା ତଥା ଓଡ଼ିଶାବାସୀଙ୍କ ନିକଟରେ ସେମାନଙ୍କ ସହଯୋଗ ଓ ସମର୍ଥନ ପାଇଁ କୃତଜ୍ଞ ରହିବ । ଯେତେବେଳେ ହକି ପାଇଁ କେହି ପ୍ରଯୋଜକ ଆଗେଇ ଆସି ନଥିଲେ ସେତେବେଳେ ନବୀନ ପଟ୍ଟନାୟକ ଏକ ଐତିହାସିକ ନିଷ୍ପତ୍ତି ନେଇଥିଲେ । ଓଡ଼ିଶା ଭାରତୀୟ ହକି ଦଳର ପ୍ରଯୋଜକ ଦାୟିତ୍ୱ ନେଇଥିଲା । ଯାହାର ଫଳସ୍ୱରୂପ ଅଲମ୍ପିକରେ ଭାରତୀୟ ହକି ଦଳ ଲଗାତାର ଦୁଇ ଥର ପଦକ ଜିତିବାରେ ସଫଳ ହୋଇ ପାରିଛି । ଓଡ଼ିଶା ବାସୀଙ୍କ ସମର୍ଥନ ଯୋଗୁଁ ଭାରତୀୟ ହକି ତା'ର ହୃତ ଗୌରବ ଫେରି ପାଇଛି । ତେଣୁ ନବୀନଙ୍କୁ ଖେଳାଳି ଧନ୍ୟବାଦ ଜଣାଇଛନ୍ତି ।

# ଗିନି ନ୍ୟାସ୍‌ନାଲ୍ କାଉନ୍‌ସିଲ୍ ଟ୍ରାଞ୍ଜିସନ୍ ପ୍ରେସିଡେଣ୍ଟଙ୍କ ବରିଷ୍ଠ ପରାମର୍ଶଦାତା ହେଲେ ଡ. ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର, ୨୨ ।୦୮ ନ୍ୟୁଜ ବ୍ୟୁରୋ



ଶିକ୍ଷାବିତ୍ ତଥା ସମାଜସେବୀ ଡ. ଅଚ୍ୟୁତ ସାମନ୍ତଙ୍କୁ ଗିନି ନ୍ୟାସ୍‌ନାଲ୍ କାଉନ୍‌ସିଲ୍ ଟ୍ରାଞ୍ଜିସନ୍ (ସିଏନ୍‌ଟି) ପ୍ରେସିଡେଣ୍ଟଙ୍କ ବରିଷ୍ଠ ପରାମର୍ଶଦାତା ଘୋଷଣା କରାଯାଇଛି । ଗିନିର ଏନ୍‌ସିଟି କ୍ୟାବିନେଟ୍‌ରେ ଏନେଇ ପ୍ରସ୍ତାବ ମଞ୍ଜୁର ହେବା ପରେ ଏହା ଘୋଷଣା କରାଯାଇଛି । ଚଳିତବର୍ଷ ଜାନୁଆରୀ ସିଏନ୍‌ଟିର ପ୍ରେସିଡେଣ୍ଟ ଡ. ଦନଶା କୋରୋମା କିଟ୍ ଓ କିସ୍ ପରିଦର୍ଶନରେ ଆସି ଏଠାରେ ଡ. ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟ ଦେଖି ବେଶ୍ ବିମୋହିତ ହୋଇଥିଲେ । ଡ. ସାମନ୍ତଙ୍କ କାର୍ଯ୍ୟ ଦକ୍ଷତା, ସମାଜସେବା, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦୀର୍ଘ ଅଭିଜ୍ଞତା ଓ କାର୍ଯ୍ୟଧାରାରେ ସେ ପ୍ରଭାବିତ ହୋଇ ତାଙ୍କର ପରାମର୍ଶଦାତା ହେବା ପାଇଁ ଅନୁରୋଧ କରିଥିଲେ । ଡ. ସାମନ୍ତ ସମ୍ମତି ଦେବା ପରେ ସେ ଏହାକୁ କ୍ୟାବିନେଟରେ ମଞ୍ଜୁର କରାଇ ତାଙ୍କର ପରାମର୍ଶଦାତା ଘୋଷଣା କରିଛନ୍ତି । ଡ. ସାମନ୍ତ ଅବୈତନିକ ପରାମର୍ଶଦାତା ଭାବେ ଦେଶର ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ବିକାଶ ଦିଗରେ ଆବଶ୍ୟକ ପରାମର୍ଶ ଓ ସହଯୋଗ ଯୋଗାଇ ଦେବେ । ଡ. ସାମନ୍ତଙ୍କ ପ୍ରତିନିଧିଙ୍କୁ ଏ ସମ୍ପର୍କିତ ପତ୍ର ବ୍ୟକ୍ତିଗତ ଭାବେ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ନିଜର କାର୍ଯ୍ୟଦକ୍ଷତା ସକାଶେ ପୂର୍ବରୁ ଡ. ସାମନ୍ତ ମଧ୍ୟ ମଣିପୁର ସରକାରଙ୍କ ବରିଷ୍ଠ ପରାମର୍ଶଦାତା ରହିଥିଲେ । ଆଫ୍ରିକା ମହାଦେଶ ପଶ୍ଚିମାଞ୍ଚଳର ଏକ ଦେଶ ହେଉଛି ଗିନି । କୌଣସି ଦେଶର ବରିଷ୍ଠ ପରାମର୍ଶଦାତା ନିଯୁକ୍ତ ହେବାରେ ଡ. ସାମନ୍ତ ହେଉଛନ୍ତି ପ୍ରଥମ ଓଡ଼ିଆ । ଏହି ନିଯୁକ୍ତି ପାଇଁ ଡ. ସାମନ୍ତ ଗିନି ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ବିକାଶ ଦିଗରେ ଗିନି ସରକାରଙ୍କୁ ଆବଶ୍ୟକ ପରାମର୍ଶ ଓ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ପୁଣି କାଳ ସାଜିଲା ମୁକୁଳା ଡ୍ରେନ୍

ବ୍ରହ୍ମପୁର, ୨୨/୮ ନ୍ୟୁଜ ବ୍ୟୁରୋ

ପୁଣି କାଳ ସାଜିଲା ମୁକୁଳା ଡ୍ରେନ୍ । ବର୍ଷା ପାଣିର ସୁଅରେ ଭାସିଯାଇ ୧୧ ବର୍ଷର ଛାତ୍ରର ମୃତ୍ୟୁ ଘଟିଛି । ଏଭଳି ଅଭାବନୀୟ ଘଟଣା ଘଟିଛି ବ୍ରହ୍ମପୁର ବଡ଼ବଜାର ଥାନା ଲକ୍ଷ୍ମୀ ନୃସିଂହ ସାହି ୧୪ନଂ ଗଳିରେ । ମୃତ ନାବାଳକ ସାଇରାମ ପାତ୍ର । ରାତ୍ର ୮ଟା ସମୟରେ ଟ୍ୟୁସନ୍ ସାରି ଘରକୁ ଫେରୁଥିବାବେଳେ ନାଳରେ ଖସି ଭାସି ଯାଇଥିଲେ ନାବାଳକ । ଡ୍ରେନରେ ପାଣିର ସୁଅ ଏତେ ମାତ୍ରାରେ ଥିଲା ଯେ, ସେ ଚଳାଉଥିବା ସାଇକେଲ ସହ ନିଜେ ଭାସି ଯାଇଥିଲେ । ସାଇକେଲ ମିଳିଥିଲା କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପିଲାର ପତ୍ତା ମିଳିନଥିଲା । ଖବର ପାଇ ଅଗ୍ନିଶମ ଟିମ୍, ବିଏମ୍‌ସି ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜିବା ଆରମ୍ଭ କରିଥିଲେ । ଦୀର୍ଘ ୫ଘଣ୍ଟା ପରେ ଡ୍ରେନ ଶେଷ ଭାଗରେ ଥିବା ପଙ୍କରୁ ପିଲାଟିର ମୃତଦେହ ଉଦ୍ଧାର ହୋଇଥିଲା । ଘଟଣା ପରେ ବିଏମ୍‌ସିର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ୯ ମାସ ପରେ ନିଲାମ ହେବ ଏମ୍.ଭି ଦେବୀ ଜାହାଜ

# ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପ୍ରକ୍ରିୟା ଆରମ୍ଭ



କଟକ, ୨୨/୦୮ ନ୍ୟୁଜ ବ୍ୟୁରୋ

ପାରାଦ୍ୱୀପ ବନ୍ଦରରୁ ଏମ୍.ଭି ଦେବୀ ଜାହାଜରୁ ଡ୍ରଗ୍ସ କୋକେନ୍ ଜବତ ଘଟଣାରେ ଓଡ଼ିଶା ହାଇକୋର୍ଟ ରାୟ ପ୍ରକାଶ କରିଛନ୍ତି । ଜାହାଜକୁ ନିଲାମ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ଏହାର ଭାଗ୍ୟ ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି । ରାୟକୁ ନେଇ ଜାହାଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ୯ ମାସ ତଳେ ୨୦୦ କୋଟି ଟଙ୍କାର ନିଷିଦ୍ଧ ଡ୍ରଗ୍ସ କୋକେନ୍ ଏଥିରୁ ଜବତ ହୋଇଥିଲା । ମିଳିଥିବା ସୂଚନା ଅନୁସାରେ, ୨୦୨୩ ମସିହା ଡିସେମ୍ବର ୨ ତାରିଖରେ ଏମ୍.ଭି ଦେବୀ ନାମକ ଏକ ପଣ୍ୟବାହୀ ଜାହାଜ ଇଣ୍ଡୋନେସିଆରୁ ପାରାଦ୍ୱୀପକୁ ଆସିଥିଲା । ପାରାଦ୍ୱୀପ ବନ୍ଦରରୁ ଷ୍ଟିଲ୍ ପ୍ଲେଟ ଲୋଡ୍ କରି ଡେନମାର୍କ ଯିବାର ଥିଲା । କିନ୍ତୁ ସେହି ଜାହାଜରେ ଭାରତରେ ନିଷିଦ୍ଧ ଡ୍ରଗ୍ସ କୋକେନ୍ ରହିଥିବା ଜଣା ପଡିବା ପରେ କଷ୍ଟମ ବିଭାଗ ଚଢ଼ଉ କରିଥିଲା । ଏହାପରେ ସେଥିରୁ ୨୨ଟି କୋକେନ୍ ପ୍ୟାକେଟ ଜବତ କରାଯାଇଥିଲା । ଭାରତରେ ଯାହାର ମୂଲ୍ୟ ୨୦୦ କୋଟିରୁ ଅଧିକ । ପରେ କଷ୍ଟମ ବିଭାଗ, ମେରାଇନ ପୋଲିସ ଓ ତଟରକ୍ଷୀ ବାହିନୀ ମିଳିତ ଭାବରେ ତଦନ୍ତ କରିବା ସହ ଜାହାଜକୁ ଅଟକ ରଖିଥିଲେ । ଏହି ଘଟଣାରେ କଷ୍ଟମ ବିଭାଗ କୁଜଙ୍ଗ କୋର୍ଟରେ କୋକେନର ସାମ୍ପୁଲ ସହ କ୍ରିଉ ମେମ୍ବରକୁ ହାଜର କରିଥିଲେ । ତଦନ୍ତ ନ ସରିବା ପର୍ଯ୍ୟନ୍ତ ଜାହାଜରେ ଥିବା ସମସ୍ତ କ୍ରିଉ ମେମ୍ବର (ନାବିକ) ଙ୍କ ସହ ଜାହାଜ କୁ ଅଟକ ରଖିବାକୁ କୁଜଙ୍ଗ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ପରେ ଏହି ମାମଲା ହାଇକୋର୍ଟକୁ ଯାଇଥିଲା । ପାରାଦ୍ୱୀପ ବନ୍ଦରର ଅଙ୍କରେଜରେ ଜାହାଜ ଟି ରହିଥିବାରୁ ମାସିକ ପ୍ରାୟ ୯୦ ଲକ୍ଷ ଟଙ୍କା ବ୍ୟୟ ହେଉଥିବା ଜାହାଜ କର୍ତ୍ତୃପକ୍ଷ କୋର୍ଟରେ ଜଣାଇଥିଲେ । ଏହାପରେ ଜାହାଜକୁ ପାରାଦ୍ୱୀପ ବନ୍ଦର ଠାରୁ ୫କିଲୋମିଟର ଦୂର ସମୁଦ୍ର ମଧ୍ୟରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାମଲାର ଚୂଡାନ୍ତ ରାୟ ନ ଆସିବା ପର୍ଯ୍ୟନ୍ତ ଜାହାଜକୁ ଜଗିବା ପାଇଁ ତଟରକ୍ଷୀ ବାହିନୀଙ୍କୁ କୋର୍ଟ ସେ ସମୟରେ ନିର୍ଦ୍ଦେଶ ଦେଇଥିଲେ । ଏହାରି ମଧ୍ୟରେ ୯ମାସ ବିତି ଯାଇଛି । କଷ୍ଟମ ବିଭାଗ ଏହି ଘଟଣାରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଜାହାଜ ସହିତ ସମସ୍ତ କ୍ରିଉ ମେମ୍ବର ସମୁଦ୍ର ମଧ୍ୟରେ ରହିଛନ୍ତି । ବୁଧବାର ହାଇକୋର୍ଟଙ୍କ ରାୟ ଆସିବା ପରେ ଗୁରୁବାର ଜାହାଜକୁ ପାରାଦ୍ୱୀପ ବନ୍ଦରକୁ ଅଣାଯାଇଥିବା ଜଣା ପଡ଼ିଛି ।

# ବସ୍-ଟ୍ୟାଙ୍କର ମୁହାଁମୁହିଁ ଧକ୍କା: ୫ ମୃତ, ୨୦ରୁ ଅଧିକ ଆହତ



ବ୍ରହ୍ମପୁର, ୨୨/୮ ନ୍ୟୁଜ ବ୍ୟୁରୋ

ଗଞ୍ଜାମ ଜିଲ୍ଲା ହିଞ୍ଜିଳି ନିକଟରେ ବଡ ଧରଣର ଦୁର୍ଘଟଣା ଘଟିଛି । ଏକ ଯାତ୍ରୀବାହୀ ବସ୍ ଓ ତେଲ ଟ୍ୟାଙ୍କର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ଘଟିଛି । ବସ୍‌ରେ ୨୦ରୁ ଅଧିକ ଯାତ୍ରୀ ଥିଲେ । ୫ ଗୁରୁତରଙ୍କ ସମେତ ସମସ୍ତଙ୍କୁ ସ୍ଥାନୀୟ 'ଏମକେସିଜି' ହସ୍ପିଟାଲରେ ଭର୍ତ୍ତି କରାଯାଇଛି । କିଛି ଯାତ୍ରୀ ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢିବାର ଆଶଙ୍କା ମଧ୍ୟ ପ୍ରକାଶ ପାଇଛି । ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ପୋଲିସ ଓ ଅନ୍ୟ ଜରୁରୀ ବିଭାଗର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଦୁର୍ଘଟଣାର କାରଣ ସମ୍ପର୍କରେ ଜଣାପଡିନି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, 'ଖମ୍ବେଶ୍ୱରୀ' ନାମକ ଏକ ଘରୋଇ ବସ୍ ଭବାନୀପାଟଣାର ମୁଖିଗୁଡାରୁ ବ୍ରହ୍ମପୁର ଅଭିମୁଖେ ଆସୁଥିଲା । ଗୁରୁବାର ଭୋର ସମୟରେ ହିଞ୍ଜିଳିର ସମରଝୋଳ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ୟାଙ୍କର ସହ ବସ୍‌ଟି ଧକ୍କା ହୋଇଥିଲା । ଏଥିରେ ଉଭୟ ଗାଡିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୂନା ହୋଇଯିବା ସହ ଓଟଲି ପଡିଥିଲା । ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ସ୍ଥାନୀୟ ପୋଲିସ ଓ ପ୍ରଶାସନକୁ ଅବଗତ କରିଥିଲେ । ସମସ୍ତ ଆହତ ଯାତ୍ରୀଙ୍କୁ ବସ୍‌ରୁ ବାହାର କରାଯାଇ ହସ୍ପିଟାଲକୁ ପଠାଇଛି ପ୍ରଶାସନ । ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୫ ଜଣ ବ୍ୟକ୍ତି ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡ଼ିଛି । ପୋଲିସ ସେମାନଙ୍କ ଚିହ୍ନଟ ପ୍ରକ୍ରିୟା ଜାରି ରଖିଛି । ଦୁଇଟି ଦୁର୍ଘଟଣାଗ୍ରସ୍ତ ଗାଡି ରାସ୍ତା ମଝିରେ ପଡିଥିବାରୁ ଯାତାୟାତ ପ୍ରଭାବିତ ହୋଇଛି । ପରେ ତଦନ୍ତ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ପୋଲିସ କହିଛି । ତେବେ ଏହି ଅଞ୍ଚଳରେ ବାରମ୍ବାର ସଡ଼କ ଦୁର୍ଘଟଣାରେ ଏଭଳି ଧନ ଜୀବନହାନୀ ହେଉଥିବା ବେଳେ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ମୃତକଙ୍କ ପରିବାରକୁ ୨ ଲକ୍ଷ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨/୦୮ ନ୍ୟୁଜ ବ୍ୟୁରୋ



ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅନ୍ତର୍ଗତ ସମରଝୋଳ ଛକରେ ଗୁରୁବାର ଭୋରରୁ ସଂଘଟିତ ସଡ଼କ ଦୁର୍ଘଟଣାରେ ଆହତ ହୋଇ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଚିକିତ୍ସିତ ହେଉଥିବା ବ୍ୟକ୍ତିମାନଙ୍କୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଭେଟିଛନ୍ତି । ମନ୍ତ୍ରୀ ଶ୍ରୀ ଜେନା ଆହତମାନଙ୍କ ଗହଣରେ ପହଞ୍ଚି ସେମାନଙ୍କ ଚିକିତ୍ସା ସଂପର୍କରେ ପଚାରି ବୁଝିଥିଲେ ଏବଂ ଡାକ୍ତରମାନଙ୍କ ସହିତ କଥା ହୋଇଥିଲେ । ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ । ଏପରି ଅଭାବନୀୟ ଘଟଣାରେ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୨ ଜଣ ଆହତ ହୋଇଥିବା ଦର୍ଶାଇ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ପ୍ରତି ମୃତକଙ୍କ ନିକଟ ସଂପର୍କୀୟଙ୍କୁ ୨ ଲକ୍ଷ ଓ ଆହତମାନଙ୍କୁ ପ୍ରତ୍ୟେକ ଏକ ଲକ୍ଷ ଟଙ୍କା ସହାୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସଡ଼କ ଦୁର୍ଘଟଣାର ବିଧିବଦ୍ଧ ତଦନ୍ତ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିବା ସହିତ ଏପରି ଘଟଣାର ପୁନରାବୃତ୍ତି ନହେବା ପାଇଁ ସବୁମତେ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ପରେ ମନ୍ତ୍ରୀ ଶ୍ରୀ ଜେନା ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ । ଜିଲ୍ଲା ପ୍ରଶାସନ ଆହତମାନଙ୍କୁ ସଂପୂର୍ଣ୍ଣ ସହାୟତା ଯୋଗାଇଦେବାକୁ ପ୍ରସ୍ତୁତ ରହିଛନ୍ତି ବୋଲି ମନ୍ତ୍ରୀ କହିଥିଲେ । ମନ୍ତ୍ରୀ ଶ୍ରୀ ଜେନାଙ୍କ ସହିତ ପରିବହନ କମିଶନର ଅମିତାଭ ଠାକୁର, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଉପଜିଲ୍ଲାପାଳ, ପରିବହନ ଓ ପୋଲିସ ବିଭାଗର ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ ।

# 'ଗଣତନ୍ତ୍ର ଓ ସମ୍ବିଧାନ ବଞ୍ଚାଅ' ପାଇଁ କଂଗ୍ରେସର ରଣହୁଙ୍କାର: ଇଡି ଅଫିସ ଘେରାଉ

ଭୁବନେଶ୍ୱର, ୨୨/୮
ନ୍ୟୁଜ ବ୍ୟୁରୋ



ରାଜଧାନୀରେ କଂଗ୍ରେସର ରଣହୁଙ୍କାର । 'ଗଣତନ୍ତ୍ର ବଞ୍ଚାଅ ଓ ସମ୍ବିଧାନ ବଞ୍ଚାଅ' ନାରା ଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ବିଶାଳ ଆନ୍ଦୋଳନ ସହ ଇଡି ଅଫିସ ଘେରାଓ କରିଥିଲା ପ୍ରଦେଶ କଂଗ୍ରେସ । ଶହ ଶହ କଂଗ୍ରେସ କର୍ମୀ ବିଶାଳ ସମାବେଶରରେ ଯୋଗ ଦେଇ ବିଜେପି ସରକାର ବିରୋଧରେ ରଣହୁଙ୍କାର ଦେଇ ଇଡି ଅଫିସ ଘେରାଉ କରିଥିଲେ । ପ୍ରଭାରୀ ଡକ୍ଟର ଅଜୟ କୁମାର କହିଛନ୍ତି, 'ଆକ୍ରୋଶମୂଳକ ଭାବରେ ବିରୋଧୀଙ୍କ ବିରୋଧରେ କେନ୍ଦ୍ର ସରକାର ସର୍ବଦା ଇଡି, ସିବିଆଇ ସଂସ୍ଥାକୁ ବ୍ୟବହାର କରୁଛନ୍ତି । ଜୋର ଜବରଦସ୍ତ କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଚାପ ପକାଇ ଜେଲ ପଠାଇବା ସହ ବିରୋଧୀଙ୍କ ମୁହଁ ବନ୍ଦ କରାଯାଉଛି । ଏଭଳି କରି ଗଣତନ୍ତ୍ରର ହତ୍ୟା କରିବା ସହ କେନ୍ଦ୍ର ସରକାର ସମ୍ବିଧାନକୁ ବିପଦରେ ପକାଉଛନ୍ତି । ତେଣୁ ସମ୍ବିଧାନର ସୁରକ୍ଷା ସହ ଗଣତନ୍ତ୍ର ବଞ୍ଚାଅ ଅଭିଯାନକୁ ନେଇ ସରକାରଙ୍କ ହାତ ବାରିସୀ ସାଜିଥିବା ସଂସ୍ଥା ବିରୋଧରେ ସମସ୍ତ ରାଜ୍ୟରେ ଇଡି ଅଫିସ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରାଯାଉଛି । ତେଣୁ ରାଜ୍ୟର ସମସ୍ତ କଂଗ୍ରେସ କର୍ମୀ, ନେତା, ବିଧାୟକ, ସାଂସଦ, ଯୁବ ଛାତ୍ର ନେତା ଏକାଠି ହୋଇ ଇଡି ଅଫିସ ଘେରାଉ କରିଥିଲେ । 'ହିଣ୍ଡେନବର୍ଗ ରିପୋର୍ଟ ଅନୁଯାୟୀ, ସେବି ସହିତ ଅଦାନି ଗ୍ରୁପର ଯେଉଁ ସମ୍ପର୍କ ରହିଛି ତାହା ସାଧାରଣରେ ଏବେ ଚର୍ଚ୍ଚାର ବିଷୟ ହୋଇଛି । କିନ୍ତୁ ଦୁଃଖର କଥା ଦୋଷୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ସେଥିପାଇଁ ଗୁରୁବାର ଇଡି ଅଫିସ ସମ୍ମୁଖରେ ରାଜ୍ୟ କଂଗ୍ରେସ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ବୋଲି କହିଛନ୍ତି ଷ୍ଟିୟରିଂ କମିଟି ସଦସ୍ୟ ମହମ୍ମଦ ମୋକିମ । ଓଡ଼ିଶା ପ୍ରଭାରୀ ଡ଼ଃ ଅଜୟ କୁମାରଙ୍କ ସମେତ କଂଗ୍ରେସର ବହୁ ବରିଷ୍ଠ ନେତା ଏଥିରେ ସାମିଲ ହୋଇଥିଲେ । ଗୁରୁବାର ଶହ ଶହ କଂଗ୍ରେସ କର୍ମୀ କେନ୍ଦ୍ର ଓ ରାଜ୍ୟ ସରକାର ବିରୋଧୀ ନାରା ଦେଇ ଘେରାଉ କରୁଥିବାବେଳେ ପୋଲିସ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । କଂଗ୍ରେସ କର୍ମୀ ବ୍ୟାରିକେଡ୍ ଡେଇଁ ଇଡି ଅଫିସ ଯିବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ସେମାନଙ୍କୁ ଗିରଫ କରିଛି । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ଆନ୍ଦୋଳନରତ କଂଗ୍ରେସ କର୍ମୀଙ୍କୁ ଗିରଫ କରିବା ପରେ ବିକ୍ଷୋଭ ଥମିଥିଲା । ବିକ୍ଷୋଭକାରୀ କହିଛନ୍ତି, ପୋଲିସର ଗିରଫ ପରେ ବି କଂଗ୍ରେସ ଚୁପ୍ ହୋଇ ବସିବ ନାହିଁ । ଆଗକୁ ଆନ୍ଦୋଳନକୁ ଅଧିକ ବ୍ୟାପକ କରାଯିବ । ଅପରପକ୍ଷେ କଂଗ୍ରେସର ଏହି ଆନ୍ଦୋଳନକୁ ନେଇ ମୁହଁ ଖୋଲିଛି ବିଜେପି । ବିଜେପି ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, କଂଗ୍ରେସର ଏହି ଆନ୍ଦୋଳନ 'ଲୁଟେରା ଓ ଦୁର୍ନୀତିଖୋରଙ୍କ ଆତ୍ମ ସୁରକ୍ଷା ଅଭିଯାନ । ଦୁର୍ନୀତି ଏବଂ କଳାଟଙ୍କାରେ ବୁଡ଼ିଛି କଂଗ୍ରେସ । ଇଡି ଅଫିସ ଘେରାଉ କେବଳ ଏକ ରାଜନୈତିକ କାର୍ଯ୍ୟକ୍ରମ । ଲୋକଙ୍କ ସ୍ୱାର୍ଥ ପାଇଁ ନୁହେଁ । ଅଭିଯୁକ୍ତମାନେ ହେଉଛନ୍ତି ତାଙ୍କ ଦଳର ନେତା । ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାକୁ କଂଗ୍ରେସର ଇଡି ଅଫିସ ଘେରାଉ ଏକ ନାଟକବାଜି ବୋଲି ଶ୍ରୀ ପାତ୍ର କହିଛନ୍ତି ।

# ଆସନ୍ତା ସେପ୍ଟେମ୍ବର ମାସରୁ ଆରମ୍ଭ ହୋଇପାରେ ଜନଗଣନା

ନୂଆଦିଲ୍ଲୀ, ୨୨/୮

ଆସନ୍ତା ସେପ୍ଟେମ୍ବର ମାସରୁ ଆରମ୍ଭ ହୋଇପାରେ ଜନଗଣନା । ପୁରା ପ୍ରକ୍ରିୟା ସରିବା ପାଇଁ ପ୍ରାୟ ୧୮ ମାସ ସମୟ ଲାଗିବ ବୋଲି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ୨୦୨୧ ସୁଦ୍ଧା ଜନଗଣନା କରିବା ପାଇଁ ସ୍ଥିର ହୋଇଥିଲେ ମଧ୍ୟ କୋଭିଡ ମହାମାରୀ ଯୋଗୁଁ ଏହା ବିଳମ୍ବ ହୋଇଛି । ବର୍ତ୍ତମାନ ୨୦୧୧ ଜନଗଣନା ଅନୁଯାୟୀ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଉଛି । ଗୃହ ମନ୍ତ୍ରଣାଳୟ ଓ ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ୧୫ବର୍ଷର ଜନଗଣନା କରାଯାଇ ମାର୍ଚ୍ଚ ୨୦୨୬ ସୁଦ୍ଧା ରିପୋର୍ଟ ପ୍ରକାଶ ପାଇବ । ଜାତିସଂଘ ପକ୍ଷରୁ ଗତବର୍ଷ ପ୍ରକାଶ ପାଇଥିବା ରିପୋର୍ଟରେ ଜନସଂଖ୍ୟାରେ ଚୀନକୁ ଟପି ଭାରତ ଆଗରେ ରହିଛି ।

## ୯ ଜିଲ୍ଲାରେ ସୁନାଖଣି ଥିବା ନେଇ ବିଧାନସଭାରେ ଖଣି ମନ୍ତ୍ରୀଙ୍କ ସୂଚନା

ଭୁବନେଶ୍ୱର, ୨୨/୮
ନ୍ୟୁଜ ବ୍ୟୁରୋ

ଓଡ଼ିଶାରେ ରହିଛି ସୁନା ଖଣି । ଦେବଗଡ଼ ଓ କେନ୍ଦୁଝର ଜିଲ୍ଲାରେ ସୁନା ଖଣି ଥିବାର ସନ୍ଧାନ ମିଳିଛି । ଦେବଗଡ଼ ଜିଲ୍ଲା ଆଡାସ-ରାମପାଲ୍ଲୀ ଅଞ୍ଚଳରେ ଏହି ସୁନା ଗଚ୍ଛିତ ଅଛି । କେନ୍ଦୁଝରର ଗୋପୁର-ଗାଜିପୁର ଅଞ୍ଚଳରେ ମଧ୍ୟ ସୁନା ଖଣି ସନ୍ଧାନ ମିଳିଥିବାର ପ୍ରନ୍ତାତ୍ତ୍ୱିକ ବିଭାଗ ପକ୍ଷରୁ କୁହାଯାଇଛି । ଗୁରୁବାର ବିଧାନସଭାରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଏହି ଉତ୍ତର ରଖିଛନ୍ତି ଖଣି ମନ୍ତ୍ରୀ ବିଭୂତି ଜେନା । ଖଣି ମନ୍ତ୍ରୀ କହିଛନ୍ତି, ଦେବଗଡ଼ ଜିଲ୍ଲା ଆଡାସ-ରାମପାଲ୍ଲୀ ଅଞ୍ଚଳରେ ସୁନା ଖଣିର ସନ୍ଧାନ ମିଳିଛି । ସେହିପରି କେନ୍ଦୁଝର ଜିଲ୍ଲାର ଗୋପୁର-ଗାଜିପୁର ଅଞ୍ଚଳରେ ସୁନା ଗଚ୍ଛିତ ରହିଛି । ମାଙ୍କଡ଼ଚୁଆଁ, ସଲେଇକଣା ଓ ଡ଼ିମିରିମୁଣ୍ଡା ଅଞ୍ଚଳରେ ସୁନା ଖଣି ପାଇଁ ଚିହ୍ନଟ ଚାଲିଛି । ମୟୂରଭଞ୍ଜ ଜିଲ୍ଲାର ଯଶିପୁର, ସୁରିଆଗୁଡା, ରୁଆଁସୀ, ଇଡେଲକୁଚା, ମାରେଡିହି ଓ ସୁଲେଇପାଟ ଏବଂ ବାଦାମପାହାଡ଼ ଅଞ୍ଚଳରେ ସୁନା ଖଣି ଅନ୍ୱେଷଣ କରାଯାଉଛି ।'' ଏହାସହିତ ସୁନ୍ଦରଗଡ଼, ନବରଙ୍ଗପୁର, ଅନୁଗୋଳ, କୋରାପୁଟ, ମାଲକାନଗିରି, ସମ୍ବଲପୁର, ବୌଦ୍ଧ ଜିଲ୍ଲାର କେତେକ ସ୍ଥାନରେ ମଧ୍ୟ ସୁନା ଖଣି ଥିବା ସୂଚନା ମିଳିଛି । ଏବେ ଏହି ଖଣିଜ ବ୍ଲକକୁ ନିଲାମ ପାଇଁ ପ୍ରସ୍ତୁତ କରାଯାଉଛି ବୋଲି ଗୃହରେ ସୂଚନା ଦେଇଛନ୍ତି ଖଣି ମନ୍ତ୍ରୀ ବିଭୁତି ଜେନା । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଫେବୃୟାରୀରେ ତତ୍କାଳୀନ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମଧ୍ୟ ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ସୁନା ଖଣି ଥିବା ବିଧାନସଭାରେ ସୂଚନା ଦେଇଥିଲେ । ଦେବଗଡ଼ ଆଡାସ ଅଞ୍ଚଳରେ ସୁନା ଖଣି ସାଙ୍ଗକୁ କପର, ରୂପା, ନିକେଲ ଆଦି ରହିଛି । ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଥିବା ମନ୍ତ୍ରୀ କହିଥିଲେ । ବର୍ତ୍ତମାନର ଖଣି ମନ୍ତ୍ରୀ ବିଭୂତି ଜେନା ଏହି ତିନି ଜିଲ୍ଲା ବ୍ୟତୀତ ରାଜ୍ୟର ଆହୁରି ଅନେକ ଜିଲ୍ଲାରେ ସୁନା ଖଣି ଥିବା ବିଧାନସଭାରେ ଜଣାଇଛନ୍ତି ।

# ଓଡ଼ିଶାକୁ ପ୍ରବେଶ କଲା ପଶ୍ଚିମବଙ୍ଗର ଆଳୁ ଟ୍ରକ୍

ଭୁବନେଶ୍ୱର, ୨୨/୮ ନ୍ୟୁଜ ବ୍ୟୁରୋ

ଓଡ଼ିଶାରୁ ଦୂର ହେବ ଆଳୁ ସଙ୍କଟ । ଓଡ଼ିଶାକୁ ପ୍ରବେଶ କଲା ପଶ୍ଚିମବଙ୍ଗର ଆଳୁ ଟ୍ରକ୍ । ଉଭୟ ରାଜ୍ୟର ସରକାର ଓ ବ୍ୟବସାୟୀଙ୍କ ମଧ୍ୟରେ ସଫଳ ହୋଇଛି ଆଲୋଚନା । ସୀମାରେ ଅଟକି ରହିଥିବା ଆଳୁ ଟ୍ରକ୍ ଓଡ଼ିଶାରେ ପ୍ରବେଶ କରିଛି । ପଶ୍ଚିମବଙ୍ଗ ସୀମାନ୍ତ ସୋନାକଣିଆ ନିକଟରେ ଥିବା ପଶ୍ଚିମବଙ୍ଗର ନାକା ପଏଣ୍ଟକୁ ହଟାଇ ଦିଆ ଯାଇଛି । ଫଳରେ ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଲକ୍ଷ୍ମଣନାଥ ଚେକ୍‌ପୋଷ୍ଟ ଦେଇ ଓଡ଼ିଶାକୁ ଗୁରୁବାର ରାତିରେ ବହୁ ସଂଖ୍ୟାରେ ଆଳୁ ଗାଡି ପ୍ରବେଶ କରିଛି । ଓଡ଼ିଶା - ପଶ୍ଚିମବଙ୍ଗ ସୀମାନ୍ତରେ ଅଟକି ରହିଥିବା ଆଳୁ ଟ୍ରକ୍ ଓଡ଼ିଶାରେ ପ୍ରବେଶ କରିଛି । ବୁଧବାର ପଶ୍ଚିମବଙ୍ଗ ସରକାରଙ୍କ ଆଳୁ ବ୍ୟବସାୟୀମାନଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ତେଣୁ ଆଳୁ ପାଇଁ ଚାଲିଥିବା ଧର୍ମଘଟକୁ ପ୍ରତ୍ୟାହାର କରି ନେଇଛନ୍ତି ଆଳୁ ବ୍ୟବସାୟୀ । ତେବେ ପଶ୍ଚିମବଙ୍ଗର ଆଳୁ ଟ୍ରକ୍ ଓଡ଼ିଶା ପହଞ୍ଚିବା ପରେ ଶୁକ୍ରବାର ଠାରୁ ଆଳୁ ଦାମ କମିବ ବୋଲି ଆଶା କରାଯାଉଛି ।